READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୬ ସଂଖ୍ୟା-୨୯ ୧ - ୭ ଅଗଷ୍ଟ, ୨୦୨୨ ଭୁବନେଶ୍ୱର Monday Weekly VOL-6 ISSUE-29 1st - 7th AUGUST, 2022 BHUBANESWAR ₹ 5/- (8 Pages)

### ଗଣମାଧ୍ୟମକୁ ସୁପ୍ରିମକୋର୍ଟଙ୍କ ପରାମର୍ଶ

## ସୀମା ଭିତରେ ରୁହ



**ନୂଆଦିଲ୍ଲୀ :** ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଏକପାଖିଆ ରିପୋର୍ଟକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ବିଶେଷ କରି ଗୋଟିଏ ନ୍ୟୁଜ ରିପୋର୍ଟରେ ବିଚାରପତିଙ୍କୁ ଟର୍ଗେଟ କରଯାଇଥିବାରୁ ସୁପ୍ରିମକୋର୍ଟ ମିଡିଆକୁ ସୀମା ଭିତରେ ରହିବାକୁ ପରାମର୍ଶ ଦେଇଛନ୍ତି। ବିଚାରପତିଙ୍କୁ ଟାର୍ଗେଟ କରିବାର ଗୋଟିଏ ସୀମା ରହିଛି। ତା' ମଧ୍ୟରେ ରହି ଆପଣମାନେ ସବୁ କାମ କରନ୍ତୁ ବୋଲି କୋର୍ଟ କହିଛନ୍ତି। ବିଭିନ୍ନ ଖ୍ରୀଷ୍ଟିଆନ ସଂପ୍ରଦାୟର ଅନୁଷ୍ଠାନ ଉପରେ ଆକ୍ରମଣ ଘଟଣା ବଢୁଥିବା ବେଳେ ଏହା ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରାଯାଇଛି। କିନ୍ତୁ କୋର୍ଟ ଏହାର ଶୁଣାଣିରେ ବିଳମ୍ବ କରିଥିବାରୁ ଗୋଟିଏ ମିଡିଆ ହାଉସ ବିଚାରପତିଙ୍କୁ ପରୋକ୍ଷରେ ଟାର୍ଗେଟ କରିଥିଲା। ଉକ୍ତ ଆବେଦନର ଶୁଣାଣି ବେଳେ ➤ ପୃ-୬

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନିତି ଆୟୋଗ ପ୍ରତିନିଧି ଦଳ

## ପୁଣି ଉଠିଲା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି



**ଭୁବନେଶ୍ୱର :** ନିତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଓଡ଼ିଶା ଗସ୍ତରେ ଆସି ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହାସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ନିତି ଆୟୋଗ ପରିଚାଳନା ପରିଷଦ ବୈଠକରେ ଯୋଗ ଦେବାକୁ ଆନୁଷ୍ଠାନିକ ଆମନ୍ତ୍ରଣ କରିଛନ୍ତି। ଏହି ଅବସରରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି ଉପସ୍ଥାପିତ ହୋଇଛି। ନିତି ଆୟୋଗ ଉପାଧ୍ୟକ୍ଷ ➤ ପୃ-୬

### ବଦଳିଲା ଭୋଟ ପରିଚୟପତ୍ର ନିୟମ

## ଏଣିକି ଆବେଦନ ବୟସ ୧୭



**ନୂଆଦିଲ୍ଲୀ :** ଭୋଟର ତାଲିକାରେ ନିଜ ନାଁ ପଞ୍ଜୀକରଣ କରିବାକୁ ଆଉ ୧୮ ବର୍ଷ ବୟସ ହେବା ଯାଏ ଅପେକ୍ଷା କରିବାକୁ ପଡ଼ିବନି। ଯେଉଁମାନଙ୍କୁ ୧୭ ବର୍ଷ ହୋଇଯାଇଛି, ସେମାନେ ଚାହିଁଲେ ଭୋଟ ପରିଚୟପତ୍ର ପାଇଁ ଆବେଦନ କରିପାରିବେ। ଏହି ନୂଆ ନିୟମ ସମ୍ପର୍କରେ ଘୋଷଣା କରିଛନ୍ତି ଭାରତୀୟ ନିର୍ବାଚନ କମିଶନ। ଏନେଇ ଉପଯୁକ୍ତ ବ୍ୟବସ୍ଥା କରିବାକୁ ସବୁ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଦେଶର ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର। ପୂର୍ବରୁ ପ୍ରଚଳିତ ନିୟମ ଅନୁଯାୟୀ, ଜଣଙ୍କୁ ୧୮ ବର୍ଷ ହେବା ପରେ ହିଁ ସେ ନିଜର ଭୋଟର ପରିଚୟ ପତ୍ର ପାଇଁ ଆବେଦନ କରିପାରୁ ଥିଲେ। ଏକ ନିର୍ଦ୍ଦିଷ୍ଟ ବର୍ଷର ଜାନୁଆରୀ ୧ କିମ୍ବା ତା' ପୂର୍ବରୁ ୧୮ ବର୍ଷ ପୂରଣ କରିଥିବା ➤ ପୃ-୬

### ଜଙ୍ଗଲ ସଂରକ୍ଷଣ ନିୟମାବଳୀ-୨୦୨୨ ସଂଶୋଧନ ପ୍ରତ୍ୟାହାର ପାଇଁ ପ୍ରତିବାଦ

## ଘାରିଲା ଆଦିବାସୀ ସୁରକ୍ଷା ଚିନ୍ତା




**ଭୁବନେଶ୍ୱର:** କେନ୍ଦ୍ରରେ ଶାସନାଧିନ ଏନ୍‌ଡିଏ ଜଣେ ମହିଳା ଆଦିବାସୀଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଚୟନ କଲେ, ରାଜ୍ୟରେ ଶାସନ କରୁଥିବା ବିଜେଡି ଅକୁଣ୍ଠ ସମର୍ଥନ କଲା। ଏଭଳି କି ଓଡିଶାରୁ ଜଣେ ମହିଳା ଆଦିବାସୀ ଭାରତର ସର୍ବୋଚ୍ଚ ଆସନ ତଥା ରାଷ୍ଟ୍ର ମୁଖ୍ୟ ଆସନ ପାଇଁ ପ୍ରତିନିଧିତ୍ୱ କରୁଥିବାରୁ ରାଜ୍ୟର ବିପକ୍ଷ ଦଳଗୁଡିକର ସମର୍ଥନ ମାଗିଲା ବିଜେଡି। ଓଡିଆ ଝିଅ ଦ୍ରୌପଦୀ ମୁର୍ମୁ ଭାରତର ରାଷ୍ଟ୍ରପତି ହେଲେ। ଓଡିଶା ପାଇଁ ଏହା ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ। ତେବେ ଅନ୍ୟପକ୍ଷେ ଭାରତର ବଡ ବଡ ଶିଳ୍ପପତିମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଦିବାସୀମାନଙ୍କ ଅଧିକାର, ସୁରକ୍ଷା, ଜୀବନ, ଜୀବୀକାକୁ ଜଳାଂଜଳୀ ଦେଇ କେନ୍ଦ୍ର ସରକାର ଜଙ୍ଗଲ ସଂରକ୍ଷଣ ନିୟମାବଳୀ-୨୦୨୨ ଆଇନ ଆଣୁଛନ୍ତି। ରାଜ୍ୟର ଲକ୍ଷ ଲକ୍ଷ ଆଦିବାସୀ ପରିବାରଙ୍କ ପାଇଁ ଓଡିଶା ସରକାର ମଧ୍ୟ ଏହି ସଂଶୋଧନ ଆଇନକୁ ବିଷୟରେ ପ୍ରତିବାଦ କରି ନାହାଁନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ଏଭଳି ଢଙ୍ଗରେ ଗୁରୁବାର ଓଡିଶା ବିଧାନସଭା ସମ୍ମୁଖ ଧାରଣା ସ୍ଥଳରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଅନେକ ଆଦିବାସୀ ଏବଂ କିଛି ସଂଗଠନ ଏକତ୍ରିତ ହୋଇ ଜଙ୍ଗଲ ସଂରକ୍ଷଣ ନିୟମାବଳୀ- ୨୦୨୨ ଆଇନ ବିରୋଧରେ ଦୃଢ ପ୍ରତିବାଦ କରିଥିଲେ। ସୂଚନାନୁସାରେ, କେନ୍ଦ୍ର ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ ଜଙ୍ଗଲ ସଂରକ୍ଷଣ ଆଇନ -୧୯୮୦ର ପରିବର୍ତ୍ତନ ପାଇଁ ଜଙ୍ଗଲ ସଂରକ୍ଷଣ ନିୟମାବଳୀ -୨୦୨୨ ଆଦିବାସୀ ଓ ପରିବେଶ ବିରୋଧୀ ବୋଲି ମର୍ଯ୍ୟାଦାର ସହ ବଞ୍ଚିବାର ଅଭିଯାନ (ସି.ଏସ.ଡି) ପକ୍ଷରୁ ଅଭିଯୋଗ କରାଯାଇଛି। ବିଧାନସଭା ସମ୍ମୁଖରେ ଗୁରୁବାର ଆୟୋଜିତ ଏକ ବିକ୍ଷୋଭ ତଥା ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ମାଧ୍ୟମରେ ଏହି ଜନ ବିରୋଧୀ ତଥା ଆଦିବାସୀ ବିରୋଧୀ ସଂଶୋଧନ ଅବିଳମ୍ବେ ପ୍ରତ୍ୟାହାର କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ସଂଗଠନର ନେତୃବୃନ୍ଦ କହିଛନ୍ତି ଯେ, ଏହି ନିୟମାବଳୀର ସଂଶୋଧନ ଅନୁମୋଦନ ହୋଇଗଲେ ➤ ପୃ-୬

GLOBAL FOREST WATCH

## ଓଡିଶାରେ ୧୮୦ ବର୍ଗ କିମି ପ୍ରାକୃତିକ ଜଙ୍ଗଲ ସଫା



**ଭୁବନେଶ୍ୱର,(ଦିଲୀପ ସାବତ):** ଗତ ୨୦ ବର୍ଷ ମଧ୍ୟରେ ଓଡିଶାରୁ ୧୮୦ ବର୍ଗ କିଲୋମିଟର (୧୮୦୦୦ ହେକ୍ଟର) ପ୍ରାକୃତିକ ଜଙ୍ଗଲ ଲୋପ ପାଇଛି ବୋଲି ଏକ ରିପୋର୍ଟ ଦର୍ଶାଇଛି। କେବଳ ୨୦୨୧ ବର୍ଷରେ ରାଜ୍ୟର ହ୍ରାସ ପାଇଛି। ଜିଏଫ୍‌ଡବ୍ଲୁ ପ୍ରତିଷ୍ଠାନର ତଥ୍ୟ ଅନୁସାରେ, ୨୦୧୦ସୁଦ୍ଧା ରାଜ୍ୟରେ ୧.୮୫ ମିଲିୟନ ହେକ୍ଟର ପ୍ରାକୃତିକ ଜଙ୍ଗଲ ଥିଲା, ଏହା ୨୦୨୧ ବେଳକୁ ୪.୬୭ ହଜାର ହେକ୍ଟରକୁ ହ୍ରାସ ପାଇଛି। ଅର୍ଥାତ୍ ୧୦ ବର୍ଷ ମଧ୍ୟରେ ପ୍ରାୟ

### ବର୍ଷକରେ ୨୭୦,୦୦୦ ହେକ୍ଟର ଅଞ୍ଚଳରେ ଲାଗିଛି ନିଆଁ

### ଉତ୍ତର-ପୂର୍ବ ରାଜ୍ୟରେ ୪,୩୫୦ ବର୍ଗ କିମି ଜଙ୍ଗଲ କ୍ଷୟ

୨୭୦ ହଜାର ହେକ୍ଟର ଅଞ୍ଚଳରେ ନିଆଁ ଲାଗିଥିବା ରିପୋର୍ଟ ଦର୍ଶାଇଛି। ଗ୍ଲୋବାଲ ଫରେଷ୍ଟ ୱାଚ୍ (ଜିଏଫ୍‌ଡବ୍ଲୁ) ନାମକ ଏକ ପ୍ରତିଷ୍ଠାନ ଓଡିଶାର ଏହି ତଥ୍ୟ ରଖିଛି। ପ୍ରତିଷ୍ଠାନ ତାର ରିପୋର୍ଟରେ ଦର୍ଶାଇଛି ଯେ ଭାରତରେ ସବୁଠାରୁ ଅଧିକ ଉତ୍ତର-ପୂର୍ବ ରାଜ୍ୟଗୁଡିକରେ ପ୍ରାକୃତିକ ଜଙ୍ଗଲର ଅବକ୍ଷୟ ଘଟିଛି। ଏହି ରାଜ୍ୟଗୁଡିକରେ ଗତ ୨୦ ବର୍ଷ ମଧ୍ୟରେ ପ୍ରାୟ ୪,୩୫୦ ବର୍ଗ କିଲୋମିଟର ପ୍ରାକୃତିକ ଜଙ୍ଗଲ ୪୦୬୭ ହେକ୍ଟର ପ୍ରାକୃତିକ ଜଙ୍ଗଲ ଲୋପ ପାଇଛି। କ୍ଷୟ ହୋଇଥିବା ଜଙ୍ଗଲ ୨.୦୧ ମିଲିୟନ ଟନ୍ ଅମ୍ଳଜାନ ସହିତ ସମାନ ବୋଲି ରିପୋର୍ଟ କହୁଛି। ସେହିଭଳି ୨୦୦୨ରୁ ୨୦୨୧ ମଧ୍ୟରେ ଓଡିଶାରେ ୧୮.୧କେଏଚ୍‌ଏ ଆଦ୍ର ପ୍ରାଥମିକ ଜଙ୍ଗଲ ବିଲୋପ ଘଟିଛି। ଯାହା ଏହାର ମୋଟ ବୃକ୍ଷ ଆବରଣର ୧୫ ପ୍ରତିଶତ ଅଟେ ଏବଂ ଏହି ସମାନ ସମୟ ମଧ୍ୟରେ ଓଡିଶାର ଆଦ୍ର ପ୍ରାଥମିକ ଜଙ୍ଗଲର କ୍ଷେତ୍ର ୪.୮ ପ୍ରତିଶତ ହ୍ରାସ ପାଇଛି। ସେହିଭଳି ନିଆଁ ଲାଗିବା ସମ୍ପର୍କରେ କୁହାଯାଇଛି କି ଓଡିଶାରେ ୨୦୨୧ ମସିହାରେ ସବୁଠାରୁ ଅଧିକ ଅଞ୍ଚଳ ନିଆଁରେ ଜଳିଛି। ଏହି ବର୍ଷ ୨୭୦ ହଜାର ହେକ୍ଟର ଜମିରେ ନିଆଁ ଲାଗିଛି। ରିପୋର୍ଟ ଦର୍ଶାଇଛି, ଓଡିଶାରେ ପ୍ରାୟତଃ ଫେବୃଆରୀ ଶେଷ ବେଳକୁ ୧୩ ସପ୍ତାହ ଧରି ନିଆଁ ଲାଗିଥାଏ। ୨ ଅଗଷ୍ଟ ୨୦୨୧ରୁ ୨୫ ଜୁଲାଇ ୨୦୨୨ ମଧ୍ୟରେ ୫୭୮ ଗୋଟି ଅଗ୍ନିକାଣ୍ଡ ଅଲର୍ଟ ରିପୋର୍ଟ ହୋଇଥିବା କୁହାଯାଇଛି। ତେବେ ୨୯ ଜୁଲାଇ ୨୦୧୯ ଏବଂ ୨୫ ଜୁଲାଇ ୨୦୨୨ ମଧ୍ୟରେ ସମୁଦାୟ ୫୦୯୬ଟି ➤ ପୃ-୬

### ବକ୍ରବାଣୀ



ଗଞ୍ଜୋଡ଼ ପଚାରେ ଅନୁଭାଇକି
ଦିହେଁ ତ ସମାନ ନାଲୁଆ
କେଡ଼େ ବାଗେ ତୁ ମଜା ନଉଅଛୁ
ମୁଁ ଶୋଇଚି ସେକା ଖାଇକି
ଅନୁଭାଇ କହେ ଶୁଣେ ଗଞ୍ଜୋଡ଼
କାହିଁକି ତୁ ଖାଇଲୁ ମାଡ଼
ଯାଉଥିଲୁ ଯଦି ଚେନ୍ନାଇ ବୁଲି
କହିଲୁନି ସଞ୍ଜୁଭେୟାକୁ ଖୋଲି।

——— ଟୁଟୁ

### ବିଧାୟକ ଅନୁଦାନ ପାଣ୍ଠି

## ମନ୍ଦିର ନାଁରେ ଖାଇଦେଲେ ଠିକାଦାର



**ନବରଙ୍ଗପୁର :** ବିକାଶ ନାରେ ହରିଲୁଟ ଚାଲିଛି। ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଚାଲିଥିବା ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ବିଧାୟକ ପାଣ୍ଠି ହେଉ ବା ସାଂସଦ ପାଣ୍ଠିରୁ ଆସୁଥିବା ଲକ୍ଷ ଲକ୍ଷ ଟଙ୍କାର ପ୍ରକଳ୍ପ ରୂପାୟନ କରାଯାଉଛି। ଠିକ୍ ଜାଗାରେ ବିନିଯୋଗ କରି ସାଧାରଣ ଲୋକଙ୍କ ଅଭିଯୋଗ ଓ ନିଜେ ନିଜର ନିର୍ବାଚନ ମଣ୍ଡଳୀର ଉନ୍ନତି କରଣ ନିମନ୍ତେ, ବିଧାୟକ ନିଜ ନିର୍ବାଚନ ମଣ୍ଡଳୀ ପ୍ରତ୍ୟେକ ଗାଁରେ ଥିବା ଧର୍ମ ଅନୁଷ୍ଠାନ ଗୁଡିକ ଉନ୍ନତି କରଣ ନିମନ୍ତେ ୧ଲକ୍ଷ ଟଙ୍କା ରୁ ୨ଲକ୍ଷ ଟଙ୍କା ନିଜସ୍ୱ ପାଣ୍ଠିରୁ ଅର୍ଥ ଦେଉଛନ୍ତି। ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଚାଗାଁ ପଞ୍ଚାୟତ କପୁର ଶିବମନ୍ଦିର ମରାମତି ନିମନ୍ତେ ଆସିଥିବା ଦୁଇ ଲକ୍ଷ ଟଙ୍କା ମନ୍ଦିର ରେ ଗୋଟିଏ ଟଙ୍କା ମଧ ଖର୍ଚ୍ଚ ନ କରି ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ବିଲ୍ ଉଠାଇ ନେଇଥିବା ଗୁରୁତର ଅଭିଯୋଗ ମନ୍ଦିର ପୂଜକ ବିଭୁ ପଦାରବିନ୍ଦ ରଥ ପ୍ରକାଶ କରିଛନ୍ତି। ମନ୍ଦିର ପୁନଃ ନିର୍ମାଣ ଆରମ୍ଭରୁ ଆଜିଯାଏ ସେ ଖର୍ଚ୍ଚ ହୋଇଥିବା ଟଙ୍କାର ଆଦାୟ ଓ ଖର୍ଚ୍ଚର ବିବରଣୀ ମୋ ପାଖରେ ଅଛି। ମୁଁ ଭକ୍ତ ଙ୍କ ଠାରୁ ଅର୍ଥ ମାଗି ବିକାଶ କାର୍ଯ୍ୟ କରୁଛି, ଏବେ ମଧ ମନ୍ଦିରର ଗେଟ ଆଦି ଲଗାଇ ଅର୍ଥ ଦେବାକୁ ବାକି ଅଛି ବୋଲି କହିଛନ୍ତି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମନ୍ଦିର କୁ ଆସି ପାଣ୍ଠି ଦେବାକୁ ପ୍ରତିଶୃତି ଦେଇଥିଲେ। ଅଥଚ ଟଙ୍କା ଆସି ବିଲ୍ ଉଠିଲାଣି ମୋ ପାଖରେ ଖବର ନାହିଁ। ସବୁଠାରୁ ବଡ଼ କଥା ବିଧାୟକ ମନ୍ଦିର କିମ୍ବା ଗୀର୍ଜା ନିର୍ମାଣ କରିବାକୁ ଅନୁଦାନ ପାଇଁ ଅନୁରୋଧ କଲେ, ସେ କମିଟି ର ସଭାପତି ସମ୍ପାଦକ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନଙ୍କୁ ଡାକି ବିଚାର କରି ଅନୁଦାନ ଦେଇଥାନ୍ତି।ସେ କସ୍ମିନ କାଳେ ଭୁଲ କରନ୍ତି ନାହି। ମନ୍ଦିର ଗୀର୍ଜା ପାଇଁ ତାଙ୍କ କମିଟିର କର୍ମକର୍ତ୍ତାଙ୍କ ନାମରେ ହିଁ ଅନୁଦାନ ଦେବାର ବିଧାୟକ ନିୟମ କରିଛନ୍ତି। ଏହି ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ ବି କରିଛନ୍ତି। ହେଲେ ମନ୍ଦିର କାମରେ ➤ ପୃ-୬

## କାଗଜ କଲମରେ ଚାଲିଛି ଲୁଣା ଜଙ୍ଗଲ ସୁରକ୍ଷା



**ଅସ୍ତରଙ୍ଗ :** ଅସ୍ତରଙ୍ଗ ଉପକୂଳ ଅଞ୍ଚଳ ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳ ଅଟେ। ଏହି ଅଞ୍ଚଳରଜନସାଧାରଣ ମାନେ ସବୁବେଳେ ପ୍ରାକୃତିକ ବିପର୍ଯ୍ୟୟକୁ ଭୟ କରିବା ସହିତ ଧର୍ଯ୍ୟର ସହିତ ମୁକାବିଲା କରନ୍ତି। ଅସ୍ତରଙ୍ଗ ବନଖଣ୍ଡ ଅଞ୍ଚଳରେ ବହୁତ ଲୁଣା ଜଙ୍ଗଲ ଥିଲା ଯାହାକି ବିପର୍ଯ୍ୟସ୍ତ ସମୟରେ କ୍ଷୟ କ୍ଷତିରୁ ସାହାଯ୍ୟ କରୁଥିଲା। କାଳକ୍ରମେ ଏହା ରକ୍ଷଣାବେକ୍ଷଣ ଦାୟିତ୍ୱ ଅଭାବରୁ ଆସ୍ତେ ଆସ୍ତେ ଲୋପ ପାଇବାକୁ ବସିଲାଣି। ହେନ୍ତାଳ ବଣ ଆଉ ଦେଖିବାକୁ ମିଳୁନାହିଁ। ଦେବୀ ମୁହାଣ ଠାରୁ କେଳୁଣୀ ମୁହାଣ ପର୍ଯ୍ୟନ୍ତ ଥିବା ଏହି ଲୁଣା ଜଙ୍ଗଲକୁ କାଟି ଧ୍ୱଂସ କରି ସାରିଲେଣି। ଏହାକୁ ରୋକିବାରେ ବନବିଭାଗ ପକ୍ଷରୁ କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ବିସ୍ମୟ ପ୍ରକାଶ ପାଇଛି। ଆଶ୍ଚର୍ଯ୍ୟର ପ୍ରତି ବର୍ଷ ଲୁଣା ଜଙ୍ଗଲ ସୁରକ୍ଷା ବ୍ୟବସ୍ଥା ପାଇଁ କିଛି ସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ କର୍ମଶାଳା ଆୟୋଜନ କରି ଶପଥ ପାଠ କରାଇ ବନ ବିଭାଗ ନିଜର ଦାୟିତ୍ୱ ତୁଲାଇ ଥାଆନ୍ତି । ହେନ୍ତାଳ ବଣ ସୃଷ୍ଟି କରିବାରେ ବିଭାଗୀୟ ଆନ୍ତରିକତା ପ୍ରକାଶ ପାଉନାହିଁ। ଯେତିକି ଲୁଣା ଜଙ୍ଗଲ ଅଛି ତାକୁ ନଷ୍ଟ କରାଯାଉଥିବା ବେଳେ ଜଙ୍ଗଲ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ।କିନ୍ତୁ ବାସ୍ତବରେ ବିଭାଗ ପକ୍ଷରୁ ଯାହା କରିବା କଥା ତାହା କେବଳ କାଗଜ କଲମରେ ସୀମିତ ରହିଯାଏ। ➤ ପୃ-୬




## ଭୁଲ ମାଷ୍ଟର ପ୍ଲାନ; ଗୃହ ନିର୍ମାଣ ପାଇଁ ଚିନ୍ତା ବଢୁଛି




**ବାରିପଦା, (ବିଜୁ ସିଂ):** ରାଜା ରାଜୁଡା ଅମଳରୁ ବସିଥିବା ବାରିପଦା ସହର ଏକ ସମୃଦ୍ଧ ପ୍ଲାନିଂ ସହର ଭାବରେ ଗଣା ହେଉଥିଲା। ଓଡିଶାର ସର୍ବପୁରାତନ ବାରିପଦା ମୁନିସିପାଲଟି ୧୯୦୫ ମସିହାରେ ତତ୍କାଳୀନ ମୟୂରଭଂଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ସ୍ଥାପିତ ହେବା ସହ ବାରିପଦାକୁ ଏକ ସୁବ୍ୟବସ୍ଥିତ ସହର ଭାବରେ ଗଢିତୋଳିବା ପାଇଁ ମହାରାଜା ସେତେବେଳେ ବାହାର ରାଜ୍ୟରୁ ଏବଂ ବିଦେଶରୁ ଇଂଜିନିୟର ଓ ଆର୍କିଟେକ ମାନଙ୍କୁ ନିଯୁକ୍ତ କରି ସହରର ରାସ୍ତାଘାଟ, ଡ୍ରେନେଜ ଆଦିର ସୁବ୍ୟବସ୍ଥା କରିଥିଲେ। ସ୍ୱାଧିନତା ପରବର୍ତ୍ତୀ ମୟୂରଭଞ୍ଜ ମିଶ୍ରଣ ପରେ ମୟୂରଭଞ୍ଜଜ ରାଜ୍ୟ ଓଡିଶାର ଜିଲ୍ଲା ଭାବରେ ପରିଗଣିତ ହେଲା। ଓଡିଶା ଟାଉନପ୍ଲାନି ଏଣ୍ଡ ଇମପ୍ରୁଭମେଣ୍ଟ ଟ୍ରଷ୍ଟ ଆକ୍ଟ ୧୯୫୬ ଆଧାରରେ ସହର ଗୁଡିକୁ ସୁବ୍ୟବସ୍ଥିତ କରିବାର ନିୟମ ପ୍ରଣୟନ ହେଲା। ତେବେ ୧୯୮୧ ମସିହାରୁ ୨୦୧୧ ମସିହା ପର୍ଯ୍ୟନ୍ତ ବାରିପଦା ସହର ପାଇଁ କାର୍ଯ୍ୟକାରୀ ହେଉଥିବା ମାଷ୍ଟରପ୍ଲାନ ରେ ୪୪.୨୬ ବର୍ଗ କି.ମି. ଏରିଆ ରହିଥିଲା। ତେବେ ଏହି ମାଷ୍ଟର ପ୍ଲାନର ଅବଧି ସରିବା ପରେ ୨୦୧୧ ମସିହାରୁ ୨୦୩୦ ମସିହା ପର୍ଯ୍ୟନ୍ତ ବାରିପଦା ସହରର ବିସ୍ତାର ତଥା ସହରକୁ ସୁବ୍ୟବସ୍ଥିତ କରିବାକୁ ନୂତନ ମାଷ୍ଟର ପ୍ଲାନ ପ୍ରସ୍ତୁତି ପାଇଁ ଦିଲ୍ଲିର ଦି କନସଲଟାଣ୍ଟ ରୁଦ୍ରାଭିଷେକ ଏଣ୍ଟରପ୍ରାଇଜେସ କମ୍ପାନୀକୁ ଆଉଟସର୍ସିଂ ଆଧାରରେ ଦାୟୀତ୍ୱ ଦିଆ ଯାଇଥିବା ବେଳେ, ମାଷ୍ଟର ପ୍ଲାନ ପ୍ରସ୍ତୁତି କମିଟିରେ ଚିଫଟାଉନ ପ୍ଲାନାର ତଥା ନିର୍ଦ୍ଦେଶକ ଟାଉନ ପ୍ଲାନିଂ ଓଡିଶା, ମୟୂରଭଂଜ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ନିର୍ବାହୀ ଯନ୍ତ୍ରୀ ପି.ଏଚ.ଡି., ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ ପୂର୍ତ୍ତ ବିଭାଗ, ନିର୍ବାହୀ ଯନ୍ତ୍ରୀ ଜାତୀୟ ରାଜପଥ ବିଭାଗ, ନିର୍ବାହୀ ଯନ୍ତ୍ରୀ ବିଦ୍ୟୁତ ବିଭାଗ, ବାରିପଦା ପୌର ନିର୍ବାହୀ ଅଧିକାରୀ, ବାରିପଦା ପୌର ଯନ୍ତ୍ରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ପରିବହନ ଅଧିକାରୀ, ବାରିପଦା ତହସିଲଦାର, ବାରିପଦା ସ୍ପେସାଲ ପ୍ଲାନିଂ ଅଥରିଟି ପ୍ରମୁଖ ଅଧିକାରୀ ସଂପୃକ୍ତ ରହି ଦୀର୍ଘ ଆଠ ବର୍ଷ ଧରି ସର୍ଭେ ତର୍ଜମା କରି ରାଜକୋଷରୁ ବ୍ୟାପକ ଅର୍ଥ ଖର୍ଚ୍ଚକରି ବାରିପଦାର ନୂତନ ମାଷ୍ଟର ପ୍ଲାନ ୨୦୧୯ ମସିହାରେ ପ୍ରସ୍ତୁତ କଲେ ଓ ତାହା ୨୦୧୯ ମସିହା ନଭେମ୍ବର ୧ତାରିଖରେ ଗେଜେଟ ନୋଟିଫିକେସନ ହୋଇ କାର୍ଯ୍ୟକାରୀ ହେଲା। ତେବେ ଏହି ନୂତନ ମାଷ୍ଟରପ୍ଲାନ ଲାଗୁ ହେବା ପରେ ସହରବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି। ଏବଂ ଆଗକୁ ବାରିପଦା ସହର ଏକ ନନପ୍ଲାନ ସହର ଭାବରେ ପରିଣତ ହେବାର ସମସ୍ତ ବନ୍ଦୋବସ୍ତ କରାଯାଇଥିବାର ଅଭିଜ୍ଞ ବୁଦ୍ଧିଜିବୀ ମାନେ ଅଭିଯୋଗ କରୁଛନ୍ତି। ଡ୍ରାଫ୍ଟ ମାଷ୍ଟର ପ୍ଲାନ ଏପ୍ରୁଭ ହେବା ପୂର୍ବରୁ ଅବଜେକସନ ପ୍ରିୟଡରେ ୨୦୧୬ ମସିହାରେ ଉକ୍ତ ଡ୍ରାଫ୍ଟରେ ଥିବା ତ୍ରୁଟି ବିଚ୍ୟୁତିକୁ ନେଇ ଅଭିଯୋଗ ସହ ଏହାର ସମାଧାନ ପାଇଁ ପରାମର୍ଶ ଦିଆଯାଇଥିଲା ତାହା କମ୍ପ୍ଲାଇ କରାଯାଇଥିବାର ଦର୍ଶାଯାଇଥିଲେ ମଧ ବାସ୍ତବରେ ତାହା କମ୍ପ୍ଲାଇ କରାଯାଇ ନଥିବାର ଦେଖାଯାଇଛି। ବାରିପଦା ସହରର ପୁରୁଣା ଏବଂ ନୂଆ ମାଷ୍ଟରପ୍ଲାନକୁ ତର୍ଜମା କରାଗଲେ ନୂତନ ମାଷ୍ଟର ପ୍ଲାନରେ ଅସଂଖ୍ୟ ତୃଟି ରହିଥିବା ପରିଲକ୍ଷିତ ହେଉଛି। ୧୯୮୧ ରେ ତିଆରି ହୋଇଥିବା ମାଷ୍ଟରପ୍ଲାନରେ ସହରର ଏରିଆ ଯାହା ଥିଲା ୨୦୧୯ ରେ ଏପ୍ରୁଭ ହୋଇଥିବା ମାଷ୍ଟରପ୍ଲାନରେ ମଧ ସମାନ ଏରିଆ ରହିଛି। ୧୯୮୧ ରୁ ୨୦୧୯ ମସିହା ଭିତରେ ବାରିପଦା ସହରର ଜନସଂଖ୍ୟା, ପରିବାର ସଂଖ୍ୟା, ସରକାରୀ ତଥା ବେସରକାରୀ ଗୃହ ନିର୍ମାଣ ସଂଖ୍ୟା, ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ବ୍ୟବସାୟ ପାଇଁ ସମୟ ଅତ୍ୟନ୍ତ ଅନୁକୂଳ। ଛାତ୍ରମାନେ ଅନେକ ପ୍ରତିବନ୍ଧକ ସମ୍ମୁଖୀନ ହୋଇପାରନ୍ତି। ଜୀବନସାଥୀଙ୍କ ପ୍ରତି ସମ୍ବେଦନଶୀଳ ହେବା ଆବଶ୍ୟକ। ସପ୍ତାହର ପ୍ରାରମ୍ଭରେ ସ୍ୱାସ୍ଥ୍ୟ ବିଗିଡି ଯାଇପାରେ। ରକ୍ତଚାପଜନିତ ରୋଗ ହୋଇପାରେ।

**ବୃଷ** ରକ୍ତଚାପ ଓ ବଦ୍‌ହଜମୀ ରୋଗର ଶିକାର ହୋଇ ପାରନ୍ତି। ନୂଆ ଚାକିରୀ ପାଇପାରନ୍ତି। ପରିବାରରେ ଝଗଡା ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ପ୍ରେମୀମାନଙ୍କ ସମ୍ବନ୍ଧରେ ଉତ୍‌ଥାନ ପତନ ଦେଖାଦେବ।

**ମିଥୁନ** ମାନସିକ ସ୍ଥିତି ଖରାପ ରହିବ। ମାଆଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। ଅଟକିଥିବା କାର୍ଯ୍ୟ ପୁରାହେବ। ବ୍ୟବସାୟୀଙ୍କ ସମୟ ଭଲ, ତୃତୀୟ ବ୍ୟକ୍ତିଙ୍କ ପାଇଁ ପ୍ରେମ ଜୀବନ ପ୍ରଭାବିତ ହେବ।

**କର୍କଟ** ସ୍ୱାସ୍ଥ୍ୟ ଭଲ ରହିବ। ଆୟରେ ବୃଦ୍ଧି ହେବ। ହଠାତ୍ ଦୂରଯାତ୍ରା କରିପାରନ୍ତି। ଭାଇଭଉଣୀଙ୍କ ସହ ସମ୍ପର୍କ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେକଦେବ। ପ୍ରେମ ଜୀବନରେ ଠିକ୍ ବୁଝାମଣା ହେବ।

**ସିଂହ** ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତି। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ଘରର ପିଲାମାନଙ୍କ ପାଠରେ ମନଲାଗିବ ନାହିଁ। କାର୍ଯ୍ୟକ୍ଷେତ୍ରରେ ସଠିକ୍ ନିଷ୍ପତ୍ତି ନେବାରେ ଅସମର୍ଥ ହେବେ। ପ୍ରେମୀଙ୍କ ସମ୍ମୁଖରେ ନିଜର ମନକଥା କହିପାରିବେ।

**କନ୍ୟା** ମାନସିକ ସ୍ଥିତି ଠିକ୍ ରହିବ। ପୂର୍ବର ଋଣ ସୁଝିବାରେ ସମର୍ଥ ହେବେ। ଘରେ ଝଗଡା ହୋଇପାରେ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ପ୍ରେମୀମାନେ ଉଭୟଙ୍କ ପ୍ରତି ଆକର୍ଷିତ ହେବେ।

**ତୁଳା** ଶରୀରକୁ ଆରାମ ଦିଅନ୍ତୁ। ଆୟରେ ବୃଦ୍ଧି ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବଦଳି ହୋଇପାରେ। ଦମ୍ପତ୍ତିମାନେ ସଫଳତାର ସ୍ୱାଦ ପାଇବେ। ଛାତ୍ରମାନେ ଇଚ୍ଛାନୁସାରେ ନାମ ଲେଖାଇବେ।

**ବିଛା** ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଦେଖାଦେବ। ଅର୍ଥପ୍ରାପ୍ତିର ସୁଯୋଗ ଆସିବ। ପରିବାରରେ ମତାନ୍ତର ହେବ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଛାତ୍ରମାନେ ଝଗଡା କରିପାରନ୍ତି।

**ଧନୁ** ଅତୀତର ନିବେଶରୁ ଅଧିକ ଲାଭ ମିଳିବ। ପରିବାରର ସଦସ୍ୟ ଧୋକା ଦେଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଶତ୍ରୁତା ବଢ଼ିବ। ଛାତ୍ରମାନେ ପାଠରେ ଅଧିକ ସଫଳତା ମିଳିବ। ପ୍ରେମୀମାନଙ୍କୁ ପୂର୍ବରୁ ବିବାଦକୁ ସମାଧାନ କରିବାକୁ ସୁଯୋଗ ମିଳିବ।

**ମକର** ବ୍ୟାୟାମ କରନ୍ତୁ। ଆପଣଙ୍କ ଭାଗୀଦାର ଆପଣଙ୍କୁ ବ୍ୟବସାୟରେ ଧୋକା ଦେଇପାରନ୍ତି। ସତର୍କ ରୁହନ୍ତୁ। ଭବିଷ୍ୟତ ପାଇଁ ଠିକ୍ ନିଷ୍ପତ୍ତି ନେବେ। ବିଦେଶରେ ପଢ଼ିବା ପାଇଁ ଯାଇପାରନ୍ତି।

**କୁମ୍ଭ** ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ଧନ ନିବେଶ ପାଇଁ ସମୟ ଭଲ। ଗାଡି ବା ଜାଗା କିଣିପାରନ୍ତି। ବାଣୀ ଉପରେ ନିୟନ୍ତ୍ରଣ ରଖନ୍ତୁ। ଶିକ୍ଷା ପାଇଁ ଅଧିକ ପରିଶ୍ରମ କରନ୍ତୁ। ପ୍ରେମରେ କାହାକୁ ବିଶ୍ୱାସ କରନ୍ତୁ ନାହିଁ। ଗୃହରେ ଶାନ୍ତି ବଜାୟ ରହିବ।

**ମୀନ** ନିଜ ଲୋକ ଉଧାର ମାଗିପାରନ୍ତି। ଭାବନାତ୍ମକ ହୋଇ ଅନ୍ୟ ସହ ଝଗଡା କରିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ମନସ୍ଥିର ରଖନ୍ତୁ। ଛାତ୍ରମାନେ ପୁରସ୍କୃତ ହୋଇପାରନ୍ତି। ପ୍ରେମୀମାନେ କୌଣସି ପଦକ୍ଷେପ ନେବା ପୂର୍ବରୁ ପରୀକ୍ଷା କରନ୍ତୁ।

ଅନ୍ନପୂର୍ଣ୍ଣା ଖୁଣ୍ଟିଆ
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ପିତାଙ୍କ ମୃତ୍ୟୁ ପରେ ସନ୍ତାନର ସାଙ୍ଗିଆ ଧାର୍ଯ୍ୟ କରିବା ଅଧିକାର ମା'ର: ସୁପ୍ରିମ୍‌କୋର୍ଟ



**ନୂଆଦିଲ୍ଲୀ :** ପିତାଙ୍କ ମୃତ୍ୟୁ ପରେ ମା' ହେଉଛି ସନ୍ତାନର ଅଭିଭାବକ। ତେଣୁ ସନ୍ତାନର ନାମ ପଛରେ ସାଙ୍ଗିଆ କ'ଣ ରହିବ ତାର ଅଧିକାର ମା'ର ରହିଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ପତ୍ନୀ ଯଦି ଦ୍ୱିତୀୟ ବିବାହ କରନ୍ତି ତେବେ ନୂଆ ପରିବାର ସହିତ ନିଜ ସନ୍ତାନଙ୍କୁ ସାମିଲ କରିବାରୁ ତାଙ୍କୁ ରୋକାଯାଇପାରିବ ନାହିଁ। ନୂଆ ପରିବାରରେ ସାମିଲ ହେବା ପରେ ପିଲାଙ୍କ ସାଙ୍ଗିଆ କଣ ରହିବ ତାହା ସ୍ଥିର କରିବାର ଅଧିକାରୀ ସମ୍ପୃକ୍ତ ମା'ର ରହିଛି। ଏହି ଅଧିକାରରୁ ତାଙ୍କୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ବିଚାରପତି ଦିନେଶ ମାହେଶ୍ୱରୀ ଓ କୃଷ୍ଣ ମୁରାରିଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟଙ୍କ ପୀଠ ଗୁରୁବାର ତାଙ୍କ ରାୟରେ କହିଛନ୍ତି। ଏହି ପ୍ରସଙ୍ଗରେ ଆନ୍ଧ୍ରପ୍ରଦେଶ ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ହାଇକୋର୍ଟ ତାଙ୍କ ରାୟରେ କହିଥିଲେ ଯେ ସନ୍ତାନର ନାମ ପଛରେ ଜନ୍ମିତ ପିତା (ବାୟୋଲୋଜିକାଲ)ଙ୍କ ସାଙ୍ଗିଆ ରହିବ। ମା'ଙ୍କ ଦ୍ୱିତୀୟ ସ୍ୱାମୀଙ୍କୁ ସାବତ ପିତା ବୋଲି ଉଲ୍ଲେଖ କରାଯିବ। ସୁପ୍ରିମକୋର୍ଟ କହିଛନ୍ତି ଯେ ଏପରି କରିବା ଦ୍ୱାରା ପିଲାର ମାନସିକ ସ୍ୱାସ୍ଥ୍ୟ ଉପରେ ଆଘାତ ଲାଗିବା ସହିତ ସାମାଜିକ ପ୍ରତିଷ୍ଠା କ୍ଷୁଣ୍ଣ ହେବ। ମାମଲାରୁ ପ୍ରକାଶ ଯେ ୨୦୦୬ରେ ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା। ସେତେବେଳେ ତାଙ୍କର ଅଢେଇ ବର୍ଷର ସନ୍ତାନ ଥିଲା। ୨୦୦୭ରେ ମହିଳା ଜଣଙ୍କ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ସ୍ୱାମୀଙ୍କ ଔରସରୁ ଜନ୍ମିତ ସନ୍ତାନ ନେଇ ସେ ଦ୍ୱିତୀୟ ସ୍ୱାମୀଙ୍କ ସହ ରହିଥିଲେ। ପରେ ସନ୍ତାନର ନାମ ପଛରେ ଦ୍ୱିତୀୟ ସ୍ୱାମୀଙ୍କ ସାଙ୍ଗିଆକୁ ବ୍ୟବହାର କରାଯାଇଥିଲା। ଏହାକୁ ପିଲାର ଜେଜେବାପାଙ୍କ ପରିବାର ବିରୋଧ କରିବା ସହିତ ଅଦାଲତର ଆଶ୍ରୟ ନେଇଥିଲେ। ହାଇକୋର୍ଟ ଜେଜେବାପାଙ୍କ ସପକ୍ଷରେ ରାୟ ଦେଇଥିଲେ। ପରେ ପିଲାର ମା ଓ ଦ୍ୱିତୀୟ ସ୍ୱାମୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ମା'ଙ୍କ ସପକ୍ଷରେ ଉପରୋକ୍ତ ରାୟ ପ୍ରଦାନ କରି ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେଇଛନ୍ତି।

# କେନ୍ଦ୍ର ସରକାରଙ୍କ ୫ ବର୍ଷରେ ବିଜ୍ଞାପନ ଖର୍ଚ୍ଚ ୩,୩୩୯ କୋଟିରୁ ଅଧିକ ଟଙ୍କା

**ନୂଆଦିଲ୍ଲୀ :** କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ବିଗତ ୫ ବର୍ଷ ମଧ୍ୟରେ ବିଜ୍ଞାପନ ବାବଦରେ ଖର୍ଚ୍ଚ କରିଛନ୍ତି ୩,୩୩୯ କୋଟିରୁ ଅଧିକ ଟଙ୍କା। କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଗୁରୁବାର ସଂସଦର ରାଜ୍ୟସଭାରେ କହିଛନ୍ତି ଯେ ୨୦୧୭ ଠାରୁ ପାଞ୍ଚ ବର୍ଷ ମଧ୍ୟରେ ସରକାର ଛାପା (ପ୍ରିଣ୍ଟ) ଏବଂ ଦୃଶ୍ୟଶ୍ରାବ୍ୟ (ଇଲେକ୍ଟ୍ରୋନିକ୍) ଗଣମାଧ୍ୟମରେ ବିଜ୍ଞାପନ ବାବଦରେ ୩,୩୩୯.୪୯ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।କ ଲିଖିତ ଉତ୍ତରରେ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଠାକୁର କହିଛନ୍ତି ଯେ ସରକାର ୨୦୧୭-୧୮ରୁ ଚଳିତ ବର୍ଷ ଜୁଲାଇ ୧୨ ପର୍ଯ୍ୟନ୍ତ ପ୍ରିଣ୍ଟ ମିଡିଆରେ ବିଜ୍ଞାପନ ପାଇଁ ୧,୭୫୬.୪୮ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ସେହିପରି ଏହି ସମାନ ଅବଧି ମଧ୍ୟରେ ଇଲେକ୍ଟ୍ରୋନିକ୍ ମିଡିଆରେ ବିଜ୍ଞାପନ ବାବଦରେ



ଖର୍ଚ୍ଚ ହୋଇଛି ୧,୫୮୩.୦୧ କୋଟି ଟଙ୍କା। କେନ୍ଦ୍ରୀୟ ଯୋଗାଯୋଗ ବ୍ୟୁରୋ (ସେଣ୍ଟ୍ରାଲ ବ୍ୟୁରୋ ଅଫ୍ କମ୍ୟୁନିକେସନ) ମାଧ୍ୟମରେ ସରକାରଙ୍କ ଦ୍ୱାରା ଏହି ଖର୍ଚ୍ଚ କରା ଯାଇଥିଲା ବୋଲି ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଠାକୁର କହିଛନ୍ତି। ସୂଚନା ଏବଂ ପ୍ରସାରଣ ମନ୍ତ୍ରାଳୟ ମାଧ୍ୟମରେ ବିଦେଶୀ ଗଣମାଧ୍ୟମରେ ବିଜ୍ଞାପନ ବାବଦରେ ସରକାରଙ୍କର କୌଣସି ମନ୍ତ୍ରାଳୟ କିମ୍ବା ବିଭାଗ ଦ୍ୱାରା କୌଣସି ଖର୍ଚ୍ଚ ହୋଇନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

### ରକ୍ଷା ମନ୍ତ୍ରଣାଳୟର ବଡ଼ ନିଷ୍ପତ୍ତି

# ସେନା ପାଇଁ କିଣାଯିବ ୨୮,୭୩୨ କୋଟି ଟଙ୍କାର ଅସ୍ତ୍ର

**ନୂଆଦିଲ୍ଲୀ:** ପ୍ରତିରକ୍ଷା ମନ୍ତ୍ରଣାଳୟ ସଶସ୍ତ୍ର ଡ୍ରୋନ, କାର୍ବାଇନ ଏବଂ ବୁଲେଟପ୍ରୁଫ୍ ଜ୍ୟାକେଟ୍ ସହ ସୁରକ୍ଷା ବଳଙ୍କ ପାଇଁ ୨୮,୭୩୨ କୋଟି ଟଙ୍କାରୁ ଅଧିକ ହତିଆର କିଣିବା ପାଇଁ ମଞ୍ଜୁରୀ ଦେଇଛି। ରକ୍ଷା ମନ୍ତ୍ରଣାଳୟ କହିଛି, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂଙ୍କ ଅଧକ୍ଷତାରେ ରକ୍ଷା ଅଧିଗ୍ରହଣ ପରିଷଦର ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ରକ୍ଷା ମନ୍ତ୍ରଣାଳୟ କହିଛି, ଏଲଏସି ଏବଂ ପୂର୍ବ ସୀମାରେ ପାରମ୍ପାରିକ ଏବଂ ହାଇବ୍ରିଡ ଯୁଦ୍ଧ ଏବଂ ଆତଙ୍କବାଦ ବିରୋଧୀ ଅଭିଯାନରେ ଏହି ଗୁଡିକୁ ସାମିଲ କରାଯିବାକୁ ମଞ୍ଜୁରୀ ଦିଆଯିବ। ସେନା ପାଇଁ ୪ ଲକ୍ଷ କ୍ଲୋଜ କ୍ୱାର୍ଟର ବ୍ୟାଟେଲ କାର୍ବାଇନକୁ ସ୍ୱୀକୃତି ମିଳିଛି। ରକ୍ଷା ମନ୍ତ୍ରଣାଳୟ



ଅନୁସାରେ, ଆଧୁନିକ ଯୁଦ୍ଧରେ ଭାରତୀୟ ସେନାର କ୍ଷମତାକୁ ବଢାଇବା ପାଇଁ ଡିଏସି ଦ୍ୱାରା ସ୍ୱତନ୍ତ୍ର ଡ୍ରୋନ ସ୍ୱାର୍ମ୍ସକୁ କିଣିବା ପାଇଁ ମଞ୍ଜୁରୀ ଦିଆଯାଇଛି। ଡିଏସି ସମୁଦ୍ର ସୁରକ୍ଷା ବଢାଇବା ପାଇଁ ୧୪ଟି ପାଟ୍ରୋଲିଂ ଜାହାଜକୁ କିଣିବା ପାଇଁ ଭାରତୀୟ ତଟରକ୍ଷୀର ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି।

# ୫୦% ବିମାନରେ ୨ ମାସ ସେବା ଯୋଗାଇବ ସ୍ପାଇସଜେଟ୍

**ନୂଆଦିଲ୍ଲୀ :** ବାରମ୍ବାର ବୈଷୟିକ ତ୍ରୁଟିର ସମ୍ମୁଖୀନ ହେଉଥିବା ସ୍ପାଇସଜେଟ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଡିଜିସିଏ। ଆସନ୍ତା ୮ ସପ୍ତାହ ଅର୍ଥାତ ୨ ମାସ ଯାଏ ସ୍ପାଇସଜେଟ କେବଳ ୫୦% ବିମାନ ଦ୍ୱାରା ଲୋକଙ୍କୁ ସେବା ଯୋଗାଇବ। କମ୍ପାନୀର ବାକି ୫୦% ବିମାନ ଉଡ଼ାଣ କରିବ ନାହିଁ। ଜୁନ ୧୯ରେ ତାରିଖରୁ ଇତି ମଧ୍ୟରେ ସ୍ପାଇସଜେଟର ୮ଟି ବିମାନ ବୈଷୟିକ ତ୍ରୁଟି ସାମ୍ନାକୁ ଆସିଛି। ଏଥିପାଇଁ ଡିଜିସିଏ ଜୁଲାଇ ୬ରେ ଏୟାରଲାଇନ୍ସକୁ କାରଣ ଦର୍ଶାଅ ନୋଟି ଜାରି କରିଥିଲା। ଏହାପରେ ଆଜି ଡିଜିସିଏ କମ୍ପାନୀ କେବଳ ୫୦% ବିମାନରେ ସେବା ଯୋଗାଇ ବୋଲି ନିର୍ଦ୍ଦେଶ ଦେଇଛି। ଡିଜିସିଏ ତା'ର ନିର୍ଦ୍ଦେଶନାମାରେ କହିଛି ଯେ ସୁରକ୍ଷା



ଦୃଷ୍ଟିରୁ ସ୍ପାଇସଜେଟର ବିଭିନ୍ନ ବିମାନକୁ ଯାଞ୍ଚ କରାଯାଇଥିଲା। ଏଥିସହ କମ୍ପାନୀ ତା'ର କାଣର ଦର୍ଶାଅ ନୋଟିସରେ ମଧ ବିଭିନ୍ନ ତଥ୍ୟ ଦେଇଛି। ସବୁ କିଛିର ଯାଞ୍ଚ କରାଯିବା ପରେ ଆସନ୍ତା ୮ ସପ୍ତାହ ପାଇଁ କମ୍ପାନୀ କେବଳ ୫୦% ବିମାନ ଦ୍ୱାରା ସେବା ଯୋଗାଇ ପାରିବ ବୋଲି ନିଷ୍ପତ୍ତି ହୋଇଛି। ଏହି ୮ ସପ୍ତାହର ଉଡ଼ାଣ ବେଳେ ସ୍ପାଇସଜେଟ ଉପରେ ଡିଜିସିଏ ନଜର ରଖିବ। ସ୍ପାଇସଜେଟ ଯାତ୍ରୀଙ୍କ ସୁରକ୍ଷିତ ଉଡ଼ାଣ କରିବାର ବ୍ୟବସ୍ଥାକୁ ପୂରଣ କରି ପାରି ନଥିବାରୁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କମ୍ପାନୀ କହିଛି ଯେ ଡିଜିସିଏର ସବୁ ନିର୍ଦ୍ଦେଶକୁ ସ୍ପାଇସଜେଟ ପାଳନ କରିବ। ସେହିପରି ଲୋକଙ୍କୁ ସେବା ପ୍ରଦାନ କରିବାରେ କୌଣସି ପ୍ରକାରର ଅବହେଳା କରିବ ନାହିଁ। କାହାକୁ ବି ବିମାନ ଟିକେଟ ବାତିଲ କରିବା ଦରକାର ନାହିଁ। ବିମାନ ସେବା ଉପରେ ଡିଜିସିଏ ନିର୍ଦ୍ଦେଶର କୌଣସି ପ୍ରଭାବ ପଡ଼ିବନି। ଲୋକଙ୍କୁ ପୂର୍ବଭଳି ସ୍ୱାଭାବିକ ଭାବେ ସେବା ଯୋଗାଇ ଦିଆଯିବ।

# ଦୁଇବର୍ଷ ପରେ ସ୍ପେସ୍ ଷ୍ଟେସନ ଛାଡିବ ଋଷ

**ନୂଆଦିଲ୍ଲୀ :** ଆଉ ଦୁଇ ବର୍ଷ ପରେ ଅର୍ଥାତ ୨୦୨୪ରେ ରୁଷ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ ଛାଡି ଦେବ ଋଷ। ମଙ୍ଗଳବାର ପଦ ସମ୍ଭାଳିବା ପରେ ଏହାର ଘୋଷଣା କରିଛନ୍ତି ଋଷ ମହାକାଶ ଏଜେନ୍ସି ରୋସକୋସମୋସର ନୂତନ ମୁଖ୍ୟ ୟୁରି ବୋରିସୋଭ। ଏଥିସହ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଏହାର ସୁଚନା ଦେଇଛନ୍ତି। ୟୁରି କହିଛନ୍ତି, ଆମେ ନିଜର ସମସ୍ତ ଭାଗିଦାରୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ ପରେ ସ୍ପେସ୍ ଷ୍ଟେସନ ଛାଡି ଦେବୁ। ଏହା ପୂର୍ବରୁ ବି ଋଷ୍ ସ୍ପେସ୍ ଏଜେନ୍ସିର ପୂର୍ବତନ ମୁଖ୍ୟ ଦିମିତ୍ରି ରୋଗୋଜିନ ମଧ୍ୟ ଏହି ଧରଣର ଘୋଷଣା କହିଥିଲେ। ଏହି ବିଷୟରେ ସେ ସାର୍ବଜନୀନ ଭାବେ ଆଲୋଚନା କରିବାକୁ ଚାହୁଁନଥିବା କହିଥିଲେ। ସୂଚନାଯୋଗ୍ୟ, ୟୁକ୍ରେନ ଉପରେ ଆକ୍ରମଣ କାରଣରୁ ରୁଷ ଉପରେ ଅନେକ ଅନ୍ତର୍ଜାତୀୟ କଟକଣା ଲଗାଯାଇଛି। ଏଥିରେ ଅସନ୍ତୁଷ୍ଟ ହୋଇ ଆଗାମୀ ଦୁଇ ବର୍ଷରେ ସେ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ (ଆଇଏସଏସ) ଛାଡିଦେବ ବୋଲି କହିଥିଲା ଋଷ। ତତ୍କାଳୀନ ଋଷ ସ୍ପେସ୍ ଏଜେନ୍ସିର ପ୍ରମୁଖ ଦିମିତ୍ରି ରୋଗୋଜିନ ଏହା ସ୍ପଷ୍ଟ କରିନାହାନ୍ତି ଯେ, ଆଇଏସଏସ ପ୍ରୋଜେକ୍ଟରେ ରୁଷର ଭାଗିଦାରୀ କେବେ ଶେଷ ହେବ। ଋଷ ଅନ୍ତରୀକ୍ଷ ବିଶ୍ଳେଷକ କହିଥିଲେ ଯେ, ଆଇଏସଏସରେ ନିଜ ଭାଗିଦାରୀକୁ ଋଷ ୨୦୨୪ରୁ ଆଗକୁ



ବଢାଇବାକୁ ଚାହୁଁନାହିଁ। ଆମେରିକା ଅନ୍ତରୀକ୍ଷ ଏଜେନ୍ସି ନାସା ଏବଂ ବାକି ଅନ୍ତର୍ଜାତୀୟ ଭାଗିଦାରୀ ଏହି ପ୍ରୋଜେକ୍ଟ ଅତି କମରେ ୨୦୩୦ ପର୍ଯ୍ୟନ୍ତ ଜାରି ରହୁ ବୋଲି ଇଚ୍ଛା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ନିକଟତର ତଥା ବରିଷ୍ଠ ନେତା ରୋଗୋଜିନ ରୁଷ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ ଛାଡି ଦେବ ବୋଲି ଅନେକ ଥର ଧମକ ଦେଇ ଆସିଛନ୍ତି। ୨୦୨୨ ଫେବୃଆରୀ ୨୪ରେ ଯେଉଁ ଦିନ ଋଷ ୟୁକ୍ରେନ ଉପରେ ଆକ୍ରମଣ କଲା, ସେହ ଦିନ ରୋଗୋଜିନ ଟୁଇଟ୍ କରିଥିଲେ। ୟୁକ୍ରେନ ଉପରେ ଆକ୍ରମଣ କାରଣରୁ ରୁଷ ଉପରେ ଅନେକ ପ୍ରକାରର ଅନ୍ତର୍ଜାତୀୟ ପ୍ରତିବନ୍ଧକ ଲାଗିଛି। ଏଥିରୁ ଲାଗୁଛି ଯେ, ନାସା ଏବଂ ରୋସକୋମୋସ୍ ମଧ୍ୟରେ ଭାଗିଦାରୀ ସମାପ୍ତ ହୋଇଯିବ। ଏହି ଦୁଇ ଅନ୍ତରୀକ୍ଷ ସଂସ୍ଥାଙ୍କ ନେତୃତ୍ୱରେ ହିଁ ମହାକାଶରେ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ ଚାଲିଛି। ୧୯୯୮ରେ ଆଇଏସଏସର କାର୍ଯ୍ୟକ୍ରମକୁ ଆଗକୁ ବଢାଯାଇଥିଲା। ସେହି ସମୟରେ ଏହା କେବଳ ୧୫ ବର୍ଷ ଚାଲିବ ବୋଲି ଆଶା କରାଯାଇଥିଲା। ତେବେଠୁ ସ୍ପେସ୍ ଷ୍ଟେସନ ମିଶନର ଅବଧିକୁ ବୃଦ୍ଧି କରାଯାଇଥିଲା। ନାସା ଅନୁଯାୟୀ, ୧୯୯୦ ଦଶନ୍ଧିରେ ଅନ୍ତିମ ପର୍ଯ୍ୟାୟରେ ମୀର ସ୍ପେସ୍ ଷ୍ଟେସନର ସାହାଯ୍ୟ ପରେ ଆରମ୍ଭ ହୋଇଥିବା ଆଇଏସଏସ ପ୍ରୋଜେକ୍ଟରେ ଆମେରିକା ଏବଂ ରୁଷ ମୁଖ୍ୟ ଭାଗିଦାରୀ ଥିଲେ।

### ଚୀନ୍ ସୀମାରେ 'ଅଲ ୱେଦର' ସଡ଼କ ନିର୍ମାଣ କରୁଛି ଭାରତ

# ୫ ବର୍ଷରେ ୧୫,୦୦୦ କୋଟି ଖର୍ଚ୍ଚ



**ନୂଆଦିଲ୍ଲୀ :** ଭାରତ-ଚୀନ ସୀମା ନିକଟରେ ଯୋଗାଯୋଗରେ ସୁଧାର ଆଣିବା ପାଇଁ କେନ୍ଦ୍ର ସରକାର ଲଗାତାର ପ୍ରୟାସ କରୁଛନ୍ତି ବୋଲି ରାଜ୍ୟସଭାରେ କହିଛନ୍ତି। ଏହାସହ ୨,୦୮୮ କିଲୋମିଟର ଲମ୍ବା ସବୁ ପାଣିପାଗରେ କାର୍ଯ୍ୟକାରୀ ହେଉଥିବା ସଡକ ନିର୍ମାଣ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏଲଏସି ନିକଟରେ ଦୁଇ ଦେଶ ମଧ୍ୟରେ ପ୍ରାୟ ୨୦୨୦ ମସିହାରୁ ଟିକ୍ତତା ଜାରି ରହିଛି। ଏପରି ସ୍ଥିତିରେ ସୀମାରେ ନିଜର ଯୋଗାଯୋଗରେ ସୁଧାର ଆଣୁଛନ୍ତି। କେନ୍ଦ୍ର ସରକାର ଗତ ପାଞ୍ଚ ବର୍ଷରେ ଏଲଏସିରେ ନିର୍ମାଣ ଗତିବିଧି ସହ ଭିତ୍ତିଭୂମିର ବିକାଶ ଉପରେ ଫୋକସ ଦେଇଛନ୍ତି। ପ୍ରତିରକ୍ଷା ରାଷ୍ଟ୍ର ମନ୍ତ୍ରୀ ଅଜୟ ଭଟ୍ଟ ଗୃହରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି, କେନ୍ଦ୍ର ସରକାର ଗତ ୫ ବର୍ଷରେ ଭାରତ-ଚୀନ ସୀମା ନିକଟରେ ସଡକ ପରିଯୋଜନା ଉପରେ ୧୫,୪୭୭ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଚୀନ, ପାକିସ୍ତାନ, ମିଆଁମାର ଏବଂ ବାଂଲାଦେଶ ସହ ସୀମାରେ ସବୁ ପାଣିପାଗରେ ବ୍ୟବହାରରେ ଆସିପାରୁ ଥିବା ୩,୫୯୫ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୨୦,୭୬୭ ଟଙ୍କା ଖର୍ଚ୍ଚ କରିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଏହି ପରିଯୋଜନା ସୀମା ସଡକ ସଂଗଠନ ଦ୍ୱାରା ଆରମ୍ଭ କରାଯାଇଥିଲା। ସେ କହିଛନ୍ତି, ଭାରତ-ପାକିସ୍ତାନ ସୀମା ନିକଟରେ ୪,୨୪୨ କୋଟି ଟଙ୍କା ଖର୍ଚ୍ଚରେ ୧,୩୩୬ କିଲୋମିଟର ରାସ୍ତା ସାମିଲ ରହିଛି।

# ବିଏସ୍‌ଏନଏଲ ଉଦ୍ଧାର ପାଇଁ ୧.୬୪ ଲକ୍ଷ କୋଟିର ପ୍ୟାକେଜ

**ନୂଆଦିଲ୍ଲୀ :** ଘାଟାରେ ଚାଲିଥିବା ବିଏସ୍‌ଏନ୍‌ଏଲକୁ ଉଦ୍ଧାର କରିବା ପାଇଁ କେନ୍ଦ୍ର ସରକାର ୧.୬୪ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏହି ପ୍ରସ୍ତାବ ଉପରେ ମୋହର ବାଜିଥିବା କେନ୍ଦ୍ର ଟେଲିକମ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ପ୍ୟାକେଜ ବ୍ୟତୀତ ବିଏସ୍‌ଏନଏଲକୁ ଭାରତ ବ୍ରଡବ୍ୟାଣ୍ଡ ନେଟୱର୍କ ଲି଼(ବିବିଏନଏଲ) ସହ ମିଶ୍ରଣ କରିବାକୁ ମଧ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଏହି ପ୍ୟାକେଜ ଦ୍ୱାରା ବିଏସଏନଏଲ ସେବାର ଗୁଣବତ୍ତା ବଢ଼ା ଯିବ, ବାଲାନ୍ସ ଶିଟକୁ ଚାପ ମୁକ୍ତ ରଖାଯିବ ଓ ବିବିଏନଏଲ ସହ ମିଶି କମ୍ପାନୀର ଇଣ୍ଟରନେଟ ସେବାକୁ ଅଧିକ ଅଞ୍ଚଳକୁ ପରିବ୍ୟାପ୍ତ କରାଯିବ। ଦେଶର ସମସ୍ତ ଗାଁକୁ ୪ଜି ମୋବାଇଲ୍ ସେବା ଯୋଗାଇବା ପାଇଁ ଗୋଟିଏ ପ୍ରୋଜେକ୍ଟ ଅନୁମୋଦନ ମିଳିଛି। ଏହି କାମକୁ ୟୁନିଭରସାଲ ସର୍ଭିସ ଓବ୍ଲିଗେସନ ଫଣ୍ଡ ମାଧ୍ୟମରେ କରାଯିବ। ଏଥିପାଇଁ ପ୍ରାୟ ୨୬,୨୧୬ କୋଟି ଟଙ୍କା ଖର୍ଚ୍ଚ କରାଯିବ। ବୈଷ୍ଣବ କହିଛନ୍ତି, ଏହି ପ୍ୟାକେଜରେ ନଗଦ ୪୩,୯୬୪ କୋଟି ଟଙ୍କାର ସହାୟତା ବ୍ୟବସ୍ଥା କରାଯିବ। ସେହିପରି ନନ କ୍ୟାଶ ସର୍ପୋଟ ବାବଦରେ ୧.୨୦ ଲକ୍ଷ କୋଟିର ବ୍ୟବସ୍ଥା କରାଯାଇଛି। ନଗଦ ଟଙ୍କାକୁ ସ୍ପେକ୍ଟ୍ରମ ବଣ୍ଟନରେ ବ୍ୟବହାର କରାଯିବ। ବିଏସଏନଏଲକୁ ପୁନଃର ଉଦ୍ଧାର କରିବା ପାଇଁ




କେନ୍ଦ୍ର ସରକାର ୧,୬୪,୧୫୬ କୋଟି ଟଙ୍କାର ପ୍ୟାକେଜକୁ ଅନୁମୋଦନ କରିଛନ୍ତି। ଏଥିସହ ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସଏନଏଲ) ଏବଂ ଭାରତ ବ୍ରଡବ୍ୟାଣ୍ଡ ନେଟୱାର୍କ ଲିମିଟେଡ (ବିବିଏନଏଲ) ର ମିଶ୍ରଣକୁ କ୍ୟାବିନେଟ ଅନୁମୋଦନ କରିଛି କରିଥିବା ସେ କହିଛନ୍ତି। ବିବିଏନଏଲ ସହ ମିଶି ବିଏସଏନଏଲ ୫.୬୭ ଲକ୍ଷ କିଲୋମିଟର ଅପ୍ଟିକାଲ ଫାଇବରର ବିସ୍ତାର କରିବ। ଏଥିପାଇଁ ସରକାର ଆସନ୍ତା ତିନି ବର୍ଷ ମଧ୍ୟରେ ବିଏସଏନଏଲ ପାଇଁ ୨୩ ହଜାର କୋଟି ଟଙ୍କା ମୂଲ୍ୟର ବଣ୍ଡ ଜାରି କରିବେ। ଏଥିସହ ସରକାର ୨ ବର୍ଷ ମଧ୍ୟରେ ଏମଟିଏନଏଲ ପାଇଁ ୧୭,୫୦୦ କୋଟି ଟଙ୍କା ବଣ୍ଡ ବ୍ୟବସ୍ଥା କରିବେ। କେନ୍ଦ୍ରମନ୍ତ୍ରୀ ବୈଷ୍ଣବ ଆହୁରି କହିଛନ୍ତି, ବିଏସଏନଏଲ ପାଇଁ ଘୋଷଣା ହୋଇଥିବା ପ୍ୟାକେଜ ୪ଜି ଅପଗ୍ରେଡ୍ କରିବାରେ ସାହାଯ୍ୟ କରିବ। ବିଏସଏନଏଲରେ ୬.୮୦ ଲକ୍ଷ କିଲୋମିଟରରୁ ଅଧିକ ଅପ୍ଟିକାଲ୍ ଫାଇବର ନେଟୱାର୍କ ଅଛି। ଏଥିସହିତ ବିବିଏନଏଲ୍ ଦେଶର ୧.୮୫ ଲକ୍ଷ ଗ୍ରାମ ପଞ୍ଚାୟତରେ ୫.୬ ଲକ୍ଷ କିଲୋମିଟରର ଅପ୍ଟିକାଲ ଫାଇବର ଲଗାଇଛି। ଏହା ବର୍ତ୍ତମାନର ନେଟୱର୍କକୁ ସୁଦୃଢ଼ କରିବା ସହ ୪ଜି ବ୍ୟବସ୍ଥା ଲାଗୁ କରିବାରେ ସହାୟକ ହେବ। ୪ଜି ସେବା ପ୍ରଦାନ ପାଇଁ ବିଏସଏନଏଲକୁ ସ୍ପେକ୍ଟ୍ରମର ପ୍ରଶାସନିକ ଆବଣ୍ଟନ କରାଯିବ। ସେହିଭଳି ୯୦୦/୧୮୦୦ ଲମ୍‌ଲଚ୍‌ଜେଡ୍ ସ୍ପେକ୍ଟ୍ରମ ପାଇଁ ଇକ୍ୱିଟି ଇନଫ୍ୟୁଜନ ଜରିଆରେ ୪୪,୯୯୩ କୋଟି ଟଙ୍କା ଦିଆଯିବ। ଏହି ସ୍ପେକ୍ଟ୍ରମ ଦ୍ୱାରା ବିଏସ୍‌ଏନଏଲ ଉଚ୍ଚ କ୍ଷମତାର ଇଣ୍ଟରନେଟ ସେବା ଯୋଗାଇବାକୁ ସକ୍ଷମ। ବିଶେଷ କରି ଗ୍ରାମାଞ୍ଚଳରେ ୪ଜି ବ୍ୟବସ୍ଥା ସହ ଉଚ୍ଚ କ୍ଷମତା ସମ୍ପନ୍ନ ଇଣ୍ଟରନେଟ ସେବା ମିଳିବ ବୋଲି ସେ କହିଛନ୍ତି।

# ୧୨.୮୧ଲକ୍ଷ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ମୃତ୍ୟୁ



**ଭୁବନେଶ୍ୱର :** ରାଜ୍ୟରେ ଖାଦ୍ୟ ସୁରକ୍ଷା ଯୋଜନା ଲାଗୁ ହେବା ଦିନଠୁ ଏପର୍ଯ୍ୟନ୍ତ ମୋଟ ୧୨ ଲକ୍ଷ ୮୧ ହଜାର ୧୪୫ ଜଣ ହିତାଧିକାରୀଙ୍କ ମୃତ୍ୟୁ ଘଟିଛି। ଚଳିତବର୍ଷ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ୧ଲକ୍ଷ ୪୯ହଜାର ୩୫୩ଜଣ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଥିବା ବେଳେ ଏବେ ୧ ଲକ୍ଷ ୪୦ ହଜାର ୫୪୭ଟି ଆବେଦନ ବିଚାରାଧୀନ ରହିଛି ବୋଲି ଖାଦ୍ୟଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀନ ନାୟକ ବିଧାନସଭାରେ କହିଛନ୍ତି। ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ଯେ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟର ମୋଟ ୩କୋଟି ୩୩ଲକ୍ଷ ୨୭ହଜାର ୫୫ଜଣ ହିତାଧିକାରୀ ଉପକୃତ ହେଉଛନ୍ତି। ସେଥିରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ୩କୋଟି ୨୫ଲକ୍ଷ ୧୮ହଜାର ୪୫୫ଜଣ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୮ଲକ୍ଷ ୮ହଜାର ୮ଶହ ଜଣ ଯୋଗ୍ୟ ହିତାଧିକାରୀ ଉପକୃତ ହେଉଛନ୍ତି। ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମିଲ ହେବା ନିମନ୍ତେ ମିଳିଥିବା ଆବେଦନପତ୍ର ବିଚାରାଧୀନ ରହିଛି। ଏହି ଆବେଦନଗୁଡ଼ିକ ସମ୍ବନ୍ଧରେ ଉପଯୁକ୍ତ ତଦନ୍ତ କରାଯାଇ ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ହିତାଧିକାରୀ ଚୟନର ସର୍ବୋଚ୍ଚ ସୀମା ଓ ଖାଲି ପଡ଼ିଥିବା ସ୍ଥାନ ଅନୁସାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବ। ଏହା ଏକ ନିରନ୍ତର ପ୍ରକ୍ରିୟା ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି।

# ରାଜ୍ୟର ଅଧା ବ୍ଲକରେ ଲୋକଙ୍କୁ ମିଳୁନି ଶୁଦ୍ଧ ପିଇବା ପାଣି

**ଭୁବନେଶ୍ୱର :** ରାଜ୍ୟରେ ୨୨ବର୍ଷ ଧରି ବିଜେଡି ସରକାର କ୍ଷମତାରେ ଥାଇ ମଧ ରାଜ୍ୟବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବାରେ ସକ୍ଷମ ହୋଇପାରିନି। ଏବେବି ରାଜ୍ୟର ୩୧୪ଟି ବ୍ଲକ ମଧ୍ୟରୁ ୧୫୪ଟି ବ୍ଲକରେ ଲୋକଙ୍କୁ ଉପଯୁକ୍ତ ପିଇବା ପାଣି ମିଳୁନି। ୨୦୨୪ ମସିହା ସୁଦ୍ଧା ରାଜ୍ୟର ସମସ୍ତ ଗାଁକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ବୋଲି ଦମ୍ଭୋକ୍ତି ବାଢୁଥିଲେ ମଧ ଏବେବି ଲୋକେ ପ୍ରଦୂଷିତ ଜଳ ପିଇବାକୁ ବାଧ ହେଉଛନ୍ତି। ବିଧାୟକ ପ୍ରଫୁଲ୍ଲ ସାମଲ, ପ୍ରଦୀପ ପାଣିଗ୍ରାହୀ, ନବଚରଣ ମାଝୀ ଓ ଧ୍ରୁବ ସାହୁଙ୍କ ଭିନ୍ନ ଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ କହିଛନ୍ତି ଯେ, ରାଜ୍ୟର ମୋଟ ୧୫୪ଟି ବ୍ଲକରେ ଉପଯୁକ୍ତ ପିଇବା ପାଣି ନଥିବା ଚିହ୍ନଟ ହୋଇଛି। ଏଥିରୁ ୧୨୧ଟି ବ୍ଲକରେ ଲୌହାଂଶ, ୫ଟି ବ୍ଲକରେ ନାଇଟ୍ରେଟ୍ ଓ ୧୫ଟି ବ୍ଲକରେ ଫ୍ଲୋରାଇଡ୍ ଓ ୧୩ଟି ବ୍ଲକରେ ଲବଣାକ୍ତ ଜଳ ନିର୍ଗତ ହେଉଛି। ଏହାର ନିରାକରଣ ପାଇଁ ଫ୍ଲୋରାଇଡ୍ ନିରାକରଣ ଯନ୍ତ୍ର, ଲୌହ ନିରାକରଣ ଯନ୍ତ୍ର ଓ ଲବଣାକ୍ତ ଅଂଚଳରେ ନଳକୂପ ଗୁଡ଼ିକରେ ସାଲାଇନ୍ ସିଲିଂ କରାଯାଇ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି। ୨୦୨୪ ମସିହା ସୁଦ୍ଧା ସମସ୍ତ ଗାଁକୁ ନିର୍ମଳ ବିଶୋଧିତ ପିଇବା ପାଣି ଯୋଗାଇ ଦେବା ନିମନ୍ତେ ବାକି ରହିଥିବା ୫୬୫୫ଟି ଗାଁକୁ ପାଇପ ଜଳଯୋଗାଣ ପ୍ରକଳ୍ପ ମଞ୍ଜୁର ହୋଇଛି। ରାଜ୍ୟରେ ପାନୀୟ ଜଳ ପାଇଁ ଏପର୍ଯ୍ୟନ୍ତ ମୋଟ ୪ଲକ୍ଷ ୭୬ହଜାର ୫୦ଟି ନଳକୂପ ବସାଯାଇଛି। କୌଣସି ନଳକୂଳପ



ସାମୟିକ ଭାବେ ଅକାମୀ ହେଲେ ତା'ର ତୁରନ୍ତ ମରାମତି କରାଯାଉଛି। କେନ୍ଦ୍ର ସରକାରଙ୍କ ୨୦୦୯ରୁ ଏନଆରଡିଡବ୍ଲ୍ୟୁପି ଯୋଜନା ଓ ୨୦୧୯ରୁ ଜଳ ଜୀବନ ମିଶନ, ୨୦୧୭-୧୮ରୁ ରାଜ୍ୟ ସରକାରଙ୍କ ବସୁଧା ଯୋଜନା ଓ ଓଏମବିଏଡିଏସି ଯୋଜନା, ଡିଏମଏଫ ଯୋଜନାରେ ସମସ୍ତ ପରିବାରକୁ ୨୦୨୪ ଶେଷ ସୁଦ୍ଧା ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଅମାତ୍ କହିଛନ୍ତି। ତେବେ କେନ୍ଦ୍ର ସରକାର 'ଜଳ ଜୀବନ ମିଶନ'ରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ଦେବା ପରେ ରାଜ୍ୟର ବିଜେଡି ସରକାର ରାଜ୍ୟବାସୀଙ୍କ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ରାଜ୍ୟ ସରକାର ସ୍ୱୀକାର କରିଛନ୍ତି ଯେ ୨୦୧୯ ଏପ୍ରିଲ ମାସ ପୂର୍ବରୁ ରାଜ୍ୟରା ମାତ୍ର ୩.୫% ଅର୍ଥାତ୍ ୩ଲକ୍ଷ ୧୦ହଜାର ୮୬୬ଟି ପରିବାରକୁ ପାଇପ ଯୋଗେ ପାଣି ଯୋଗାଇ ଦିଆଯାଇ ପାରୁଥିଲା। କିନ୍ତୁ ୨୦୨୨ ଜୁଲାଇ ସୁଦ୍ଧା ଏହି ପରିମାଣ ୪୯.୬୨%କୁ ବୃଦ୍ଧି ପାଇଛି ଓ ରାଜ୍ୟର ମୋଟ ୪୩ଲକ୍ଷ ୯୫ହଜାର ୧୧୮ଟି ପରିବାରକୁ ଏବେ ପାଇପ ଜଳ ଯୋଗାଣ ସମ୍ଭବପର ହୋଇପାରଇଛି। ରାଜ୍ୟରେ ମୋଟ ୮୮ଲକ୍ଷ ୫୭ହଜାର ୩୯୬ଟି ପରିବାର ରହିଥିବା ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ଅମାତ୍ କହିଛନ୍ତି।

# ଓଡ଼ିଶାରେ ୨୯.୩୫% ଲୋକ ଗରିବ

**ଭୁବନେଶ୍ୱର :** ଓଡ଼ିଶାର ମୋଟ ଜନସଂଖ୍ୟାର ୨୯.୩୫% ଲୋକ ଗରିବ ବୋଲି ଆକଳନ କରାଯାଇଛି। ଜାତୀୟ ହାର ତୁଳନାରେ ଓଡ଼ିଶାରେ କମ୍ ଗରିବ ଅଛନ୍ତି ବୋଲି ରାଜ୍ୟ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢ଼ୋଲକିଆ ସୂଚନା ଦେଇଛନ୍ତି। ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଶ୍ରୀ ଢ଼ୋଲକିଆ ଦର୍ଶାଇଛନ୍ତି ଯେ, ଦାରିଦ୍ର୍ୟ ଦୂରୀକରଣ ପାଇଁ ରାଜ୍ୟ ଚାଲିଥିବା ଓଡ଼ିଶା ଜୀବିକା ମିଶନ, କାଳିଆ ଓ ମମତା ଯୋଜନାରେ ଆର୍ଥିକ ସହାୟତା, ବିଜୁ ପକ୍କାଘର, ରିହାତି ଦରରେ ଖାଦ୍ୟଶସ୍ୟ ଯୋଗାଣ, ଦକ୍ଷତା ଓ ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ଆର୍ଥିକ ସଶକ୍ତିକରଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ନଗଦ ବିହୀନ ଚିକିତ୍ସା, ମନରେଗା ଓ ମୁକ୍ତା ରୋଜନାରେ ରୋଜଗାରର ସୁବ୍ୟବସ୍ଥା ଇତ୍ୟାଦି ଉଲ୍ଲେଖନୀୟ। ଏହାର ପ୍ରଭାବରେ ରାଜ୍ୟରେ ସମ୍ପୂର୍ଣ୍ଣ ଦାରିଦ୍ର୍ୟର ହ୍ରାସ ଘଟୁଛି।ଯୋଜନା ଆୟୋଗଙ୍କ ଦ୍ୱାରା ତେନ୍ଦୁଲକର ଶୈଳୀରେ ହୋଇଥିବା ଆକଳନ ଅନୁସାରେ ଦାରିଦ୍ର୍ୟ ହାର



୨୦୦୪-୦୫ ମସିହାରେ ୫୭.୨% ଥିଲାବେଳେ ୨୦୧୧-୧୨ ମସିହାରେ ୩୨.୬ ପ୍ରତିଶତକୁ ହ୍ରାସ ପାଇଥିଲା। ୨୦୦୪-୦୫ରୁ ୨୦୧୧-୧୨ ବର୍ଷ ମଧ୍ୟରେ ରାଜ୍ୟର ଦାରିଦ୍ର୍ୟ ହାର ୨୪.୬ ପ୍ରତିଶତ ହ୍ରାସ ହୋଇଛି। ତେବେ ରାଜ୍ୟର ଦାରିଦ୍ର୍ୟକୁ ମାପିବାର ଏକ ନୂଆ ପଦ୍ଧତି ହେଉଛି ମଲଟି ଡିମେନସିଆଲ ପ୍ରଭର୍ଟି ଇଣ୍ଡେକ୍ସ(ଏମପିଆଇ) ଅନୁସାରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବନ ଧାରଣର ମାନକୁ ନେଇ ଦାରିଦ୍ର୍ୟର ସଂଜ୍ଞା ନିରୂପଣ ହୋଇଥାଏ। ଓଡ଼ିଶାରେ ଦ୍ରାରିଦ୍ର୍ୟର ତୀବ୍ରତା ୪୬.୨ ପ୍ରତିଶତ ଥିବାବେଳେ ଜାତୀୟ ହାର ୪୭.୧୩ ପ୍ରତିଶତଠୁ ଏହା କମ୍ ରହିଛି ବୋଲି ମନ୍ତ୍ରୀ ଶ୍ରୀ ଢ଼ୋଲକିଆ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ଜଣାଇଛନ୍ତି।

# କନ୍ଦମୂଳ ଉତ୍ପାଦନରେ ଓଡ଼ିଶା ଏକ ନମ୍ବର

**ଭୁବନେଶ୍ୱର :** ସମଗ୍ର ଦେଶରେ ଲେମ୍ବୁ ଓ ଛତୁ ଉତ୍ପାଦନରେ ଓଡ଼ିଶା ହେଉଛି ପ୍ରଥମ । ୨୦୨୨ ମାର୍ଚ୍ଚ ୩୦ତାରିଖରେ ପବିତ୍ର ବିଧାନସଭାରେ ତତକାଳୀନ କୃଷି ମନ୍ତ୍ରୀ ଅରୁଣ ସାହୁ ଏହି ବିବୃତ୍ତି ରଖିଥିଲେ। ଆଉ ଏହାର ୪ମାସ ପରେ ଆଜି ଗୃହରେ ବର୍ତ୍ତମାନର କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜ୍ୟରେ ଫଳ ଓ ପନିପରିବା ଉତ୍ପାଦନକୁ ନେଇ ବିଧାନସଭାରେ ଯେଉଁ ତଥ୍ୟ ରଖିଛନ୍ତି ସେଥିରୁ ଲେମ୍ବୁ ଓ ଛତୁ ଗାଏବ। ଦୁଇ କୃଷି ମନ୍ତ୍ରୀଙ୍କର ବିଧାନସଭାରେ ବିବୃତ୍ତିରୁ ଲାଗୁଛି ସତେଯେମିତି ମନ୍ତ୍ରୀ ବଦଳିଲେ ବିଭାଗର ଉତ୍ତର ମଧ ବଦଳିଯାଉଛି। ଆଉ ରାଜ୍ୟର ସଫଳତା ମଧ ସେହି ହିସାବରେ ନିର୍ଦ୍ଧାରିତ ହେଉଛି। ବିଧାନସଭାରେ କୃଷି ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଦର୍ଶାଇଛନ୍ତି ଯେ, ଜାତୀୟ ଉଦ୍ୟାନ ବୋର୍ଡ ତଥ୍ୟ ଅନୁସାରେ ସର୍ବଭାରତୀୟସ୍ତରରେ ବିଭିନ୍ନ ଫଳ ଓ ପନିପରିବା ଉତ୍ପାଦନରେ ଓଡ଼ିଶାର ସ୍ଥାନ ଅନ୍ୟତମ। କନ୍ଦମୂଳ ଉତ୍ପାଦନରେ ଓଡ଼ିଶା ସମଗ୍ର ଦେଶରେ ଏକ ନମ୍ବର ସ୍ଥାନରେ ଥିବାବେଳେ ବାଇଗଣ ଓ



ବନ୍ଧାକୋବିରେ ଦ୍ୱିତୀୟ ଏବଂ ଭେଣ୍ଡି, ବିଲାତି ବାଇଗଣ, ତରଭୂଜରେ ପଂଚମ ସ୍ଥାନରେ ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ତେବେ ଗତ ୪ମାସ ପୂର୍ବରୁ ତତକାଳୀନ କୃଷି ମନ୍ତ୍ରୀ ଅରୁଣ ସାହୁ ପବିତ୍ର ଗୃହରେ ଲେମ୍ବୁ ଓ ଛତୁ ଉତ୍ପାଦନରେ ଓଡ଼ିଶା ସମଗ୍ର ଦେଶରେ ପ୍ରଥମ ବୋଲି ଯେଉଁ ବୟାନ ଦେଇଥିଲେ ସେ ନେଇ ବର୍ତ୍ତମାନର ମନ୍ତ୍ରୀ ଶ୍ରୀ ସ୍ୱାଇଁ ଚୁପ୍ ରହିଛନ୍ତି। ଯଦି ପୂର୍ବତନ କୃଷି ମନ୍ତ୍ରୀ ଶ୍ରୀ ସାହୁ ଦେଇଥିବା ବୟାନ ଠିକ୍ ଥିଲା ତା'ହେଲେ ରାଜ୍ୟର ଏହି ସଫଳତାକୁ ବର୍ତ୍ତମାନର ମନ୍ତ୍ରୀ ଶ୍ରୀ ସ୍ୱାଇଁ ଲୁଚାଉଛନ୍ତି କାହିଁକି ? ତା'ଛଡ଼ା ପୂର୍ବତନ କୃଷି ମନ୍ତ୍ରୀ ଶ୍ରୀ ସାହୁ ଗୃହରେ ନିଜ ମନରୁ ତ ଏହି କଥା କହି ନଥିବେ। ନିଜ ବିଭାଗ ଦ୍ୱାରା ପ୍ରଦତ୍ତ ତଥ୍ୟ ଆଧାରରେ ବିଧାନସଭାରେ ନିଜର ଉତ୍ତର ରଖିଥିବେ। ତେଣୁ ଯେଉଁ ବିଭାଗ ୪ମାସ ପୂର୍ବରୁ ତତକାଳୀନ କୃଷି ମନ୍ତ୍ରୀଙ୍କ ମୁହଁରେ ଓଡ଼ିଶା ଲେମ୍ବୁ ଓ ଛତୁ ଉତ୍ପାଦନରେ ସମଗ୍ର ଦେଶରେ ପ୍ରଥମ ବୋଲି କହିଥିଲା,ଏବେ ସେହି ବିଭାଗ କାହିଁକି ଚୁପ୍ ରହିଛି ବୋଲି ତାକୁ ନେଇ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି।

# ୨୪,୭୧୭ଜଣଙ୍କୁ ମିଳିଛି କରୋନାଜନିତ ମୃତ୍ୟୁ ପ୍ରମାଣପତ୍ର

**ଭୁବନେଶ୍ୱର :** କରୋନା ମହାମାରୀରେ ରାଜ୍ୟର କେତେ ଲୋକ ପ୍ରାଣ ହରାଇଛନ୍ତି ତା'ର ସଠିକ୍ ତଥ୍ୟକୁ ନେଇ ଏବେବି ଅସ୍ପଷ୍ଟ ସ୍ଥିତି ଲାଗି ରହିଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁସାରେ ଚଳିତବର୍ଷ ଜୁଲାଇ ୧୮ତାରିଖ ସୁଦ୍ଧା ମୋଟ ୯୧୨୮ଜଣଙ୍କର କରୋନାରେ ମୃତ୍ୟୁ ହୋଇଥିବାବେଳେ ରାଜ୍ୟ ପ୍ରଶାସନ ଏହି ଅବଧି ମଧ୍ୟରେ ମୋଟ ୨୪,୭୧୭ଜଣଙ୍କୁ କରୋନାଜନିତ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗର କରୋନା ମୃତ୍ୟୁ ତଥ୍ୟ ତୁଳନାରେ ୩ଗୁଣ ଅଧିକ ଲୋକ କରୋନାରେ ପ୍ରାଣ ହରାଇଥିବା ନେଇ ଆବେଦନ କରିଥିବା ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସ ସୂଚନା



ଦେଇଛନ୍ତି। ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଶ୍ରୀ ଦାସ କହିଛନ୍ତି ଯେ, ରାଜ୍ୟ ସତର୍କତା ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ତଥ୍ୟ ଅନୁସାରେ ଜୁଲାଇ ୧୭ତାରିଖ ସୁଦ୍ଧା ରାଜ୍ୟର ମୋଟ ୯୧୨୮ଜଣ ଲୋକ କରୋନାରେ ପ୍ରାଣ ହରାଇଛନ୍ତି। ସେଥିରେ ସର୍ବାଧିକ ଖୋର୍ଦ୍ଧା ଜିଲ୍ଲାରୁ ୧୭୫୧ଜଣ ଓ କଟକରୁ ୯୦୭ଜଣ ରହିଛନ୍ତି। ତେବେ ଜୁଲାଇ ୧୮ତାରିଖ ସୁଦ୍ଧା ରାଜ୍ୟ ସରକାରଙ୍କୁ କରୋନାଜନିତ ମୃତ୍ୟୁ ପାଇଁ ପ୍ରମାଣପତ୍ର ନିମନ୍ତେ ମୋଟ ୨୭୮୫୮ଟି ଆବେଦନ ମିଳିଛି। ଯେଉଁଥିରୁ ୨୪୭୧୭ଜଣଙ୍କ ଆବେଦନକୁ କୋଭିଡ୍ ମୃତ୍ୟୁ ପ୍ରମାଣପତ୍ର ଦେବା ନିମନ୍ତେ ଅନୁମୋଦନ କରାଯାଇଛି। ୧୩୧୧ଟି ଆବେଦନକୁ ଖାରଜ କରାଯାଇଥିବାବେଳେ ୧୮୬ଟି ବିଚାରଧୀନ ଅଛି। ୧୮୧୯ଟି ଆବେଦନକୁ ଫେରସ୍ତ କରିଦିଆଯାଇଛି। ଜିଲ୍ଲାସ୍ତରୀୟ ରିଡ୍ରେସାଲ କମିଟିରେ ବାକିଥିବା ସମସ୍ତ ଆବେଦନ ପତ୍ରର ପୁନର୍ବିଚାର ବ୍ୟବସ୍ଥା ଉପଲବ୍ଧ ଅଛି ବୋଲି ମନ୍ତ୍ରୀ ଶ୍ରୀ ଦାସ କହିଛନ୍ତି। ରାଜ୍ୟରେ ଏବେ କରୋନାର ଚତୁର୍ଥ ଲହରୀ ଚାଲୁଥିବାବେଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଡ୍ୟାସବୋର୍ଡରେ ଏବେବି କରୋନା ମୃତ୍ୟୁ ସଂଖ୍ୟା ୧୦ହଜାରରୁ କମ୍ ରହିଛି। ମାତ୍ର ରାଜ୍ୟ ପ୍ରଶାସନ ଇତିମଧ୍ୟରେ ୨୪,୭୧୭ଜଣଙ୍କୁ କୋଭିଡ୍ ମୃତ୍ୟୁ ପ୍ରମାଣପତ୍ର ଦେଇସାରିଲାଣି। ଯଦି ସ୍ୱାସ୍ଥ୍ୟ ବିଭାଗର ଡ୍ୟାସବୋର୍ଡରେ କରୋନାଜନିତ ମୃତ୍ୟୁ ୧୦ହଜାରରୁ କମ୍ ତା'ହେଲେ କରୋନାଜନିତ ଏତେ ପରିମାଣର ମୃତ୍ୟୁ ପ୍ରମାଣପତ୍ର କିଏ କିଭଳି ଦେଉଛି ତାକୁ ନେଇ ପ୍ରଶ୍ନ ଉଠୁଛି। ସ୍ୱାସ୍ଥ୍ୟ ବିଭାଗ କାହିଁକି ତା'ର ତଥ୍ୟକୁ ସଂଶୋଧିତ କରୁନି ତାହା ଏବେ ସନ୍ଦେହଘେରରେ।

# ଦୁର୍ନୀତି ପାଇଁ ୨ ବର୍ଷରେ ଚାକିରିରୁ ବିଦା ୪୦ଜଣ

**ଭୁବନେଶ୍ୱର :** ରାଜ୍ୟରେ ଦୁର୍ନୀତି ଅଭିଯୋଗରେ ଗତ ୨ବର୍ଷ ମଧ୍ୟରେ ୪୦ଜଣ ସରକାରୀ କର୍ମଚାରୀଙ୍କୁ ନିଜ ଚାକିରି ହରାଇବାକୁ ପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ବିଧାୟକ ଭୂପିନ୍ଦର ସିଂଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଗତ ୨୦୨୦ ଓ ୨୦୨୧ ମସିହାରେ ଭିଜିଲାନ୍ସ ବିଭାଗ ଦ୍ୱାରା ମୋଟ ୩୮୯ଟି ଚଢ଼ଉ ହୋଇଛି। ସେଥିରୁ ୨୦୧ଟି କେସ୍ ପୀଡ଼ିତ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ହୋଇଥିବାବେଳେ ୧୮୫ଟି କେସ୍ ଭିଜିଲାନ୍ସ ବିଭାଗ ନିଜଆଡ୍ରୁ ଦାଖଲ କରି ଚଢ଼ଉ କରିଥିଲା। ଏହା ଭିତରୁ ୪୦ଜଣ ଚାକିରି ହରାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୂର୍ବରୁ ଗୃହରେ ସାଧାରଣ



ପ୍ରଶାସନ ବିଭାଗର ଖର୍ଚ୍ଚଦାବି ଆଲୋଚନାର ଉତ୍ତର ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଚଳିତବର୍ଷ ଏପର୍ଯ୍ୟନ୍ତ ୨୬୭ଟି ଅପରାଧିକ ମାମଲା ୪୭୫ଜଣଙ୍କ ବିରୁଦ୍ଧରେ ହୋଇଛି। ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ୩୭୩ଟି ତଦନ୍ତ ମାମଲା ଆରମ୍ଭ ହୋଇଛି। ମୋଟ ୨୭୨ଜଣ ଅଭିଯୁକ୍ତଙ୍କୁ ଭିଜିଲାନ୍ସ ଗିରଫ କରିଛି।

## ରାଜ୍ୟରେ ଅଛନ୍ତି ୯୯.୦୩ ଲକ୍ଷ ଗାଈଗୋରୁ, ୧.୩୫ ଲକ୍ଷ ଘୁଷୁରୀ

**ଭୁବନେଶ୍ୱର :** ରାଜ୍ୟରେ ୯୯ଲକ୍ଷ ୩ହଜାର ୯୭୦ଟି ଗାଈଗୋରୁ ଅଛନ୍ତି। ସର୍ବାଧିକ ଗାଈଗୋରୁ ମୟୂରଭଞ୍ଜ ଜିଲ୍ଲାରେ ୬.୭୩ଲକ୍ଷ ଥିବାବେଳେ କେନ୍ଦୁଝରରେ ୬.୨୬ଲକ୍ଷ, ବାଲେଶ୍ୱରରେ ୬.୨୨ଲକ୍ଷ ଗାଈଗୋରୁ ରହିଛନ୍ତି। ସବୁଠୁ କମ୍ ଝାରସୁଗୁଡ଼ାରେ ମାତ୍ର ୯୫,୬୩୮ଟି ଗାଈଗୋରୁ ଥିବା ୨୦ତମ ପ୍ରାଣୀଧନ ଗଣନାରୁ ଜଣାପଡ଼ିଛି। ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ, ୨୦୧୯ ମସିହାରେ ରାଜ୍ୟରେ ୨୦ତମ ପ୍ରାଣୀଧନ ଗଣନା ହୋଇଥିଲା । ଏହି ଗଣନା ଅନୁସାରେ ରାଜ୍ୟରେ ୯୯ଲକ୍ଷ ୩ହଜାର ୯୭୦ଟି ଗାଈଗୋରୁ, ୪ଲକ୍ଷ ୫୮ହଜାର ୩୨୪ଟି ମଇଁଷି, ୬୩ଲକ୍ଷ ୯୩ହଜାର ୪୫୨ଟି ଛେଳି, ୧୨ଲକ୍ଷ ୭୯ହଜାର ୧୪୯ଟି ମେଣ୍ଢା ଓ ୧ଲକ୍ଷ ୩୫ହଜାର ୧୬୨ଟି ଘୁଷୁରୀ ଅଛନ୍ତି। ତେବେ ମନ୍ତ୍ରୀଙ୍କ ତଥ୍ୟ ଅନୁସାରେ ନୟାଗଡ଼ ଜିଲ୍ଲାରେ ଗୋଟିଏ ବି ଘୁଷୁରୀ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୧୮୩୨୪ଟି ଓ ମାଲକାନଗିରି ଜିଲ୍ଲାରେ ୧୭୦୪୦ଟି ମଇଁଷି ଥିବାବେଳେ ଭଦ୍ରକରେ ୨୭୦ଟି, ବୌଦ୍ଧରେ ୧୫୬ଟି, ଢେଙ୍କାନାଳରେ ୩୬୭ଟି ଓ ନୂଆପଡ଼ାରେ ୬୪୭ଟି ମଇଁଷି ଅଛନ୍ତି। ରାଜ୍ୟରେ ୨କୋଟି ୭୪ଲକ୍ଷ ୩୯ହଜାର ୨୫୭ଟି କୁକୁଡ଼ା ଥିବା ଏହି ଗଣନାରୁ ଜଣାପଡ଼ିଛି।

### ଚିଟ୍‌ଫଣ୍ଡ ଦୁର୍ନୀତିରେ ୧୮୯ ଅଭିଯୁକ୍ତ, ଜେଲରେ ମାତ୍ର ୨୪

# ସି-ସୋର, ଅର୍ଥତତ୍ତ୍ୱକୁ ଭୁଲିଗଲେ

**ଭୁବନେଶ୍ୱର :** ରାଜ୍ୟରେ ପ୍ରାୟ ୨୦ହଜାର କୋଟି ଟଙ୍କାର ଚିଟଫଣ୍ଡ ଦୁର୍ନୀତି ଲୋକଲୋଚନକୁ ଆସିବାର ଏକ ଦଶନ୍ଧିରୁ ଅଧିକ ସମୟ ହେଲାଣି, କିନ୍ତୁ ସରକାରୀ ଉଦାସୀନତା ଓ ତଦନ୍ତକାରୀ ଏଜେନ୍ସିର ଅବହେଳା ଯୋଗୁ କ୍ଷତିଗ୍ରସ୍ତ ଜମାକାରୀ ନିଜର ସଂଚିତ ଅର୍ଥ ଫେରିପାଉନି କି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ମଧ ସମ୍ଭବପର ହୋଇପାରୁନି। ରାଜ୍ୟରେ ଚିଟଫଣ୍ଡ ଦୁର୍ନୀତିରେ ମୋଟ ୧୮୯ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୨୪ଜଣ ଏବେ ବିଚାରବିଭାଗୀୟ ହାଜତରେ ଅଛନ୍ତି। ତଦନ୍ତକାରୀ ଏଜେନ୍ସିର କୋହଳ ଆଭିମୁଖ୍ୟ ଯୋଗୁ ଗରିବ ଲୋକଙ୍କ କୋଟି କୋଟି ଟଙ୍କାର ସଞ୍ଚିତ ଅର୍ଥକୁ ଲୁଟ୍ କରିଥିବା ଲୁଟେରାମାନେ ଏବେ ବେଧଡ଼କ ଅୟସରେ ରହିଥିବା ଜଣାପଡ଼ିଛି। ସି-ସୋର ଓ ଅର୍ଥତତ୍ତ୍ୱ ଗ୍ରୁପ୍ ସହ ଶାସକ ବିଜେଡିର ସମ୍ପୃକ୍ତି ଥିବାବେଳେ ଏହି ଦୁଇ କମ୍ପାନୀ ରାଜ୍ୟରୁ ଲୁଟ୍ କରିଥିବା ପ୍ରାୟ ଦୁଇ ହଜାର କୋଟି ଟଙ୍କାରୁ ଅଧିକ ସମ୍ପତ୍ତିକୁ ଏପର୍ଯ୍ୟନ୍ତ ଠାବ କରିବାରେ ତଦନ୍ତକାରୀ ଏଜେନ୍ସୀ ସକ୍ଷମ ହୋଇପାରିନଥିବା ଜଣାପଡ଼ିଛି। ଏପରିକି ୬୪ଟି ଚିଟଫଣ୍ଡ କମ୍ପାନୀର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତ ନିମନ୍ତେ ୮୨ଟି ପ୍ରସ୍ତାବ ସରକାରଙ୍କ ହସ୍ତଗତ ହୋଇଥିବାବେଳେ ସେଥିରୁ ମାତ୍ର ୨୮ଟି ମାମଲାରେ ସରକାର ଅନ୍ତରୀଣ କୋରଖ ଆଦେଶକୁ କୋର୍ଟ କାଏମ ରଖିଛନ୍ତି। ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ, ରାଜ୍ୟ ଅର୍ଥନୀତିକ ଅପରାଧ ଶାଖା ଦ୍ୱାରା ଚିଟଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ ୧୮୯ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଛି। ସେମାନଙ୍କ ମଧ୍ୟରୁ ଏବେ ୨୪ଜଣ ଅଭିଯୁକ୍ତ ବିଚାରବିଭାଗୀୟ ହେପାଜତରେ ଅଛନ୍ତି। ରାଜ୍ୟ ଅର୍ଥନୀତିକ ଅପରାଧ ଶାଖା, ଜିଲ୍ଲା ପୁଲିସ ଅଧିକାରୀ ଓ ଅନ୍ୟାନ୍ୟ ତଦନ୍ତକାରୀ ଏଜେନ୍ସି ଦ୍ୱାରା ଚିଟଫଣ୍ଡ ଦୁର୍ନୀତିର ତଦନ୍ତ ପ୍ରକ୍ରିୟା ଚାଲୁଅଛି। କେତେକ ସଂସ୍ଥା ବିରୁଦ୍ଧରେ ମାମଲା ବିଭିନ୍ନ ନ୍ୟାୟାଳରେ ବିଚାରାଧୀନ ଅଛି। ତେଣୁ ଏବେ ଚିଟଫଣ୍ଡ ଦୁର୍ନୀତି ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ସମ୍ଭବପର ନୁହେଁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ଅବଶ୍ୟ ଓପିଆଇଡି ଆକ୍ଟ ଅନୁସାରେ ରୋଜଭ୍ୟାଲି କମ୍ପାନୀର ସମ୍ପତ୍ତିକୁ ବାଜ୍ୟାପ୍ତି କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି କମ୍ପାନୀରେ ମୋଟ ୨ଲକ୍ଷ ୩୮ହଜାର ୪୭୭ଜଣ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଜମାରାଶି ସମ୍ପୃକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ସେମାନଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ ପ୍ରକ୍ରିୟା ଚାଲୁଅଛି ବୋଲି ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ରାଜ୍ୟ ସରକାର ଦେଇଥିବା କୋରଖ ଆଦେଶକୁ କୋର୍ଟ କାଏମ ରଖିବା ପରେ କୋର୍ଟଙ୍କ ଆଦେଶ ଅନୁସାରେ ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ ଗ୍ରୁପ୍ ଅଫ କମ୍ପାନୀ, ହାଇଟେକ୍ ଇଷ୍ଟେଟସ ଓ ପ୍ରମୋଟର୍ସ, ରାଜଧାନୀ ସିଷ୍ଟମ ଓ ଇଷ୍ଟେଟସ ପ୍ରମୋଟର୍ସର ଜମାକାରୀଙ୍କଠୁ ଅନଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଏବେ ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀର ଜମାକାରୀମାନେ ଦାଖଲ କରିଥିବା ଆବେଦନର ସତ୍ୟାସତ୍ୟ ଯାଂଚ ଓ ପ୍ରକୃତ ଜମାକାରୀ ଚିହ୍ନଟ ନିମନ୍ତେ ତହସିଲଓ୍ୱାରି ପ୍ରତ୍ୟେକ ପଂଚାୟତସ୍ତରରେ ୩ଜଣିଆ କ୍ଷେତ୍ରୀୟ ତଦନ୍ତ ଟିମ୍ ଦ୍ୱାରା ଯାଂଚ ପ୍ରକ୍ରିୟା ଚାଲୁଛି। ଅନ୍ୟ ଦୁଇ କମ୍ପାନୀ ହାଇଟକ୍ ଇଷ୍ଟେଟସ ଓ ରାଜଧାନୀ ସିଷ୍ଟମର ପ୍ରକୃତ ଜମାକାରୀଙ୍କୁ ଚିହ୍ନଟ ପାଇଁ ଖୁବଶୀଘ୍ର କ୍ଷେତ୍ରୀୟ ତଦନ୍ତ ଆରମ୍ଭ କରାଯିବ। ପ୍ରକୃତ ଜମାକାରୀଙ୍କୁ ଚିହ୍ନଟ ପରେ ସେମାନଙ୍କର ବାସ୍ତବ ଜମାରାଶିକୁ ସମ୍ପୃକ୍ତ କମ୍ପାନୀର ବାଜ୍ୟାପ୍ତି ସମ୍ପତ୍ତିରୁ ମିଳିଥିବା ଅର୍ଥରୁ ଫେରସ୍ତ କରାଯିବ। ଏହାବ୍ୟତୀତ ଚିଟଫଣ୍ଡ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ରାଜ୍ୟ ସରକାର ୩୦୦କୋଟି ଟଙ୍କାର ଏକ କର୍ପସ ପାଣ୍ଠି ଗଠନ କରିଛନ୍ତି। ଜଷ୍ଟିସ ମଦନ ମୋହନ ଦାସ କମିଶନଙ୍କଠୁ ପ୍ରଥମ ପର୍ଯ୍ୟାୟରେ ମିଳିଥିବା ସଠିକ୍ ସତ୍ୟପାଠର ଯାଞ୍ଚ ଓ ଶୁଣାଣି ପରେ ସେ ପ୍ରଦାନ କରିଥିବା ୭ଟି ଅନ୍ତରୀଣ ରିପୋର୍ଟର ସୁପାରିଶ ଆଧାରରେ କ୍ଷେତ୍ରୀୟ ତଦନ୍ତ ପରେ ଚିହ୍ନଟ ହୋଇଥିବା ପ୍ରକୃତ କ୍ଷୁଦ୍ର ଜମାକାରୀଙ୍କୁ ତାଙ୍କର ବାସ୍ତବ ଜମାରାଶି ଉକ୍ତ କର୍ପସ ପାଣ୍ଠିରୁ କ୍ଷତିପୂରଣ ଆକାରରେ ପ୍ରଦାନ ପ୍ରକ୍ରିୟା ଜାରି ରହିଛି। ସେହିପରି ୬୪ଟି ଚିଟଫଣ୍ଡ କମ୍ପାନୀର ସମ୍ପତ୍ତି ବାଜ୍ୟାପ୍ତି ନିମନ୍ତେ ୮୨ଟି ପ୍ରସ୍ତାବ ରାଜ୍ୟ ସରକାରଙ୍କ ହସ୍ତଗତ ହୋଇଥିବାବେଳେ ସେଥିରୁ ୨୮ଟି ମାମଲାରେ ସରକାରଙ୍କ ଅନ୍ତରୀଣ କୋରଖ ଆଦେଶକୁ କୋର୍ଟ କାଏମ ରଖିଛନ୍ତି। ୩୭ଟି ଚିଟଫଣ୍ଡ କମ୍ପାନୀର ବାକି ୫୪ଟି ମାମଲା ଏବେବି କୋର୍ଟଙ୍କ ବିଚାରାଧୀନ ରହିଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ତେବେ ତଦନ୍ତକାରୀ ଏଜେନ୍ସୀଗୁଡ଼ିକର ଖାମଖିଆଲ ନୀତି ଓ ବିଜେଡି ନେତାମାନଙ୍କର କେଳେଙ୍କାରୀ ପଦାରେ ପଡ଼ିବା ଭୟରେ ଏବେ ଚିଟଫଣ୍ଡ ତଦନ୍ତ ବାଟବଣା ହୋଇଛି ଓ କ୍ଷତିଗ୍ରସ୍ତ ଜମାକାରୀ ନିଜର ନିଜ କଷ୍ଟଲବ୍ଧ ଅର୍ଥକୁ କେବେ ଫେରିପାଇବେ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧ - ୭ ଅଗଷ୍ଟ, ୨୦୨୨

# ବ୍ୟଭିଚାର ବଢ଼ିଲେ ଧ୍ୱଂସ ହୋଇପାରେ ସମାଜ

ଆଇନ ଆଳରେ ସମାଜ ବ୍ୟବସ୍ଥା ଭଙ୍ଗକରୁଥିବା ତତ୍ତ୍ୱମାନେ ସାବାଡ଼ ନହେଲେ ସମାଜ ତିଷ୍ଠି ରହିବ କି ନାହିଁ ଆଜିର ବଡ଼ ପ୍ରଶ୍ନ। ନିଶା କାରବାର, ଲାଞ୍ଚ କାରବାର ଭଳି ବିଶୃଙ୍ଖଳା ମଧ୍ୟ ବ୍ୟବସ୍ଥା ଓ ସମାଜ ଉପରେ ଘୋର ପ୍ରଭାବ ପକାଉଛି। ଆଗପରି ଯୁବପିଢି ଆଉ ସଂଯମୀ ନାହାନ୍ତି। ଷାଠିଏ ଦଶକରୁ ବର୍ତ୍ତମାନ ପର୍ଯ୍ୟନ୍ତ ଘଟଣାକୁ ଅନୁଧ୍ୟାନ କଲେ ଯେକେହି ଏହା ସ୍ୱୀକାର କରିବେ। ତେବେ ଏହାର ମୂଳ କାରଣ କଣ ? ମୂଳ କାରଣ ଏଇଆ ଯେ, ଯେବେଠାରୁ ବିଦେଶୀ ଶିକ୍ଷା ଓ ସଂସ୍କୃତି ଆମ ଦେଶକୁ ପ୍ରବେଶ କରିଛି ସେବେଠାରୁ ପିଲାମାନେ ବିଶୃଙ୍ଖଳିତ ହୋଇପଡିଛନ୍ତି। ପାଶ୍ଚାତ୍ୟ ଦେଶକୁ ଅନୁକରଣ କରି ପ୍ରତ୍ୟେକ କ୍ଷେତ୍ରରେ ଆଜିର ଯୁବପିଢି ନିଜ ନିଜର ଇଚ୍ଛାରେ ବାଟ ଚାଲିବାକୁ ଚାହୁଁଛନ୍ତି। ପୂର୍ବକାଳରେ ଗୁରୁଜନଙ୍କୁ ଭକ୍ତି ଯେତିକି ଗୁରୁତ୍ୱ ବହନ କରୁଥିଲା ଆଜି ଏହା କମିକମି ଆସିଲାଣି। ଆଗଭଳି ଗୁରୁଜନଙ୍କୁ ଦେଖିଲେ କେହି ମଥା ନୁଆଁଇ ମୁଣ୍ଡିଆ ମାରୁନାହାନ୍ତି। ଘରକୁ କୁଣିଆ ଆସିଲେ ପିଲାମାନେ ନିଜକୁ ସହଜ ମନେକରୁନାହାନ୍ତି ସମସ୍ତେ ମୋବାଇଲ ଓ ଲାପଟପରେ ବ୍ୟସ୍ତ ରହୁଛନ୍ତି। ଯେଉଁମାନେ କର୍ମ ସଂସ୍ଥାନରେ କାର୍ଯ୍ୟ କରୁଛନ୍ତି ତାଙ୍କ କଥା ହୁଏତ ଭିନ୍ନ ହୋଇପାରେ। ମାତ୍ର ଆଜିକାଲିର ମଣିଷ ଆଉ ମଣିଷ ସହ ବନ୍ଧୁହୋଇ ଆଲୋଚନା କରିବାକୁ ବା ସୁଖଦୁଃଖ ବାଣ୍ଟିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଜୀବନ ଜୀବିକାକୁ ନେଇ ସମସ୍ତେ ବ୍ୟସ୍ତ ରହିବା ଭଲ, ହେଲେ ସମାଜ ସହ ଯୋଡି ହୋଇନରହିଲେ ଦିନେ ନିଜକୁ ନିର୍ବାସିତ ମନେହେବ ଏକଥାବି ଭୁଲିଯିବା ଅନୁଚିତ। କାରଣ ସମାଜ ଆମକୁ ସଂସ୍କାର ଦେବା ସହିତ ଆଗକୁ ବଢିବାର ଯେଉଁ ପ୍ରେରଣା ତାହା ଅନ୍ୟ କେଉଁଠାରୁ ହାସଲ କରିହେବନାହିଁ। ଏଥିପାଇଁ ମଣିଷ ଜଣେ ସାମାଜିକ ପ୍ରାଣୀ। ତେଣୁ ସାମାଜିକ ପ୍ରାଣୀମାନେ ନିଜ ସହ ଯୋଡି ହୋଇ ରହିବା ହିଁ ଦର୍ଶାଇଥାଏ ଯେ,ବ୍ୟବସ୍ଥା ଠିକ ଢଙ୍ଗରେ କାର୍ଯ୍ୟ କରୁଛି। ଭିନ୍ନ ହେବା ପାରିବାରିକ ବ୍ୟବସ୍ଥାରେ ଏକପ୍ରକାର ଓ ଅନ୍ୟଠାରୁ ନିଜକୁ ଭିନ୍ନ କରି ଗଢିତୋଳିବା ଅଲଗାକଥା। ଜଣେ ନିଜର ଅଧ୍ୟବସାୟ ବଳରେ ଉଚ୍ଚ ସୋପାନକୁ ଗଲେ ସେଠାରେ ଭିନ୍ନ ହେବାର ଦୃଷ୍ଟାନ୍ତ ମଧ୍ୟ ଭିନ୍ନ। ମାତ୍ର ପରିବାର ମଧ୍ୟରେ ଅଶାନ୍ତି ସୃଷ୍ଟିକରି ଘର ମଝିରେ ପାଚେରୀ ଉଠାଇବା ସମ୍ପୂର୍ଣ୍ଣ ଅଲଗା କଥା ବୟାନ କରେ। ସହିଷ୍ଣୁ ହେବାରେ ଯେଉଁ ମର୍ଯ୍ୟାଦା ବା ସମ୍ମାନ ମିଳେ ତାହା ବିଶୃଙ୍ଖଳିତ ଆଚରଣ କରୁଥିବା ପିଲାଙ୍କୁ ମିଳେନାହିଁ। ଯୌଥପରିବାରର ସୁଖଦୁଃଖ ବାଣ୍ଟିବା ଓ ମିଳିମିଶି ରହିବାର ଆଗ୍ରହ ଆଜି କାହା ମନରେ ନାହିଁ। ସମସ୍ତେ ଚାହୁଁଛନ୍ତି ଭଲରେ ଚଳିବେ ଓ ଏକୁଟିଆ ନିଜ ପରିବାରକୁ ଧରି ରହିବେ। ନିଜକୁ ସ୍ୱାଧୀନ ଭାବି ସବୁ କରିବେ। କୌଣସି କାର୍ଯ୍ୟରେ କାହାର ଆକଟ ରହିବନାହିଁ କିମ୍ବା କିଛି ପ୍ରତିବନ୍ଧକ ଲାଗିବନାହିଁ। କିନ୍ତୁ ଯୌଥ ପରିବାରରେ ଘରର ମୁରବି ଯାହା କହିବେ ତାହା ପାଳନ ହୋଇଥାଏ। ବରିଷ୍ଠଙ୍କ କଥା କନିଷ୍ଠଙ୍କୁ କଷ୍ଟ ଦେଉଥିଲେ ବି ସେ ଏହାର ପ୍ରତିବାଦ କରନ୍ତି ନାହିଁ। ପରେ ହୁଏତ ନଜର ଅସନ୍ତୋଷ ଅନ୍ୟ ଜରିଆରେ ଜଣାଇଥାନ୍ତି। ହେଲେ ଆଜିକାଲିର ପିଲା ସଂଗେସଂଗେ ଜବାବ ଦେବାକୁ ପଛାଉନାହାନ୍ତି। ସେମାନେ ନିଜକୁ ସ୍ୱତନ୍ତ୍ର ମନେକରି ପ୍ରତି କଥାରେ ନିଜକୁ ସଠିକ ସାବ୍ୟସ୍ତ କରିବାପାଇଁ ଚେଷ୍ଟା କରୁଛନ୍ତି। ଆୟ ଅନୁସାରେ ବ୍ୟୟ ପ୍ରସଙ୍ଗ ଅପେକ୍ଷା କାହାକୁ ଅନୁକରଣ କରିହେବ ସେଇ ଚିନ୍ତାରେ ବୁଡିରହି ନିଜକୁ ନଷ୍ଟ କରିଦେବା ସହିତ ପରିବାରକୁ ମଧ୍ୟ ଡୁବାଇଦେଉଛନ୍ତି।

ସମ୍ପାଦକୀୟ

ତାରକ ମହାନ୍ତି



ନିକଟରେ ଘଟିଥିବା ଏକ ବିବାଦକୁ ଭଲ ଭାବେ ତର୍ଜମା କଲେ ସହଜରେ ବୁଝିହେବ ଯେ, ପ୍ରକୃତି-ବାବୁସାନ-ତୃପ୍ତିଙ୍କ ମଧ୍ୟରେ ଯାହା ଘଟିଲା ତାହା ପଛରେ ସେଇ ନିଶା ହିଁ ଦାୟୀ। କାରଣ ଜଣେ ଯେତେବେଳେ ନିଶା କବଳରେ ସମ୍ପୂର୍ଣ୍ଣ ପଡ଼ିଯାଏ, ସେ ସେତେବେଳେ ନିଜର ବୁଦ୍ଧି, ବିବେକ ଓ ଜ୍ଞାନ ହରାଇଦିଏ। ତେଣୁ ନିଶା ଯେ କେତେ କେତେ ପରିବାରକୁ ବରବାଦ କରୁଛି ତାହାର ପରିସଂଖ୍ୟାନ ନେଲେ ଜଣାପଡିବ। ଆଗେ ଭାଙ୍ଗ ଗଞ୍ଜେଇ ଭଳି ନିଶା ସେବନ ଚାଲୁଥିଲାବେଳେ ଏବେ ଧଳା ଜହର ଅଧିକ ମାତ୍ରାରେ ବ୍ୟାପୀ ଚାଲିଛି। ପ୍ରତ୍ୟେକ ଦିନ ଓଡ଼ିଶାର କେଉଁଠିନା କେଉଁଠି ବ୍ରାଉନ୍‌ସୁଗାର ବେପାରୀ ଧରାପଡୁଛି। ରାଜ୍ୟସାରା ଅବିଚାରିତ ଢଙ୍ଗରେ ବିଦେଶୀ ମଦ ଦୋକାନ ଖୋଲିବା ଫଳରେ ସହରରୁ ଗାଁ ସବୁଠି ଯୁବକ ଯୁବତୀ ମଦ୍ୟପାନ କରୁଥିବା ତଥ୍ୟ ସାମ୍ନାକୁ ଆସୁଛି। ଏଥିସହିତ ମାଳ ମାଳ ମଦ ବାର, ପାର୍ଲର ଖୋଲିଯିବା ଯୋଗୁଁ ଲୋକ ସହଜରେ ନିଶାଗ୍ରସ୍ତ ହେଉଛନ୍ତି। ଅଧିକ ରାଜସ୍ୱ ଲୋଭରେ ସରକାର ଅଧିକ ମଦ ଦୋକାନ ଖୋଲିବା, ଚୋରାରେ ଦିନରାତି ସବୁଠି ମଦ ମିଳୁଥିବା କାରଣରୁ ଯିଏ ଯେତେବେଳେ ଚାହୁଁଚି ତା ନିକଟରେ ଏହା ଉପଲବ୍ଧ ହୋଇଯାଉଛି। ଗ୍ରାମାଞ୍ଚଳର ପାନ,ତେଜରାତି ଦୋକାନରେ ବିଦେଶୀ ମଦ ଚୋରାରେ ବିକ୍ରି ହେଉଛି। ଅବକାରୀ ବିଭାଗର ଦାୟିତ୍ୱହୀନତା ହେଉ ଅବା ଲାଞ୍ଚଖିଆ ମନୋବୃତ୍ତି ପାଇଁ ଗ୍ରାମାଞ୍ଚଳରେ ଚୋରା ମଦ କାରବାର ବୃଦ୍ଧି ପାଉଛି। କେବେ କେଉଁଠି ନାମକୁ ମାତ୍ର ଚଢ଼ାଉ କରାଯାଉଥିଲା ବେଳେ ଚୋରା ମଦ ବେପାରୀ ସହଜରେ ଖସିଯାଉଛନ୍ତି। ଏଥିପାଇଁ କଠୋର ଆଇନ ନଥିବାରୁ ଜେଲ ଯାଉଥିବା ମଦ ବେପାରୀଙ୍କୁ ଏହାର ଗୁରୁତ୍ୱ ଜଣାପଡୁନି। ତେଣୁ ସେମାନେ ଜେଲରୁ ଆସିବା ପରେ ପୁଣିଥରେ ନିଜର କାୟା ବିସ୍ତାର କରୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଶିକ୍ଷିତ ବେକାର ସଂଖ୍ୟା ବଢିବା କାରଣରୁ ଯୁବପିଢି ପଥଭ୍ରଷ୍ଟ ହେଉଥିବା ମଧ୍ୟ ନିଶା ପ୍ରସାରର ଅନ୍ୟତମ କାରଣ। ଏବେତ ନିଯୁକ୍ତି ନାହିଁ ପୁଣି ଶିକ୍ଷିତ ବେକାରଙ୍କୁ ଉତ୍ତମ ମାର୍ଗ ଦର୍ଶନର କୌଣସି ସୁଯୋଗ ମଧ୍ୟ ନାହିଁ। କିନ୍ତୁ ଭୋଟ ବ୍ୟାଙ୍କ ସୃଷ୍ଟି ଲକ୍ଷ୍ୟରେ ଲୋକଙ୍କୁ ମାଗଣା ଯୋଜନାର ସୁବିଧା ଯୋଗାଇବା ଫଳରେ କର୍ମ ବିମୁଖତା ଦେଖାଦେଉଛି। ଶିକ୍ଷିତ ବେକାରଙ୍କୁ କୃଷି କ୍ଷେତ୍ରରେ ଲଗାଇବା ପାଇଁ କୌଣସି ସରକାରୀ ଯୋଜନା ମଧ୍ୟ ନାହିଁ। ଯାହାଫଳରେ ବେକାରଙ୍କ ସଂଖ୍ୟା ବଢିଚାଲିଛି। ବେକାରଙ୍କ ପରିସଂଖ୍ୟାନ ତୁଳନାରେ ସରକାରୀ ନିଯୁକ୍ତି ଗୌଣ। ଆତ୍ମନିଯୁକ୍ତି ପାଇଁ ଯୁବପିଢ଼ିକୁ ଯେଭଳି ପ୍ରୋତ୍ସାହନ ମିଳିବା କଥା ତାହା ମିଳୁଛି କି ? ତେଣୁ ବିନା କର୍ମନିଯୁକ୍ତି, ବିନା ପ୍ରୋତ୍ସାହନରେ ଆଜିର ଯୁବପିଢ଼ି ନିଶାଗ୍ରସ୍ତ ହେବେନି ତ କ'ଣ କରିବେ। ମାନସିକ ଦୁଃଶ୍ଚିନ୍ତା ଭିତରେ ପରିବାର ପାଇଁ ବୋଝ ପାଲଟୁଥିବା ଯୁବକ/ଯୁବତୀଙ୍କ ପାଇଁ ସରକାର ନୂତନ ଯୋଜନା ମାନ ପ୍ରଣୟନ ନକଲେ ଭବିଷ୍ୟତ ପିଢ଼ି ବିପଦରେ ପଡିଯିବ। ଏବେଠାରୁ ଶିକ୍ଷିତ ବେକାରଙ୍କ ପାଇଁ କର୍ମନିଯୁକ୍ତିର ରାସ୍ତା ସୁଗମ କରନ୍ତୁ ସରକାର। ଏଥିସହିତ ଦେଶରେ ବ୍ୟାପୁଥିବା ନିଶା କାରବାରର ମୂଳଉତ୍ସ ଗୁଡିକୁ ଖୋଜାଯାଇ ଆଇନଗତ କଠୋର କାର୍ଯ୍ୟାନୁଷ୍ଠାନ ନିଆନଯିବା ପର୍ଯ୍ୟନ୍ତ ନିଶା ମାଫିଆମାନେ ଦେଶର ଯୁବଶକ୍ତିକୁ ନଷ୍ଟ କରିଦେବେ। ପରିବାରର ଭର୍ତ୍ସନା ଶୁଣି କେତେକ ଯୁବକ ଆତ୍ମହତ୍ୟାର ବାଟ ମଧ୍ୟ ବାଛି ନେଉଛନ୍ତି। ଜଣେ ବ୍ୟକ୍ତି ନିରୁତ୍ସାହିତ ରହିଲେ ତା'ର ଜୀବନ ପ୍ରତି ମୋହ ଛାଡିଯାଏ। କୁସଙ୍ଗରେ ହେଉ ବା ପରିସ୍ଥିତିରେ ପଡି ଯେଉଁ ଯୁବପିଢ଼ି ଖରାପ ରାସ୍ତାରେ ପାଦ ଦେଇଛନ୍ତି ସେମାନେ ନିଜର ଆତ୍ମବିଶ୍ୱାସ ଦୃଢ଼ କରିବା ଦରକାର। ନଚେତ୍ ଦୁର୍ଗ ଭୁଶୁଡିଲା ପରି ଅନେକ କିଛି ବର୍ବାଦ ହୋଇଯିବାର ଆଶଙ୍କା ରହିଛି।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ନ୍ୟାୟିକ ବ୍ୟବସ୍ଥାରେ ଓକିଲ-ବିଚାରପତି ସମ୍ପର୍କ



ଗଜାନନ ମିଶ୍ର

ଏ ଜୀବନ ହେଉଛି ସତ୍ୟ। କିନ୍ତୁ ଅସତ୍ୟର ସମ୍ବନ୍ଧରୁ କଲ୍ମଷ ଜାତ ହୋଇଯାଉଛି। ତେଣିକି ଦୋଷାଦୋଷ ପାପପୂଣ୍ୟର ବିଚାର ଆସୁଛି। ତେଣୁ ଅସତ୍ୟକୁ ଠାବ କରି ସତ୍ୟରେ ସତ୍ୟକୁ ପ୍ରତିଷ୍ଠା କରିବାକୁ ଗଣତାନ୍ତ୍ରିକ ଶାସନପ୍ରଣାଳୀରେ ବିଚାର ପ୍ରକ୍ରିୟା କାର୍ଯ୍ୟରତ। ଭାବରେ ସତ୍ୟ, କ୍ରିୟାରେ ସତ୍ୟ ହେଲେ ଯାଇ ଏକ ସୁନ୍ଦର ସମାଜ ଗଠିତ ହେବ। ଏଥିପାଇଁ ସ୍ୱଚ୍ଛ ଓ ସଶକ୍ତ ନ୍ୟାୟପାଳିକାର ଆବଶ୍ୟକତା ରହିଛି। ନ୍ୟାୟପାଳିକାର ଦୁଇଟି ପାର୍ଶ୍ୱ ବା ମୁହଁ। ଗୋଟିଏ ବିଚାରପତି ହେଲେ ଆରଟି ଓକିଲ ବା ଅଧିବକ୍ତା। ଉଭୟେ ଭାବରେ ଅଦ୍ୱୈତ ଯଦିଓ କ୍ରିୟାରେ ନୁହେଁ।ଉଭୟେ ସତ୍ୟ ଆଉ ଉଭୟେ ସତ୍ୟକୁ ପ୍ରାପ୍ତ ହୁଅନ୍ତି। ଉଭୟେ ଉଭୟଙ୍କ ପରିପୂରକ।

ଗତ ୨୩/୦୭/୨୦୨୨ ତାରିଖ ଅପରାହ୍ନ ୧/୩୦ରେ ଟିଟିଲାଗଡ ଓକିଲ ସଂଘର ସଭାଗୃହରେ ନୂତନଭାବେ ଯୋଗ ଦେଇଥିବା ଜିଲ୍ଲା ଓ ଦୌରା ବିଚାରପତି ବଲାଙ୍ଗିର ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ଆଗମନ ଉପଲକ୍ଷେ ଟିଟିଲାଗଡ ଓକିଲ ସଂଘ ତରଫରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ସଂଘର ଉପସଭାପତି ଶ୍ରୀ ପଙ୍କଜ କୁମାର ପାଢୀ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ନିଜ ବକ୍ତବ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଡକୁ ମାନ୍ୟବର ଜିଲ୍ଲା ବିଚାରପତି ଇସାରା କରିଥିଲେ, ତାହା ହେଉଛି ବିଚାର ପ୍ରକ୍ରିୟାରେ ଓକିଲ-ବିଚାରପତି ସଂପର୍କ। ଇଂରେଜିରେ କହିଲେ ବାର-ବେଂଚ ରିଲେସନ୍। ପ୍ରସଙ୍ଗଟି ସହଜ ଜଣା ପଡୁଥିଲେ ମଧ୍ୟ ଏତେ ସହଜ ନୁହେଁ, ଯଦିଓ ଜଟିଳ କଦାପି ନୁହେଁ। ବିଚାରପ୍ରକ୍ରିୟାର ସୁପରିଚାଳନା ନିମନ୍ତେ ଓକିଲ-ବିଚାରପତି ସଂପର୍କ ସୌହାର୍ଦ୍ଦପୂର୍ଣ୍ଣ ହେବା ନିହାତି ଆବଶ୍ୟକ। କଥା ପ୍ରସଙ୍ଗରେ ମାନ୍ୟବର କହିଲେ ଯେ ଜଣେ ଆରେକକୁ ଭଲ ଭାବରେ ବୁଝି ନ ପାରୁଥିବା କାରଣରୁ ବେଳେବେଳେ ତିକ୍ତତା ବଢିଥାଏ, ମହକିଲ ଯନ୍ତ୍ରଣା ପାଏ, ମାମଲା ଠିକ୍ ସମୟସୀମା ଭିତରେ ଫଇସଲା ହୋଇ ପାରେ ନାହିଁ। ଏମିତିକି ବେଳେବେଳେ ଓକିଲଙ୍କ ନାମରେ ଅଦାଲତ ଅବମାନନା ଓ ଆଉ କେତେବେଳେ ବିଚାରପତିଙ୍କୁ ଉପର ଅଦାଲତରୁ ଭର୍ତ୍ସନାର ସାମ୍ନା କରିବାକୁ ପଡେ।

ମାନ୍ୟବର ଜିଲ୍ଲା ଓ ଦୌରା ବିଚାରପତି ବଲାଙ୍ଗିରଙ୍କୁ ପ୍ରଶଂସା ନ କରି ରହିବା ଆଦୌ ସମ୍ଭବ ହେଉ ନାହିଁ। ଏଥିପାଇଁ ଯେ ଗତ ୨୨/ ୧୧/୨୦୧୩ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟ ପିଟର ରମେଶ କୁମାର ଓକିଲ ମଦୁରାଇ ମାମଲାରେ, ଯେତେବେଳେ ତାମିଲ ଭାଷାକୁ ନେଇ ଶହ ଶହ ଓକିଲ ଅଦାଲତ ବର୍ଜନ କରିଥିଲେ, ଭାଷା ସମ୍ବେଦନା ପ୍ରକାଶ ପାଇଥିଲା, ତାମିଲଭାଷାର ଏକ ଶପଥପାଠକୁ ନେଇ ଅନେକ ବିଷୟ ଆଲୋଚନା କରାଯାଇଛି। ଏହା ନିରାଟ ସତ୍ୟ ଯେ ଓକିଲ-ବିଚାରପତି ସଂପର୍କ ଭିତରେ ବିଦେଶୀ ଇଂରେଜି ଭାଷା ବହୁ ଭାବରେ ବାଧକ ହୋଇ ଛିଡା ହେଉଛି। କହିବାକୁ ହେବ ସବୁ ଅବୁଝାମଣାର ମୂଳରେ ଏଇ ବିଦେଶୀ ଭାଷା। ଯଦି ମାତୃଭାଷାରେ ସବୁବେଳେ ବିଚାରପ୍ରକ୍ରିୟା କାର୍ଯ୍ୟ କରନ୍ତା ତେବେ କୌଣସି ପ୍ରକାରର ଅବୁଝାମଣା ରହନ୍ତା ନାହିଁ, ସତ୍ୟ ସାମ୍ନାକୁ ଆସିବାକୁ ଡେରି ହୁଅନ୍ତା ନାହିଁ। ଅଧିକନ୍ତୁ ଅଦାଲତର ମାନ ମର୍ଯ୍ୟାଦା ଆହୁରି ବୃଦ୍ଧି ହୁଅନ୍ତା। ଦରଖାସ୍ତ, ବାଦପତ୍ର, ଲିଖିତଜବାବ, ଶପଥପାଠ, ଅପିଲାଦି ମାତୃଭାଷାରେ ହେଲେ ହୃଦୟରୁ ଆସୁଥିବା ସତ୍ୟ ପ୍ରକାଶ ପାଇ ପାରନ୍ତା ଅକ୍ଷର ଆଉ ଶବ୍ଦରେ ନିଶ୍ଚିତ ଭାବରେ। ମାନ୍ୟବର ବିଚାରପତିଗଣ ଯଦି ମାତୃଭାଷାରେ ରାୟ, ଆଦେଶାଦି ପ୍ରଦାନ କରନ୍ତେ ତେବେ ସ୍ୱଚ୍ଛତା, ନିରପେକ୍ଷତା ନିଶ୍ଚୟ ରହନ୍ତା ଯେହେତୁ ସତ୍ୟ ମେବ ଜୟତେ ସ୍ଥାନରେ ଅସତ୍ୟର ଚିହ୍ନ ନାହିଁ, ବିପରୀତ ଜ୍ଞାନ ନାହିଁ, ଅସ୍ୱାଭାବିକତା ନାହିଁ। ମାତୃଭାଷାରେ ଜ୍ଞାନର ବିବେକର ଆଦର କରାଯାଇଥାଏ, ସ୍ୱତନ୍ତ୍ରତା, ସିଦ୍ଧତା ପ୍ରକାଶ ପାଇଥାଏ, ସେଠାରେ ସଦା ସତ୍ୟର ଜୟ ଜୟକାର ହୋଇଥାଏ।

ବୃହତ୍ ଜନସ୍ୱାର୍ଥ ଦୃଷ୍ଟିରୁ ଓକିଲ-ବିଚାରପତି ଭିତରେ ଅବୁଝାମଣା ଲାଗି ରହିବା ଜମାରୁ ଶୁଭଙ୍କର ନୁହେଁ। ଏଇଟାକୁ ସମାଧାନ କରୁ କରୁ ନେଡିଗୁଡ କହୁଣୀକୁ ବହି ସାରିଥାଏ। ଜନମୁଖରେ ସ୍ୱୟଂ ବିଚାରାଳୟ ଛିଡା ହୋଇଯାଏ ନିରପେକ୍ଷ ତତ୍ତ୍ୱକୁ ଧରିଥିଲେ ବି। ବୁଝିଯିବା ଉଚିତ ଯେ ସବୁ ସବୁ ଲୋକଙ୍କ ଦ୍ୱାରା ସ୍ୱୀକୃତ, ସାଧାରଣ ଲୋକେ ସାର୍ବଭୌମ, ଆଉ ଲୋକଙ୍କ ପାଇଁ ଯେତେ ଯାହାସବୁ। ବିଚାରବିଭାଗର ଦୁଇଟି ଚକ ଓକିଲ- ବିଚାରପତି ତଥା ବାର-ବେଂଚ ଭିତରେ ଠିକ୍ ତାଳମେଳ ନ ରହିଲେ, ବନ୍ଧୁତ୍ୱପୂର୍ଣ୍ଣ ସଂପର୍କର ଅଭାବ ହେଲେ ବିଚାର ରୂପକ ଗାଡି ଆଗକୁ ଯାଇ ପାରେ ନାହିଁ। ଓକିଲ ଓ ବିଚାରପତି ଉଭୟେ ଉଭୟଙ୍କୁ ଶ୍ରଦ୍ଧା ସମ୍ମାନ ଆଦାନ ପ୍ରଦାନ କରିବା ନିହାତି ଆବଶ୍ୟକ। ଅନେକାନେକ ମାମଲା ଯଥା ଆଲିଗଡ ମୁନସିପାଲ ବୋର୍ଡ ବନାମ ଇକାଟୋକା, ଏଲ ଡି ଜାଇକବାଲ ବନାମ ୟୁ ପି ସରକାର, ଲଳିତ ମଧନ ବନାମ ପି ସି ଶ୍ରୀ ବାସ୍ତବ ଇତ୍ୟାଦିରେ ବାର- ବେଂଚ ସଂପର୍କ ଉପରେ ଅନେକ କଥା କୁହାଯାଇଛି। ଟେବୁଲ ଏପଟେ ଉପରେ ବିଚାରପତି, ଟେବୁଲ ସେପଟେ ତଳେ ଓକିଲଗଣ ଥିଲେ ବି ଉଭୟେ ବିଚାରବିଭାଗର ଅବିଚ୍ଛେଦ୍ୟ ଅଙ୍ଗ। ଜଣକ ବିନା ଆରଜଣକ କିଛି କରିଦେବ ଏଇ ଭାବନା ନାହିଁ। ଧୈର୍ଯ୍ୟ ସହିତ ବିଚାରପତିଗଣ ଶୁଣିବେ, ସମ୍ମାନ ସହିତ ଓକିଲଗଣ ସତ୍ୟ ଉପସ୍ଥାପନ କରିବେ। ଏପରି ନ ହେଲେ ନ୍ୟାୟ ପ୍ରଣାଳୀ ବାଧାପ୍ରାପ୍ତ ଓ କ୍ଷତିଗ୍ରସ୍ତ ହେବ। ସମଗ୍ର ବିଚାରବିଭାଗ ଓକିଲ ଓ ବିଚାରପତିଙ୍କୁ ନେଇ ଘୂର୍ଣ୍ଣୟମାନ ବା ଚଳଚଂଚଳ। ଗୋଟିଏ ମୁଦ୍ରାର ଉଭୟ ପାର୍ଶ୍ୱ ଭଳି ଓକିଲ ଓ ବିଚାରପତି। ଉଭୟଙ୍କ ବିନା ଅଦାଲତ ମୂଲ୍ୟହୀନ।

୧୯୯୯ ମସିହାରେ ନାଇଜେରିଆରେ ଏକ ମାମଲା କାଲାବର ଇଷ୍ଟ କୋ ଅପେରେଟିଭ ସୋସାଇଟି ବନାମ ଇକଟରେ କୁହାଯାଇଛି ଯେ ଉଭୟ ପକ୍ଷ ଓକିଲ ନିଜ ନିଜ ବକ୍ତବ୍ୟ ଉପସ୍ଥାପନ କରିବେ, ବିଚାରପତି ନିରପେକ୍ଷ ଭାବରେ ନିଜର ମତ ପ୍ରଦାନ କରିବେ। ମନେ ରଖିବାକୁ ହେବ ଯେ ବିଚାରପତିଙ୍କ ଭଳି ଓକିଲ ମଧ୍ୟ ସମ୍ମାନନୀୟ, ସମ୍ମାନାସ୍ପଦ। ନ୍ୟାୟ ପ୍ରଦାନ ହେଉଛି ଉଭୟଙ୍କ ଯୁଗ୍ମ କର୍ତ୍ତବ୍ୟ। ବିଚାରପତିଙ୍କ କାର୍ଯ୍ୟ ଅବଶ୍ୟ ଟିକିଏ ଅଧିକ ଗୁରୁତ୍ୱପୂର୍ଣ୍ଣ। ନ୍ୟାୟ ପ୍ରତିଷ୍ଠା ଦୃଷ୍ଟିରୁ ବିଚାରପତି ଏକପାଖିଆ ହେବା ଏକ ଅପରାଧ। ଠିକ୍ ସେପରି ଗୋଟିଏ ପକ୍ଷର ଓକିଲ ଆରପକ୍ଷ ଦ୍ୱାରା ପ୍ରଲୋଭିତ ହେବା ଦୋଷାବହ। କେହି କାହା କାର୍ଯ୍ୟକୁ ହସ୍ତକ୍ଷେପ କରିବେ ନାହିଁ। ପରସ୍ପରକୁ ସମ୍ମାନ ଦେବେ। ଆଇନକାନୁନକୁ ତର୍ଜମା କରି ଭଲଭାବରେ ବୁଝିବେ। କଡା ବା ବଙ୍କା କଥା ସର୍ବଦା ବର୍ଜନୀୟ। ସର୍ବୋପରି ଚରିତ୍ର ଓ ବ୍ୟବହାର ଗୁରୁତ୍ୱପୂର୍ଣ୍ଣ। ମଝିରେ ମଝିରେ ବୈଠକ ମାଧ୍ୟମରେ ସମସ୍ତ ପ୍ରକାରର ଅବୁଝାମଣା ଦୂର କରିଦେବା ଭଲ। ଆମ ଉଚ୍ଚତମ ନ୍ୟାୟାଳୟ ପି ଡି ଗୁପ୍ତା ବନାମ ରାମମୂର୍ତ୍ତି ଓ ଅନ୍ୟାନ୍ୟ ମାମଲାରେ ବାର-ବେଂଚ ସଂପର୍କ ବିଷୟରେ ଅନେକ କଥା କହିଛନ୍ତି, ସେସବୁ ଜାଣି ରଖିବା ଉଚିତ୍।

ଓକିଲଟିଏକୁ ସଦା ସ୍ୱଚ୍ଛ ରହିବାକୁ ହେବ ମହକିଲ ପ୍ରତି, ଅଦାଲତ ପ୍ରତି, ଏପରିକି ବିପକ୍ଷ ମହକିଲ ପ୍ରତି ମଧ୍ୟ। ଏଥିପାଇଁ ସବୁବେଳେ ଓକିଲଙ୍କ ଭିତରୁ ବିଚାରପତି ବଛାଗଲେ ନ୍ୟାୟର ମର୍ଯ୍ୟାଦା ବୃଦ୍ଧି ହେବ। ଏକ ମୁକ୍ତ, ମଙ୍ଗଳମୟ ଓ ସଭ୍ୟ ସମାଜ ପାଇଁ ବାର-ବେଂଚ ଉଭୟେ ଭୟଶୂନ୍ୟ, ନିରପେକ୍ଷ ତଥା ସତ୍ୟନିଷ୍ଠ ରହିବା ଏକାନ୍ତ ପ୍ରୟୋଜନ। ଏହା ସହିତ ଲୋକଙ୍କ ଭାଷାରେ ତଥା ମାତୃଭାଷାରେ ବିଚାରବିଭାଗର ସମସ୍ତ କାର୍ଯ୍ୟ କରାଗଲେ ସ୍ୱଚ୍ଛତା ପ୍ରକାଶ ପାଇବା ସହିତ ମାନ୍ୟବର ଅଦାଲତର ସମ୍ମାନ ଅକ୍ଷୁର୍ଣ୍ଣ ରହିବ।

*ତପୋବନ, ଟିଟିଲାଗଡ, ବଲାଙ୍ଗିର*
*ଦୂରଭାଷ : ୯୪୩୭୩୭୬୬୭୪*

# ଭାରତୀୟତା ଏବଂ ସନାତନ ସଂସ୍କୃତି ତଥା ସମାଜ ପାଇଁ ଏକତାର ବାର୍ତ୍ତା

ଗୋଲଖ ଚନ୍ଦ୍ର ଦାସ

ଏହା ବାସ୍ତବରେ ଏକ ଐତିହାସିକ ଦିନ। ଦ୍ରୌପଦୀ ମୁର୍ମୁ ଭାରତର ୧୫ତମ ରାଷ୍ଟ୍ରପତି ଭାବରେ ଆସନ ଅଳଙ୍କୃତ କରିଛନ୍ତି। ପ୍ରଥମ ଜନଜାତୀ ମହିଳା ଭାରତର ପ୍ରଥମ ନାଗରିକ ହୋଇ ରାଷ୍ଟ୍ରୀୟ ଭବନରେ ପ୍ରବେଶ କରିଛନ୍ତି।

ଏହି ଦିନଟି କେବଳ ଏହି ଦେଶର ୧୨ କୋଟିରୁ ଅଧିକ ଜନଜାତୀ ସମାଜ ପାଇଁ ନୁହେଁ, ବରଂ ସମଗ୍ର ଭାରତ ଇତିହାସରେ ସୁବର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିଗଲା। ଆଜି ସମଗ୍ର ଦେଶବାସୀଙ୍କ ମସ୍ତକ ଗର୍ବରେ ଉଚ୍ଚରେ ରହିଛି। ଭାରତ ସ୍ୱାଧୀନତାର ଅମୃତ ମହୋତ୍ସବରେ ଜଣେ ଜନଜାତୀ ମହିଳାଙ୍କୁ ଦେଶର ସର୍ବୋଚ୍ଚ ପଦରେ ଅଧିଷ୍ଠାନ କରାଇବା, ଦେଶର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଐତିହାସିକ ଘଟଣା ଭାବରେ ବିବେଚନା କରାଯାଉଛି।

ଏକ ଗୌରବଶାଳୀ ପରମ୍ପରା, ସଂସ୍କୃତି ସହିତ ସଂସ୍କାରୀତ ଜୀବନ ଯାପନ କରିବା ଏହି ଦେଶର ଏକ ପ୍ରମୁଖ ଉପାଦାନ ବା ଅଂଶଭୂତ। ଏହାସତ୍ତ୍ୱେ ଯେଉଁ ସମାଜ ପଛୁଆ, ଅନ୍ଧବିଶ୍ୱାସୀ, ନିଶାସକ୍ତ ଭାବରେ ଚିତ୍ରିତ ହୋଇ ବର୍ଷବର୍ଷ ଧରି ଅବହେଳିତ ହୋଇ ଆସିଛି , ଏପରି ସମାଜର ଜଣେ ବ୍ୟକ୍ତି, ସେ ଜଣେ ମଧ୍ୟ ମହିଳା ଦେଶର ସର୍ବୋଚ୍ଚ ପଦରେ ପହଁଚିଛନ୍ତି , ଏହା ଦେଶ ପାଇଁ ଏକ ଶୁଭ ସଂକେତ । ୭୫ ବର୍ଷ ବିଳମ୍ବ ହୋଇଥିଲେ ମଧ୍ୟ, ଜନଜାତୀ ସମାଜକୁ ତାଙ୍କର ଅଂଶ, ଭାଗିଦାରୀ ଦେବା ପାଇଁ ଏହା ଏକ ଉପଯୁକ୍ତ ପଦକ୍ଷେପ ଭାବରେ ବିବେଚନା କରାଯାଉଛି। ଏହା ସତ୍ୟ ଯେ, ଜନଜାତୀ ସମାଜ ବିଷୟରେ ଆଜି ମଧ୍ୟ ସଂପୂର୍ଣ୍ଣ ଦେଶରେ ଭୁଲ ପ୍ରତିଛବି ସୃଷ୍ଟି ହୋଇଛି। ଆମ ସମାଜ ମଧ୍ୟରୁ ଏହିପରି ଭ୍ରାନ୍ତଧାରଣା ଦୂରକରିବାର ଆବଶ୍ୟକତା ଥିଲା। ଦୁର୍ଭାଗ୍ୟବଶତ ଏହି ଦେଶ ଜନଜାତୀ ସମାଜର ଆକ୍ରୋଶକୁ କେବେ ବୁଝି ପାରିନଥିଲା। ଜନଜାତୀ ସମାଜର ଏତେ ବଡ ସ୍ୱର ନଥିଲା କି ସେମାନଙ୍କର ନେତୃତ୍ୱ ମଧ୍ୟ ନଥିଲା । ଯେଉଁଥିପାଇଁକି ସମଗ୍ର ସମାଜ ନିକଟରେ ସେମାନଙ୍କ ଧ୍ୱନୀ ପ୍ରତିଧ୍ୱନୀତ୍ୱ ହୋଇ ପାରୁନଥିଲା । ଜନଜାତୀ ସମାଜ ଉପରେ ଯେତେବେଳେ ବିଶ୍ୱାସ ସୃଷ୍ଟି ହୋଇଛି, ଯେତେବେଳେ ସେମାନଙ୍କୁ ସୁଯୋଗ ମିଳିଛି, ସେମାନେ ଦ୍ରୁତ ଗତିରେ ପ୍ରଗତି ଆଡକୁ ଅଗ୍ରସର ହେବାର ଅନେକ ଉଦାହରଣ ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି। ରାଜନୀତିରେ ହେଉ, ସାମାଜିକ କ୍ଷେତ୍ରରେ ହେଉ କିମ୍ବା କ୍ରୀଡା କ୍ଷେତ୍ରରେ, ଜନଜାତି ସମାଜ ସର୍ବଦା ନିଜର ପ୍ରତିଭାକୁ ପ୍ରମାଣିତ କରି ଦେଶର ଗୌରବ ବଢାଇଛନ୍ତି।

ଇଂରେଜମାନେ ଯେଉଁ ବିକୃତମାନସିକତାରେ ଜନଜାତି ସମାଜକୁ ଦେଖୁଥିଲେ ତାହା ମଧ୍ୟ ଦେଶ ସ୍ୱାଧୀନତା ପରେ ପରିବର୍ତ୍ତନ ହୋଇନଥିଲା । ଯେଉଁ ସମାଜରେ ବିର୍ସା ମୁଣ୍ଡା, ରାଣୀ ଗାଇଡିନଲ୍ୟୁ, ରାଣୀ ଦୁର୍ଗାବତୀ, ରାଘୋଜୀ ଭାଙ୍ଗରଙ୍କ ପରି ଶହ ଶହ ବୀର କ୍ରାନ୍ତିକାରୀ ଭାରତକୁ ବ୍ରିଟିଶ ଦାସତ୍ୱରୁ ମୁକ୍ତ କରିବା ପାଇଁ ନିଜର ଜୀବନକୁ ଉତ୍ସର୍ଗ କରିଥିଲେ, ଏପରି ସମାଜ କିପରି ପଛୁଆ ହୋଇ ରହିପାରିବ ? ଦୁର୍ଭାଗ୍ୟବଶତ ସ୍ୱାଧୀନ ଭାରତରେ ବ୍ରିଟିଶମାନଙ୍କ ନୀତି ହେତୁ ଜନଜାତୀ ସମାଜ ମଧ୍ୟ ସେହି ରାସ୍ତାରେ ପାଦ ଥାପି ଚାଲିଥିଲେ। ସ୍ୱାଧୀନତା ପରେ ବିଭିନ୍ନ ରାଜନୈତିକ ଦଳ ଜନଜାତି ସମାଜକୁ ନିଜର ଭୋଟ ବ୍ୟାଙ୍କ ରୂପରେ ବ୍ୟବହାର କରୁଥିଲେ । କଂଗ୍ରେସ ସରକାର ଦଶନ୍ଧି ଧରି ଶାସନ କରିବା ପରେ ମଧ୍ୟ ଜନଜାତି ସମାଜ ଲୋକଙ୍କ ବିକାଶ ପାଇଁ ଉପଯୁକ୍ତ ପଦକ୍ଷେପ ନେଇ ନଥିଲା କିମ୍ବା ଦେଶର ସର୍ବୋଚ୍ଚ ପଦ ପାଇଁ ସେମାନେ ଯୋଗ୍ୟ ବୋଲି କେବେ ବିବେଚନା କରିନଥିଲା । ବର୍ତ୍ତମାନ ସରକାର ଜଣେ ଜନଜାତି ମହିଳାଙ୍କୁ ଯେଉଁ ବିଶ୍ୱାସର ସହିତ ରାଷ୍ଟ୍ରପତି ପଦରେ ବସାଇଛନ୍ତି ତାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ସମସ୍ତ ଦଳର ସମର୍ଥନରେ ଯଦି ନିର୍ବାଚିତ ହୋଇଥାନ୍ତେ ତାହା ହେଲେ ଭଲ ହୋଇଥାନ୍ତା । ବର୍ଷ ବର୍ଷ ଧରି ଏହି ଦେଶର ଯେଉଁ ସମାଜ ଅବହେଳା, ଅନ୍ୟାୟର ଶିକାର ହୋଇଛି, ସେହି ସମାଜକୁ ବିଭିନ୍ନ କ୍ଷେତ୍ରରେ ପ୍ରତିନିଧିତ୍ୱ କରିବାକୁ ବର୍ତ୍ତମାନର ସରକାର ଉଦ୍ୟମ କରୁଛନ୍ତି । ଯେଉଁ କାରଣରୁ ଏକ ସମରସତା ଯୁକ୍ତ ବାତାବରଣ ସୃଷ୍ଟି ହୋଇ ଏହି ଦେଶ ଦ୍ରୁତ ଗତିରେ ପ୍ରଗତି ଆଡକୁ ଗତି କରିବ, ଏହି ଆଶା ଓ ବିଶ୍ୱାସ ସମସ୍ତଙ୍କର ରହିଛି । ଦ୍ରୌପଦୀ ମୁର୍ମୁ ଯେଉଁ ଜନଜାତୀ ସମାଜରୁ ଆସିଛନ୍ତି, ପ୍ରାୟ ୧୨ କୋଟିର ଜନଜାତୀ ସମାଜ ଏବେ ମଧ୍ୟ ବିଭିନ୍ନ ସମସ୍ୟା ସହ ସଂଘର୍ଷ କରୁଛନ୍ତି । ଆଜି ବି ଏହି ସମଗ୍ର ଅଂଚଳରେ ମୌଳିକ ବ୍ୟବସ୍ଥାର ଅଭାବ ଦୃଶ୍ୟମାନ ହେଉଛି। ଦେଶର ସର୍ବୋଚ୍ଚ ମୁଖ୍ୟ ଭାବରେ ଦ୍ରୌପଦୀ ମୁର୍ମୁ ଏହି ସମାଜର ସମସ୍ୟା ପ୍ରତି ବିଶେଷ ଧ୍ୟାନ ଦେବେ ବୋଲି ଆଶା କରାଯାଉଛି । ବିଭିନ୍ନ ଅନ୍ତରାଷ୍ଟ୍ରୀୟ ଗତିବିଧି ଯେପରି ଆଦିବାସୀ ସମାଜକୁ ବ୍ୟବହାର କରି ସେମାନଙ୍କୁ ଏହି ଦେଶ ବିରୁଦ୍ଧରେ ଠିଆ କରିବାକୁ ପ୍ରୟାସ କରିଛି। ସେହି ପ୍ରୟାସକୁ ବିଫଳ କରିବା ତାଙ୍କର ପ୍ରାଥମିକତା ହେବା ଉଚିତ। ବିଦେଶୀ ଶକ୍ତିର ଷଡଯନ୍ତ୍ର ମାଧ୍ୟମରେ ଖ୍ରୀଷ୍ଟିଆନ ମିଶନାରୀମାନଙ୍କ ଦ୍ୱାରା ଜନଜାତୀମାନଙ୍କୁ ବହୁଳ ମାତ୍ରାରେ ଧର୍ମାନ୍ତରୀଣ କରାଯାଉଛି। କିଛି ବିଶେଷ ଗୋଷ୍ଠୀମାନଙ୍କ ଦ୍ୱାରା ଜନଜାତୀ ସମାଜ ପାଇଁ ଅଲଗା ଧର୍ମ କୋର୍ଡ ଦାବି ହେଉଛି । ଏସବୁ ଭାରତ ବିରୋଧୀ ଏଜେଣ୍ଡାର ଏକ ଅଂଶ ବିଶେଷ ଯାହା ଭାରତକୁ ଅସ୍ଥିର କରିବାକୁ ଚେଷ୍ଟା କରାଯାଉଛି । ଯେଉଁଥିରେ ଜନଜାତୀ ସମାଜର ଲୋକମାନେ ସେମାନଙ୍କର ଷଡଯନ୍ତ୍ରର ଶିକାର ହେଉଛନ୍ତି । ଏହି ଦୃଷ୍ଟିକୋଣରୁ ମଧ୍ୟ ତାଙ୍କୁ ଜନଜାତୀ ସମାଜର ସମସ୍ୟାର ମୂଳ କାରଣ ଖୋଜିବାକୁ ଚେଷ୍ଟା କରିବାକୁ ପଡିବ।

ନିଜର ବ୍ୟକ୍ତିଗତ ଜୀବନରେ ସମସ୍ତ ପ୍ରକାର ସଘର୍ଷର ସମ୍ମୁଖୀନ ହୋଇ ଦ୍ରୌପଦୀ ମୁର୍ମୁ ଯେପରି ସାମାଜିକ ତଥା ରାଜନୈତିକ ଜୀବନରେ ନିଜକୁ ପ୍ରତିଷ୍ଠିତ କରିଥିଲେ, ସେହି ଅଭିଜ୍ଞତା ଆଧାରରେ ରାଷ୍ଟ୍ରପତି ଭାବରେ ସେ ମଧ୍ୟ ଏହି ଦେଶର ଏକତା ତଥା ଅଖଣ୍ଡତା ପାଇଁ ନିଜର ସର୍ବୋଚ୍ଚ ଯୋଗଦାନ କରିବେ ବୋଲି ଦେଶବାସୀଙ୍କର ବିଶ୍ୱାସ ଅଛି। ତାଙ୍କର ଦୃଢ ବିଶ୍ୱାସ ଏବଂ ଇଚ୍ଛାଶକ୍ତି ଏଥିରୁ ବୁଝିବାକୁ ହେବ ଯେ ସ୍ୱାମୀ ଏବଂ ପିଲାମାନଙ୍କୁ ହରାଇବା ପରେ ମଧ୍ୟ ସେ ସମାଜ ସମସ୍ୟାର ସମାଧାନ ପାଇଁ ସଂଗ୍ରାମରୁ ବିରତ ରହିନାହାଁନ୍ତି । ସମାଜରେ ସଚେତନତା ଆଣିବା ପାଇଁ ସେ ବ୍ୟାପକ କାର୍ଯ୍ୟ କରିଛନ୍ତି । ସାମ୍ବିଧାନିକ ପଦବୀରେ ରହି ମଧ୍ୟ ସମାଜର ସମସ୍ୟାକୁ ଜାତୀୟସ୍ତରରେ ଉଠାଇଛନ୍ତି। ଯେଉଁଦିନ ତାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷିତ କରାଯାଇଥିଲା, ସେହି ଦିନ ସକାଳେ ସେ ନିଜ ଜନ୍ମସ୍ଥାନ ରାଇରଙ୍ଗପୁରର ଶିବ ମନ୍ଦିରରେ ପୂଜା-ଅର୍ଚ୍ଚନା କରିଥିଲେ । ଏହି ପୂଜା ସହିତ ସେ ସମଗ୍ର ସମାଜକୁ ଭାରତୀୟତା ଏବଂ ସନାତନ ସଂସ୍କୃତି ତଥା ଏକତାର ଯେଉଁ ବାର୍ତ୍ତା ଦେଇଛନ୍ତି ତାହା ଅଭୁତପୂର୍ବ ଥିଲା।

*ଘିଗିଡିଆ, ବାରୁଅ, କେନ୍ଦ୍ରାପଡା*
*ଦୂରଭାଷ : ୯୮୬୧୦୨୮୫୫୩*

# ସାମ୍ପ୍ରତିକ ସମୟବୋଧ



ଡକ୍ଟର ମନୋରଞ୍ଜନ ବିଷୋୟୀ

ଏକବିଂଶ ଶତକର ବିଶ୍ୱ ସମଗ୍ର ଜଗତ ପାଇଁ ଆଣିଛି ଏକ ଅବିଶ୍ୱାସନୀୟ ପରିବର୍ତ୍ତନ । ଜଗତୀକରଣର ଦୃଷ୍ଟିଭଙ୍ଗୀ ନେଇ ଆଜି ସମଗ୍ର ବିଶ୍ୱ ହୋଇଛି ଗୋଟିଏ ପରିବାର। ବୈଷୟିକ ଜ୍ଞାନର ବିକାଶ ଫଳରେ ପୃଥିବୀର କୋଣ ଅନୁକୋଣରେ ଘଟିଯାଉଥିବା ଘଟଣା ମୁହୂର୍ତ୍ତକ ଭିତରେ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି। ପୃଥିବୀର ଯେକୌଣସି ଅଞ୍ଚଳରେ ଘଟୁଥିବା ଏକ ଆକସ୍ମିକ ବିପର୍ଯ୍ୟୟ ସମଗ୍ର ବିଶ୍ୱପାଇଁ ଆଣିଛି ସମାନ ଭାବରେ ଦୁଃଖଦ ସ୍ମୃତି। ଏପରିକି ବିଜ୍ଞାନର ଚରମ ଅଭ୍ୟୁଦୟ ଯେତିକି ଆଣିଛି ସମନ୍ୱୟ, ସେତିକି ବି ସୃଷ୍ଟି କରିଛି ବିପର୍ଯ୍ୟୟ। ଯାହାର ଜ୍ୱଳନ୍ତ ଉଦାହରଣ ସଂପ୍ରତି ଦେଖାଦେଇଥିବା ପରିସ୍ଥିତି।

ପ୍ରକୃତପକ୍ଷେ କହିବାକୁ ଗଲେ ଆଜି ମଣିଷ ମୁହୂର୍ତ୍ତ ସର୍ବସ୍ୱ ମନସ୍ଥିତିକୁ ନେଇ କାଳ ଅତିବାହିତ କରୁଛି। ଅତୀତର ପ୍ରଲମ୍ବିତ ଯୁଗସର୍ବସ୍ୱ ମନୋବୃତ୍ତି ଆଜି ତିରୋହିତ। ଆଜି ମଣିଷ ପରିବର୍ତ୍ତିତ ପରିସ୍ଥିତି ସହ ସାଲିସ୍ କରିବାକୁ ବାଧ୍ୟ । ସାମ୍ପ୍ରତିକ କାଳରେ ଛଳନାମୟ ରାଜନୈତିକ ଯାତ୍ରା, ଫମ୍ପା ମୂଲ୍ୟବୋଧର ଜୟଗାନ, ମାନବୀୟ ଦୃଷ୍ଟିଭଙ୍ଗୀର ଅବମୂଲ୍ୟାୟନ ସହ ସମ୍ପର୍କ ଓ ସଂପ୍ରୀତିର ମୃତ୍ୟୁ ଘଟିଛି। ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଆତ୍ମମଗ୍ନ ହୋଇଉଠିଛି। ଭୋଗସର୍ବସ୍ୱ ମନୋବୃତ୍ତି ଆଜି ମଣିଷକୁ ମଣିଷ ପାଖରେ ବିଭେଦର ରେଖା ଟାଣି ଠିଆ କରାଇଛି। ସଂପ୍ରତି ଏହି ସମସ୍ୟା କେବଳ ବ୍ୟକ୍ତିର ନୁହେଁ; ଏହା ହେଉଛି ସମୟର। ମଣିଷପଣିଆର ଡୋରି କ୍ରମେ ଶିଥିଳ ହେବାରେ ଲାଗିଛି । ଆଜି ପାରସ୍ପରିକ ସଂପ୍ରୀତି ଓ ସୌହାର୍ଦ୍ଦ୍ୟ ପରାହତ ହୋଇଛି। ଦେଶ ଠାରୁ ଆରମ୍ଭ କରି ବିଦେଶ ସର୍ବତ୍ର ଆଜି ମଣିଷ ଆପଣାର ପ୍ରାପ୍ତି ପାଇଁ; ନିଖିଳ ବିଶ୍ୱକୁ ଉପେକ୍ଷା କରିଚାଲିଛି।

ଏ ପରିପ୍ରେକ୍ଷୀରେ କହିରଖେ; ବ୍ୟକ୍ତି ଏକ ବୃହତ୍ତର ପରିସରରେ ସଂଚରିତ ହେବାର ଅଭିପ୍ରାୟ ରଖି ସୃଷ୍ଟି କରିଛି ସମାଜ। ବୃହତ୍ତର ମଣିଷର ସ୍ୱାର୍ଥ ସିଦ୍ଧି ଏବଂ କଲ୍ୟାଣ ଉଦ୍ଦେଶ୍ୟରେ ସମାଜର ପରିକଳ୍ପନା। ସମାଜକୁ ଶୃଙ୍ଖଳିତ କରିବା ଏକ ସାମୂହିକ କଲ୍ୟାଣର ପ୍ରତିଫଳନ ମାତ୍ର। ନୀତି, ଆଦର୍ଶ, ଚଳଣି ଓ ବିଶ୍ୱାସ ବଞ୍ଚିବାର ମାର୍ଗ ଉପରେ ପର୍ଯ୍ୟବେସିତ । ସମୟର ଧାରାରେ କିନ୍ତୁ ଆଜି ମୂଲ୍ୟବୋଧ କ୍ରମଶଃ ଏକ କ୍ଷୟିଷ୍ଣୁ ପଥରେ ଗତି କରୁଛି । ଦିନେ ଉପନିଷଦୀୟ ଅଭିବ୍ୟକ୍ତର ମଣିଷ ଥିଲା ଅମୃତର ସନ୍ତାନ। ଏ ବିଶ୍ୱ ଏକ ମହତ୍ କାର୍ଯ୍ୟ ସମ୍ପାଦନ ଦିଗରେ ମଣିଷ ସୃଷ୍ଟିଲାଭ କରିଥିବା ବିଶ୍ୱାସ କରାଯାଏ। ଜୀବନ ବ୍ୟକ୍ତିରୁ ଆରମ୍ଭ ହୋଇ ପରିବାରକୁ ଆଧାର କରି କ୍ରମେ ବୃହତ୍ତର ସମାଜ ଦିଗରେ ପରିବ୍ୟାପ୍ତ ହୋଇଥିଲା। କିନ୍ତୁ ଆଜିର ଏହି ସଂକଟମୟ ବିଶ୍ୱରେ ଜୀବନ ହୋଇଛି ସତତ ବିଦୀର୍ଣ୍ଣ।

ଏଠାରେ କହିରଖେ; ଭାରତୀୟ ଅନୁଭୂତିରେ ଜୀବନ-ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ଯାତ୍ରାପଥ ମାତ୍ର ନୁହେଁ। ଧର୍ମ, ଅର୍ଥ, କାମ, ମୋକ୍ଷ ପରି ଚତୁଃବର୍ଗ ପ୍ରାପ୍ତି ହେଉଛି ଜୀବନର ଲକ୍ଷ୍ୟ। ଏକଦା ମନୁଷ୍ୟ ବିଶ୍ୱାସ କରୁଥିଲା, ଏକ ବୃହତ୍ତର ସ୍ୱାର୍ଥ ସିଦ୍ଧି ପାଇଁ ଆତ୍ମ ଉତ୍ସର୍ଗ ହିଁ ହେଉଛି ଏକମାତ୍ର ପନ୍ଥା। ସମଗ୍ର ବସୁଧାକୁ ଏକ କୁଟୁମ୍ବ ଭାବରେ ପରିକଳ୍ପନା କରି ସାମୂହିକ ସ୍ୱାର୍ଥସିଦ୍ଧି ନିମନ୍ତେ ବ୍ୟକ୍ତି ଆପଣାକୁ ଉତ୍ସର୍ଗ କରିଥିଲା। କିନ୍ତୁ ପରିବର୍ତ୍ତିତ ପରିବେଶରେ ପରମ୍ପରା କ୍ରମେ ଗଢ଼ି ଆସୁଥିବା ଏହି ଚିନ୍ତାଧାରାରେ ପରିବର୍ତ୍ତନ ଆଜି ଜୀବନକୁ କରିଛି ବିପର୍ଯ୍ୟସ୍ତ। ଆପଣାର ସ୍ୱାର୍ଥସିଦ୍ଧି ପାଇଁ, ଅହରହ ଚେଷ୍ଟିତ ମଣିଷ ପ୍ରତ୍ୟେକ ମୁହୂର୍ତ୍ତରୁ ସଫଳତା ହିଁ ଖୋଜି ଚାଲିଛି। ପରିଣତି ସ୍ୱରୂପ ନା' ସେ ବ୍ୟକ୍ତିଗତ ଜୀବନରେ ପାଇଛି ପୂର୍ଣ୍ଣତା; ନା ସମୂହରେ ପାଇଛି ସ୍ୱୀକୃତି। ବାସ୍ତବିକ କହିବାକୁ ଗଲେ ସାଂପ୍ରତିକ ମଣିଷ ଆଜି ଦୁଇଟି ପୃଥିବୀର ଅଧିବାସୀ । ଗୋଟିଏ ଦିଗରେ ପରମ୍ପରାର ପୃଥବୀ ତାକୁ ନିତ୍ୟ ପ୍ରତ୍ୟହ ଆନ୍ଦୋଳିତ କଲାବେଳେ, ଅନ୍ୟ ଏକ ପୃଥିବୀ ତାକୁ ପ୍ରତିଷ୍ଠା ଓ ସଫଳତା ଦିଗରେ ଉଚ୍ଚକିତ କରିଛି। ପରିଶେଷରେ କେବଳ ଏତିକି କହିବି- ସାଂପ୍ରତିକ ସମାଜରେ ସମସ୍ୟା ବିଜଡ଼ିତ ମଣିଷ ନିଶ୍ଚିତ ଭାବରେ ଏକ ବିଷଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛି। କିନ୍ତୁ ଏ ବିଷଣ୍ଣତା, ଏ ଅସହାୟତା; ବ୍ୟକ୍ତିତ୍ୱର ପରାଜୟ ନୁହେଁ। ଭାରତୀୟ ପରମ୍ପରା ଯୁଗେ ଯୁଗେ ଦସ୍ୟୁ ରତ୍ନାକରରୁ ବାଲ୍ମୀକିରେ ରୂପାନ୍ତରଣ ପ୍ରକ୍ରିୟା ପାଇଁ ପଥ ଉନ୍ମୋଚନ କରିଥାଏ। ସେହି ଧାରାରେ ସମାଜର ପୁନଃଗଠନ ଓ ନୈତିକ ଉତ୍ତରଣ ନିମନ୍ତେ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଅଛି।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର*
*ସଂପର୍କ: ୮୮୯୫୧୪୧୭୨୭*

## ଧାରାବାହିକ ଉପନ୍ୟାସ

### ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୧୮




*(ପୂର୍ବପ୍ରକାଶ ଉତ୍ତାରୁ)*

ଆଉ କେତେବେଳେ ଅନାଦି ଓ ସେ ଦୁହେଁ ପୃଥକ୍ ହୋଇଯାଇଥିଲେ, ସେକଥା ସେ ବୁଝିପାରି ନଥିଲା ! ସେତେବେଳକୁ ମାଲିକାଣିଙ୍କ ପିଲାପିଲି ହେଉନଥାନ୍ତି ।

ଅନେକବର୍ଷ ବିତିଯାଇଥାଏ । ସେଥିପାଇଁ ମାଲିକ ଓ ମାଲିକାଣୀଙ୍କ ମୁହଁରେ ହରଷ ନଥାଏ । ଦେବାଳୟରେ ପୂଜାର୍ଚ୍ଚନା ଓ କୃଚ୍ଛ ସାଧନା ପରେ ପୁଅଟିଏ ଜନ୍ମ ହେଲା । ଗୋରା ତକତକ ଚେହେରା, ସୁଢଳ ମନୋହର ମୁହଁ, କୁନିକୁନି ଭଅଁର ପରି ଆଖି ଯୋଡିଏ, ପଦ୍ମ କଢି ପରି ଅଙ୍ଗୁଳି ଓ ସର୍ବୋପରି ରାଜକୁମାର ଭଳି ପୁଅଟିକୁ ପାଇବା ପରେ ସେମାନଙ୍କ ଖୁସି କାହିଁରେ କଣ ! ଗୋଡ ଆଉ ତଳେ ଲାଗୁନଥାଏ ମାଲିକଙ୍କର । ତାଙ୍କ ଆଖିରେ ଆନନ୍ଦାଶ୍ରୁ । ସେଦିନ ତାଙ୍କ ମହଲ ଦୂରରୁ ନୂଆବୋହୂର ରୂପକାନ୍ତିରେ ଝଲସି ଉଠୁଥିଲା । ଚାରିଆଡୁ ଶୁଭେଚ୍ଛାର ସୁଅ ।

ସେଇ ତ ଏକମାତ୍ର ପୁଅ ଅନେକ ବର୍ଷର ତପସ୍ୟା ପରେ । ଚାରିଆଡେ ଉତ୍ସବ ଭଳି ମିଠା ବଂଟା ଚାଲିଥାଏ । ଏ ଖଣ୍ଡମଣ୍ଡଳରେ ଏମିତି ଭୋଜି କେହି ଖାଇନଥିବେ । ଖୁବ୍ ଜାକଜକମରେ ପାଳନ କରାଗଲା ସାନବାବୁଙ୍କ ଏକୋଇଶା, ଜନ୍ମଦିନ । ସେ ଜନ୍ମଠାରୁ ଚାଲି ଶିଖିବା ଯାଏଁ ଜେଜେମା' ହିଁ ତାଙ୍କର ସବୁ କାମ କରୁଥିଲା । ତେଲ ହଳଦୀ ମଖାଠାରୁ ଆରମ୍ଭକରି କପଡାଲତା ସଫା ପର୍ଯ୍ୟନ୍ତ ସବୁକାମ ତା ଦାୟିତ୍ୱରେ ହିଁ ସଂପନ୍ନ ହୁଏ । ତା ଭିତରେ ବି ଜେଜେମାଆ ପାଇଁ କେତେ ଆକଟ ଆଉ ଆଦବ କାଇଦା ବଡଘରର । ହେଲେ ଏସବୁ ସତ୍ତ୍ୱେ ସାନ ବାବୁଙ୍କର ଚନ୍ଦ୍ରଉଦିଆ ମୁହଁଟିକୁ ଦେଖି ସେ ପାଶୋରି ଯାଉଥିଲା ସମୟ ଜ୍ଞାନ, ନିଜର ଅବ୍ୟକ୍ତ ଓ ଅପାସୋରା ଦୁଃଖ ।

ଭାରି ଭଲ ପାଉଥିଲା ଆଉ ଯତ୍ନ ନେଉଥିଲା ସାନବାବୁଙ୍କର । କେବେ ବି ତାଙ୍କ ନାଁ ଧରି ଡାକୁନଥିଲା । ତାର ତ ଅତି ପରିଚିତ ଗେହ୍ଲା ଡାକ ହେଉଛି-"ସାନବାବୁ" ! ଆକଟ କଲେ କି ଆଦରକଲେ ସେଇ ଏକା ନାଁ ହିଁ ପାଟିରୁ ବାହାରୁଥିଲା ତାର । ଗଳାମାଳି ପରି ଅହରହ ଜପୁଥିଲା ତାଙ୍କୁ, ନୟ ନପିତୁଳି ପରି ତାଂକର ବିଶେଷ ଯତ୍ନ ନେଉଥିଲା । ସେ ସ୍ନେହକୁ କଳନା କରିହୁଏନି । କିଛି ସ୍ନେହ ଶ୍ରଦ୍ଧା ଆଦର ମାପଠାରୁ ଉର୍ଦ୍ଧ୍ୱରେ । କୌଣସି ଅଭିଯୋଗ କିମ୍ବା ଆପତ୍ତି ନଥିଲା ଏତେ ପରିଶ୍ରମ ପାଇଁ ।

ମାଲିକାଣୀ ବି ସ୍ୱୀକାର କରୁଥିଲେ- ପାର, ମୁଁ ସିନା ତାକୁ ଜନ୍ମଦେଇଛି । କିନ୍ତୁ ପ୍ରକୃତରେ ତୁ ହିଁ ତା ମାଆ !

ଯା'ଭିତରେ ଅନେକ ବର୍ଷ ବିତିଲାଣି । ସାନବାବୁ କଥା କହିଲେଣି । ବାପା, ମାଆ, ଧାଇମାଆ ବୋଲି ଦରୋଟି ଅକ୍ଷର କେଇଟା ଡାକି ଶିଖିଲେଣି । ସ୍ୱାଭାବିକ ରୀତିରେ ସେ ବଡ ହେଉଛନ୍ତି । ଘରର ନୀରବତା ଭାଙ୍ଗି ତାଙ୍କ ହସ କାନ୍ଦରେ ପୂରି ଉଠୁଛି ଅଗଣା..ସମସ୍ତେ ପରିତୃପ୍ତିରେ ଆଦରି ନେଉଛନ୍ତି ତାର ଚପଳତାକୁ ।

**(୩)**

କିଛି ଅସୁବିଧା ନଥିଲା । ସବୁ କିଛି ଠିକ୍ ଚାଲିଥିଲା । ଜେଜେମା' ବି ମାଲିକାଣୀଙ୍କ ଘରେ କାମ ଧନ୍ଦା କରି ପୂର୍ବଝଡକୁ ପାଶୋରିବାକୁ ଅହରହ ଚେଷ୍ଟା ଜାରି ରଖିଥିଲା । ବେଗାବେଗି ତା ପୁଅର ବାହାକାମ ସାରି ସେ ଶାନ୍ତିରେ ରହିବ ବୋଲି ପୁଅକୁ କୋଡିଏ ବର୍ଷ ଛୁଉଁ ଛୁଉଁ ଭଲ ରୂପ ଓ ଗୁଣ ସଂପନ୍ନା ଝିଅ ସହିତ ବିବାହ ବନ୍ଧନରେ ଛନ୍ଦି ପକେଇଲା । ତା ପରେ ଦୀର୍ଘଶ୍ୱାସ ପକାଇ ଭାବିଲା- ଓଃ..ପୃଥିବୀ ଶାନ୍ତି ଏଥର । ସବୁକାମ ସମାପନ ହୋଇଗଲା । ଜୀବନ ଜଂଜାଳ ଖୁବ୍ କଲା । ଏଥର ସେ ଖାଲି ବସି ରହିବ । ବୋହୂକୁ ହୁକୁମ୍ କରିବ । ଆଉ ଦୁଃଖ କି ଚିନ୍ତା କଣ !

ପୁଅବୋହୂଙ୍କୁ ସେ ପାଚେରୀ ପାଖର ବଖୁରିକିଆ ଘରଟାରେ ଛାଡି ସେ ଚାଲିଆସିଲା ମାଲିକାଣୀଙ୍କ ଡ୍ରଇଂରୁମ୍ ପାଖରେ ଥିବା ଷ୍ଟୋର୍ ଘରକୁ । ସେଇଠି ଥିବା ମଇଳା ଆବର୍ଜନା ସଫାକରି ଗୋଟେ କଣରେ ସେ ନିଜର ବାସ ସଜାଡି, ମୁଣ୍ଡ ଗୁଞ୍ଜିଲା । ଜଂଜାଳ ଭିତରେ ବି ପୁଅବୋହୂଙ୍କ ସୁଖ ସଂସାରକୁ ଦେଖି ମନ ତାର କୁଣ୍ଢେମୋଟ ହୋଇଯାଏ । ଦୁହେଁ ଲକ୍ଷ୍ମୀ ନାରାୟଣ ଭଳି ଦିଶନ୍ତି । ସ୍ନେହ ଓ ଭଲପାଇବାରେ ଦିନ ବିତିଯାଉଥାଏ ।

ପୁଅ ତାର ଭଲ ଜାଗାରେ କାମଟିଏ ପାଇଗଲେ, ନିଜର ଘରଟିଏ ତୋଳି ଚାଲିଯିବ ବୋଲି ଭାବିଛି । ଆଜିଯାଏଁ ଦୁଃଖ କଷ୍ଟ କରି ପରଘରେ ମୂଲଲାଗି ନିଜକୁ ଓ ନିଜର ସୁଖକର ସ୍ୱପ୍ନକୁ କବର ଦେଇଥିବା ଦୁଃଖିନୀ ମାଆକୁ ସେଠିକୁ ନେଇଯିବ ବୋଲି ମନସ୍ଥ କରିଛି । ସାନ ବାବୁଙ୍କୁ ଦଶ ବର୍ଷ ହେଲାଣି । ସେ କେତେପାଠ ବି ପଢିଲେଣି ସ୍କୁଲ୍‌ରେ । ବୋହୂ ଆସିବା ପରଠାରୁ ସାନବାବୁ ବି କେବେ କେମିତି କିଛି କିଛି ବାହାନା କରି ତାଙ୍କ ଛୋଟ କୁଡିଆଟିକୁ ଚାଲିଆସୁଛନ୍ତି । ମନତଳେ ଅନେକ ପ୍ରଶ୍ନ ନେଇ କଣେଇ କଣେଇ ଚାହୁଁଛନ୍ତି ସେ ନବାଗତା ଅତିଥିଟିକୁ ।

ବୋହୂଟି ତାଙ୍କୁ ଆଦରରେ ଡାକିବା ବେଳକୁ ଧାଇଁଯାଇ ଜେଜେମା' କୋଳରେ ମୁହଁ ଲୁଚାଇ ଦେଉଛନ୍ତି । ପିଲାଟି ଦିନରୁ ଖୁବ୍ ଲାଜୁକୁଳା ସ୍ୱଭାବ ତାଙ୍କର । ବିଶେଷ କଥା ହୁଅନ୍ତିନି କାହା ସହିତ । ସାନବାବୁଙ୍କ ପରି ନାତିଟିଏ ମିଳନ୍ତାନି-ଭାବି ପାର୍ବତୀ ଓଠରେ ହସକେରାଏ ଉଙ୍କିମାରିଲା ଦିନେ । ସେ ଆଶାରେ ପାଖ ଶିବମନ୍ଦିରକୁ ଯାଇ ସେ ଘିଅ ଦୀପ ଜାଳିଲା । ପୁଅ ବୋହୂଙ୍କର ସୁଖ ମନାସିଲା । ଲୁହ ଝରା ଆଖିରେ କାନି ପାତି ତା ପାଇଁ ଏଥର ଶାନ୍ତି ଟିକିଏ ମାଗିଲା । ଆଉ ବା କେତେ ଦିନ ଆୟୁଷ ତାର ! ପିଲାଦିନରୁ ପର ଘରେ ଖଟି ଖଟି ଆଜି ସେ କ୍ଳାନ୍ତ । ଏବେ ତା ସୁଖର ସମୟ ଆସିଛି । ତାକୁ ଟିକେ ମନ ଭରି ଉପଭୋଗ କରିବ ନାହିଁ ?

ଆଜିକାଲି ସେ ମାଲିକଙ୍କ ଘରେ ଆଉ ଖାଉ ନାହିଁ । ବରଂ ନିଜର ବଖୁରିକିଆ ଘରକୁ ଆସି ବୋହୂ ପରଶା ଖାଉଛି । ସେଇ କଣ କମ୍ ବଡ ଭାଗ୍ୟ ! ସେ ଯାହା ଭାତ ତିଅଣ ରାନ୍ଧି ଦେଉଛି ସେଥିରେ ତାର ପରମଖୁସି ! ଅମୃତ ଭଳି ସୁଆଦ ! ଆନନ୍ଦରେ ତା ଆଖି ପାଣିଚିଆ ହେଉଛି । ଏଥର ସେ ତା ନାତି ନାତୁଣୀମାନଙ୍କୁ କୋଳରେ ଖେଳାଇବ ।

ତେଲ ହଳଦୀମାଖି ଆଖିରେ କଜ୍ଜଳ ଗାରଦେଇ ଗୀତ ଗାଇବ- ଝୁଲରେ ହାତୀ ଝୁଲ୍ । ବାଆ ପାଣି ଖାଇଫୁଲ୍..ନହେଲେ ମୋ ଧନ ପରି କିଏ ହବ, ଉଡିଯାଉଥିବ ସୁବର୍ଣ୍ଣ ଚଢେଇ ଧରିଆଣି କିଏ ଦବ ! ଏମିତି ଗୀତ ଗାଉଗାଉ ସେ ଶୋଇପଡିବ କୋଳରେ । ଏଭଳି ଅଜସ୍ର ସ୍ୱପ୍ନରେ ହଜିଯାଇଥିଲା ସେ । ଜୀବନର ସବୁତକ ଖୁସି ତ କୋଉ ଦିନଠାରୁ ଚାଲି ଯାଇଥିଲା । ଆଜି ତା ଶ୍ରମ ସାର୍ଥକ ହୋଇଛି । ତାର ଅକ୍ଳାନ୍ତ ପରିଶ୍ରମର ଫଳସ୍ୱରୂପ ସେ ଆଜି ତା ଘରକୁ ଲକ୍ଷ୍ମୀ ପ୍ରତିମାଟି ପରି ବୋହୂଟିଏ ଆଣିଛି । ଖୁବ୍ ସରଳ, ସ୍ନେହୀ, ରୂପବତୀ ଓ ହସକୁରୀ । ସମସ୍ତଙ୍କୁ ଆପଣେଇନେବାକୁ ସବୁବେଳେ ତତ୍ପର ସେ । ନକହୁଣୁ ଘରର ସବୁତକ କାମ କରିପକାଉଛି । ମାଆ ପୁଅଙ୍କ ପାଇଁ ଭଲ କରି ଗଣ୍ଡାଏ ଫୁଟାଇ ଦେଉଛି ।

*(କ୍ରମଶଃ)*

## ସୃଷ୍ଟିର କାରୁଣ୍ୟତା

ଲଳିତ ମୋହନ ମିଶ୍ର



*(ପୂର୍ବପ୍ରକାଶ ଉତ୍ତାରୁ)*

ଧିରେ ଧିରେ ଦିନ ଓ ସମୟ ବିତି ଚାଲିଲା । ଆଉ ତା'ସହ ବିତି ଚାଲିଲା ତିଥି ,ମାସ ଓ ସପ୍ତାହ ।

ସ୍ୱାମୀ କୈଳାସ ମଦ୍ୟପ । ରାତି ହେଲେ ପରିଶ୍ରମର ଆଳ ଦେଖାଇ ଆଡା ଜମାଇ ଦିଏ ଗାଆଁ ମୁଣ୍ଡ ଠାକୁରାଣୀ ପାଖ ମଦ ଭାଟିରେ । ପେଟରେ ପେଟେ ମଦ ପିଇ ଟଳି ଟଳି ଆସେ , ରାତିର ସେହି ବହଳିଆ ଅନ୍ଧାର ଭିତରେ । ସାଥିରେ ଥାଆନ୍ତି ଆହୁରୁ ଦଳେ ମଦ୍ୟପ । ଆଉ ହାତରେ ଧରିଥାନ୍ତି ଅଧା ପିଆ ବୋତଲରୁ ଗୋଟିଏ ଗୋଟିଏ । କେଉଁଠି ପଡନ୍ତି ତ କେଉଁଠି ଉଠନ୍ତି । ପୁଣି କେତେବେଳେ କାହାକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ବହେ ମାଡ ଖାଇ ସବୁ ଘରକୁ ଫେରନ୍ତି । କାଞ୍ଚନ କିନ୍ତୁ ଭୟ ପାଇ ଯାଏ ସ୍ୱାମୀ ର ଚପଲ ଶବ୍ଦରେ । ଘରକୁ ଆସିଲା କ୍ଷଣି ପତି ତାର ସାଜି ଯାଏ ନର ରୁ ରାକ୍ଷସ । ରାମ୍ପି ଝାମ୍ପି ବିଦାରି ପକାଏ କାଞ୍ଚନର ଶରୀରକୁ । ପ୍ରତିବାଦ କଲେ ପୁଣିଥରେ ପରିବର୍ତ୍ତିତ ହୋଇଯାଏ ହିଂସ୍ର ପଶୁରେ । ମାରି ପିଟି ଲହୁ ଲୁହାଣ କରି ପକାଏ । ଦରମରା କରି ପକାଇବା ଯାହା ସାର ହୋଇଯାଏ ତା ପାଇଁ । ଯନ୍ତ୍ରବତ୍ କାର୍ଯ୍ୟ କରି କେବେବି ଥକି ପଡିନି କାଞ୍ଚନ । ବରଂ ନିଜର ଲୁଗା କାନିକୁ ପାଟିରେ ଚାପି ଧରି ନୀରବରେ ଭେଁ ଭେଁ ହୋଇ କାନ୍ଦିବାକୁ ଅତି ନିଜର ମଣେ ସେ । ଖାଲି ଯାହା ପିଲା ଦୁଇଟିର ମୁହଁକୁ ଚାହିଁ ମୃତ୍ୟୁକୁ ପାଶୋରୀ ଦେଇଛି ମନରୁ । ସକାଳ ହେଲେ ନିଜର କ୍ଷତ ବିକ୍ଷତ ଚେହେରା ଓ ଫଟା ଓଠର ସୁଖିଲା ରକ୍ତ ଦାଗକୁ ନିରେଖି ଦେଖେ ଆଇନାରେ ।

କାହଭରା ଛାତିର କଷ୍ଟ ସବୁକୁ ଚାପି ଧରି ଲୁଚାଇବାକୁ ଚେଷ୍ଟା କରେ , ନିଜର ଛଳନା ମୟ ହସ ଭିତରେ । ଚୁଲିରେ ଭାତ ଫୁଟେ , କ୍ଷୀର ଉତୁରେ । ତା ସହ ଜଳି ପୋଡି ପାଉଁଶ ହୋଇଯାଏ କାଞ୍ଚନର ହୃଦୟ । ନିଜର ସ୍ୱପ୍ନ ଓ ଖୁସିକୁ ଦୁଃଖର ଚିତାରେ ମୁଖାଗ୍ନି ଦେଇ ; ଆଶା ଓ ଆକାଂକ୍ଷା ସବୁକୁ ପଠାଇ ଦିଏ ଦୁଃଖର ହାଣ୍ଡିରେ । ପରିବା କାଟିବା ବେଳେ ନିଜ ପ୍ରତିବାଦର ପ୍ରତିକ୍ରିୟା ସବୁକୁ ଖଣ୍ଡ ବିଖଣ୍ଡିତ କରି କାଟି ମିଶାଇ ଦିଏ ହଳଦୀ ପାଣିରେ । କାରଣ ! ସେ ଜାଣେ , ଏଠି ପ୍ରତିବାଦର ଅର୍ଥ ହେଉଛି ମାଡ ଆଉ ଗାଳି । କୈଳାସ ଯଦି ମଣିଷ ଭଳି ମଣିଷ ଟିଏ ହୋଇ ଥାଆନ୍ତା । ତେବେ କଣ ଏତେ ଦୁଃଖ ଦୁର୍ଦ୍ଦଶା ଲେଖା ହୋଇଥାନ୍ତା ତା କପାଳରେ । ମଣିଷ ନୁହେଁ ସେ ଅମଣିଷ । ଏବେ କେତେବର୍ଷ ହେବ ବାଙ୍ଗାଲୋରରେ କେଉଁ ଏକ କମ୍ପାନୀରେ କାମ କରିବାକୁ ଚାଲିଗଲା । ଫେରିବାର ନାଁ ନେଲାନି । ଗାଆଁରେ ଥିବାବେଳେ କୋଉ ଭଲ ଥିଲା ଯେ । ମଦୁଆ ଗଞ୍ଜେଡିଆଙ୍କ ସହ ମିଶି ନିଶା ଖାଇ ସବୁବେଳେ ନିଶାରେ ଥିଲା ଚୂର୍ । ଘରକୁ ଆସିବା କ୍ଷଣି କାଠ, ବତା, ବାଉଁଶ ଯାହା ପାଉଥିଲା ସେଥିରେ କରୁଥିଲା ଆକ୍ରମଣ । ସବୁବେଳେ ସଇତାନ ସବାର ରହୁଥିଲା ତା ମୁଣ୍ଡରେ । ଛୁଆ ଗୁଡାଙ୍କ ସୁବିଧା ଅସୁବିଧା ବୁଝିବା ତ ଦୂରର କଥା । ସେମାନଙ୍କ ସହ ମଧ୍ୟ କୁକୁର ମାଙ୍କଡ଼ ପରି ବ୍ୟବହାର କରିବା ଥିଲା ତାର ନିତିଦିନିଆ କାର୍ଯ୍ୟ ।

ଖାଲି ସେତିକିରେ ତାର ମନ ବୁଝିଲାନି ଯେ ଶେଷରେ କୋଠି କୁ ଗଲା । ବାରନାରୀଙ୍କ ସହ ସମ୍ପର୍କ ରଖିଲା । କେମିତି ଜଣେ ପତ୍ନୀ ହୋଇ ସେ ସହି ପାରିଥାନ୍ତା ସ୍ୱାମୀର ଏସବୁ ନିତ୍ୟ ବ୍ୟବହାର । ପ୍ରତିବାଦ କରିବାରୁ ଘରେ ଆରମ୍ଭ ହୋଇଗଲା ତୁମୁଳ କାଣ୍ଡ । ଶେଷରେ କାଞ୍ଚନକୁ ଏକାକରି ଚାଲିଗଲା ବାଙ୍ଗାଲୋର ।

 କାଞ୍ଚନ ପିଲାମାନଙ୍କୁ ନେଇ ଚଳିବା କଷ୍ଟ ହୋଇ ପଡିଲା ।

*(କ୍ରମଶଃ)*



## ତିନୋଟି ସିନେଟ

ସାଗରିକା ଦାସ



ବିଶ୍ୱାସ କରନାହିଁ
ବସନ୍ତକୁ ତୁମେ
ଜଳିଯିବ ଖାଲି
ନୀଳ, କୋମଳ
ତା'ରି ନିଆଁରେ
ଫେରିବାର ରାସ୍ତା
ପାଇବନି ଆଉ
ଶରୀରଟା ଭର୍ତ୍ତି
ଅଦେଖା ଅଛୁଆଁ
ପୋଡା ଘା'ରେ ।

ବିଶ୍ୱାସ କରିନାହିଁ
ବର୍ଷକୁ ତୁମେ, ସେ
ଲାଜକୁଳୀ ଝିଅନୁହେଁ
ବର୍ଷିଦେଇ ଚାଲିଯିବ
ତୁମ ଅଗଣାରେ
ବରଂ ଅଜଣାରେ
ବତୁରାଇ ପୋଛିନେବ
ତୁମ ସବୁ ବିଶ୍ୱାସ,
ପାଣିସିଞ୍ଚି ତାଜା କରିବ
ଶୃତିର ସାଇତା ଗନ୍ଧକୁ ।

ବିଶ୍ୱାସ କରନାହିଁ
ଗ୍ରୀଷ୍ମକୁ ତୁମେ, ସେ
କ୍ରୁର ଆଲିଙ୍ଗନେ
ଚାଲିଯିବନାହିଁ ଖାଲି
ଶୀଥିଳ କରିଦେବ
ସାରା ଶରୀରଟା,
ଯୌବନ ଭେଦିଯିବ
ତା'ପାଷାଣୀ ଆଖିରେ
ନଥିବ ନିଗିଡା ଲୁହଟିକେ ।

*ନୂଆଦିଲ୍ଲୀ*

## ଅର୍ଥ ଓ ସ୍ୱାର୍ଥ



ପ୍ରଦୀପ୍ତ ଆଚାର୍ଯ୍ୟ

ଅର୍ଥ ଆଉ ସ୍ୱାର୍ଥ, ମଣିଷକୁ ଦିନେ,
କରିଦେବ ଅମଣିଷ,
ଏ ଦୁଇ କବଳେ, ପଡିଗଲେ ଆମେ,
ନିଶ୍ଚିତ ହୋଇବା ନାଶ ।
ଚଳିବା ପାଇଁକି, ଅର୍ଥ ଆବଶ୍ୟକ,
ଛାଡିତ ପାରିବା ନାହିଁ,
ବଡଲୋକ ହେବା, ନିଶା ଲାଗିଗଲେ,
ଅମଣିଷ ଯିବା ହୋଇ ।
ଲୋଭର ଫାଶଟି, ଅଟେ ବହୁ ଶକ୍ତ,
ମୁକୁଳିବା ବଡ କଷ୍ଟ,
ଥରେ ପଡିଗଲେ, ସେ ଫାଶରେ ଆମେ,
ସମ୍ପର୍କ ହୋଇବ ନଷ୍ଟ ।
ସ୍ୱାର୍ଥତ ରହିବ, ବଞ୍ଚିବା ପାଇଁକି,
କେବେ ତେଜି ନପାରିବା,
ମାତ୍ରାଧିକ ସ୍ୱାର୍ଥେ,ସ୍ୱାର୍ଥାନ୍ଧ ହୋଇଲେ,
ସ୍ୱାର୍ଥପର ଆଖ୍ୟା ନେବା ।
ଅର୍ଥ ଓ ସ୍ୱାର୍ଥର, ସୀମାରେଖା ଡେଇଁ,
ଆଗକୁ ବଢିବା ନାହିଁ,
କେବେହେଁ ଏଥିରେ, ବଶ ନହୋଇବା,
ଶାନ୍ତିରେ ବଂଚିବା ପାଇଁ ।

*ସମ୍ପାଦକ,ସମ୍ବାଦ ସାହିତ୍ୟ ଘର,*
*କିଶନନଗର,କଟକ*
*ଦୂରଭାଷ : ୬୩୭୧୫୯୩୨୨୦*

## ପ୍ରିୟ ପାରା

ଜିନାତମାମ୍ ଦର୍ଜୀ



ତା ସ୍ମୃତିର ସିନ୍ଦୁର ନାଇ
ରାତି ଅହ୍ୟସୁଲକ୍ଷଣୀ ହୁଏ
ବିଞ୍ଚି ଦିଏ ଲୁହ ଖୁଦ,
ମୁହଁ ଅଗଣାରେ...
ଯାହା ଚୋବାଇବାକୁ ଆସେ ନାହିଁ
ମୋ ସେଇ ପ୍ରିୟ ପାରା,
ସାଉଁଟା ହୁଏନା
ମୁହଁକୁ ଆବୋରି ବସୁଥିବା ଅମାନିଆ କେଶ
ଏବେବି ତା ହାତ ସ୍ପର୍ଶ ପ୍ରତୀକ୍ଷା ରେ
ସେମିତି ଅନାଥ, ଅଝଟ, ଅଲରା,
ତା ଥଣ୍ଟରୁ ଝରିଥିବା
ଯେତେସବୁ ପ୍ରୀତି ଗୀତି
ଏବେ ଡିବିରୀ ମୁନ ସଳିତା ଭଳି
ହୃଦୟକୁ ଜାଳୁ ଥାଏ ନିତି ନିତି,
ଜାଣ ?
ପାରା ଏକ ଅଦୃଶ୍ୟ ଦହନର ତାତି......
ପାରା ଉପରେ ମୋର ଅଧିକାର ନାହିଁ
ଅଭିମାନ କେମିତି ରଖିବି ?
ତା'ର ମନ ଅଛି, ମାନ ବି ଅଛି
ସ୍ୱତନ୍ତ୍ର ଡେଣା ହଳେ ଅଛି
ଥରେ ଝାଡ଼ି ଦେଲେ ଆକାଶ ଆ...କହିବ,
ଅଦୃଶ୍ୟ ନିମନ୍ତ୍ରଣ ରେ ସେ ଉଡିଯିବ
ମତେ ପିଠି କରି,
ଖୋଜିନେବ ମନଲାଖି ସାଥି ପାରା ଟିଏ,
ଚିହ୍ନା ଅଚିହ୍ନା କେଉଁ ଏକ ସାବଜା ଡାଳରୁ,
ରାତି ସାରା ଝରକାରୁ
ଜହ୍ନକୁ ଶୁଣେଇବି
ମୋର ଆଉ ପ୍ରିୟ ପାରା ର କାହାଣୀ,
ଭୋର ବେଳେ ଦୂର ଦିଗବଳୟ ସନ୍ଧିରୁ
ସବୁଜିମା କୁ ଉଚ୍ଚାଟ କରି
କୋଇଲି କୁହୁ କହିଲେ
ନିଜକୁ ବୁଝାଇ ନେବି
ମୋର ନିଷ୍ଠୁର ଭାଗ୍ୟର ଭବିଷ୍ୟତବାଣୀ......

**ବରପାଲି, ବରଗଡ**
**ଦୂରଭାଷ : ୮୦୧୮୮୦୭୧୫୩**

## କବିତାର କଥା

(ଭାଗ-୮୦)



ଉମାକାନ୍ତ ରାଉତ



### ମୃତ୍ୟୁକୁ ସରାଗରେ କୋଳେଇ ନେଉଥିବା କବି

କବି ବାଦଲ୍ ଓ ଏ ଲେଖକର ଅନୁସନ୍ଧାନର ଅଭୀପ୍ସା କେତେ ମାତ୍ରାରେ ସାର୍ଥକ ହେଲା ସେକଥା ଆପଣମାନେ କହିବେ; ହେଲେ ଏବେ ଏ ଅକିଞ୍ଚନ କହିବ ସେ ଅନୁସନ୍ଧାନର ଇତିକଥା, କବିଙ୍କ ସହ ଆଳାପର କଥା, ସାମର୍ଥ୍ୟାନୁଯାୟୀ ତାଙ୍କ କବିତାର କଥା ଏବଂ କବି ବନ୍ଧୁମାନଙ୍କ ଦ୍ୱାରା କୁହାଯାଇଥିବା କିଛି କଥା ।

କବିଙ୍କ କହିବା ଅନୁଯାୟୀ ତାଙ୍କ ଜେଜେ ଧାନଫୁଲରେ ଖଞ୍ଜୁଥିଲେ ହସ ଓ ତାଙ୍କ ଜେଜୀମା' ତା'ର ଶୀତତାପ ନିୟନ୍ତ୍ରିତ କୋଳରେ ତାଙ୍କୁ ଶୁଆଇ ନିତି ସଂଜରେ ଶୁଣାଉଥିଲା ଗପ । ପୁଣି ଯାହାର ଶୁଦ୍ଧ ପ୍ରାର୍ଥନାରେ ସେ ଆୟୁଷ୍ମାନ ସେଇ ମମତାମୟୀ ବୋଉକୁ ସେ ସମର୍ପଣ କରିଦିଅନ୍ତି ତାଙ୍କର କବିତା । ଯାହାଙ୍କ ବିନା ଆଜ୍ଞାରେ ଗଛରେ ପତ୍ରଟିଏ ବି ହଲେ ନାହିଁ ସେଇ ମାଆ ବାଗ୍ଦେବୀଙ୍କ କୃପା, ଈଶ୍ୱରଙ୍କ ଆଶିର୍ବାଦ ଏବଂ କାଳିଆର ଇଚ୍ଛା ବିନା କବିତା ଲେଖିବା ଅସମ୍ଭବ ବୋଲି କବି ଦୃପ୍ତ କଣ୍ଠରେ ସ୍ୱୀକାର କରି ମତ ପୋଷଣ କରନ୍ତି ---

ସମୟର ସୁଅକୁ ଆବିଷ୍କାର କରିବାକୁ କବିତା ଯାତ୍ରା କରେ । ଦିଗ ଆଉ ଦିଗବଳୟହୀନ ସମୁଦ୍ର ଭିତରେ ପୁନିଅଁ , ଉଆଁସ,ତାରା,ଋତୁ ପରେ ଋତୁ,ସାଇଁ ସାଇଁ ବତାସ, ଥିରି ଥିରି ଚଇତ ବାଆ, ପୁଣି ସୁଁ ସୁଁ ମେଘର ଥାକ ଥାକ ମଉଳା ଆଶା । ପରସ୍ତ ପରସ୍ତ ଅନ୍ଧାର.... ଚିହ୍ନା ମୁହଁ ଠିକ୍ ଭାବେ ମନେ ପଡ଼େନି ତଥାପି ଲକ୍ଷ୍ୟଭ୍ରଷ୍ଟ କଲମ୍ବସ୍ । ଠିକ୍ ସେମିତି କବି ଶବ୍ଦ ଖୋଜେ ।ନିଦ ଆଖିକୁ ଆସେନି,ଶବ୍ଦ ଖୋଜା ସରେନି ସଂଜୁଆ ତାରା ଉଇଁବା ଠୁଁ ଫୁକିଆ ବୁଡ଼ିଲା ଯାଏଁ..... ।

ଶ୍ରେଷ୍ଠତମ କବିତାଟିଏ ଏଯାଏଁ ଲେଖିପାରି ନଥିବାରୁ ସାହିତ୍ୟର ଅଲିମ୍ପିକ୍ ଦୌଡ଼ ଟ୍ରାକ୍ ରେ ଥାଆନ୍ତି କବି । ଆଉ ସ୍ୱୀକାର କରନ୍ତି - ସାଧନା ଦ୍ୱାରା ସିଦ୍ଧିଲାଭ ଯେଭଳି ସତ୍ୟ, କାଳିଆର ବିନା ଆଜ୍ଞାରେ କବିତାଟିଏ ଲେଖି ନହେବା ବି ଅନୁରୂପ ଭାବେ ସତ୍ୟ । ଏଥିରୁ କବିଙ୍କର ଈଶ୍ୱରମନସ୍କତା ସୁସ୍ପଷ୍ଟ ।

ସେଥିପାଇଁ 'କେତେଦୂର ପୁରସ୍ତମ ?' ରେ ସେ ଲେପିଦିଅନ୍ତି ମୋହମୁଦ୍ଗରର ପ୍ରଲେପ ଏବଂ କହନ୍ତି --

"ମୋତେ ଅଚିହ୍ନା
ବଂଚିବାର କଳା"
କାହା ପାଖରେ ନଥାଏ
ଜୀବନର ଠିକଣା
ଏ ମର ଦେହକୁ ଏତେ ମୋହ !
ଏ ମର ଦେହରେ ଏତେ ମାୟା !!"

ତାଙ୍କ ପାଇଁ ଜୀଇବାଟା ତିନି ଧାଡି ଗୁଣୁଗୁଣୁ ଗୀତ - ଜନ୍ମ,ଜୀବନ ଓ ମରଣ । ତା'ପରେ ପୁରସ୍ତମ ବା କେତେ ବାଟ ? କେତେ ଦୂର ବାଇଶି ପାହାଚ ଠାରୁ ରନ୍ ସିଂହାସନ ? ପୁଣି ସିଂହଦ୍ୱାରଠୁଁ ସ୍ୱର୍ଗଦ୍ୱାର ?

ମୃତ୍ୟୁଚେତନା ସମ୍ପର୍କିତ ତାଙ୍କର ଏଇଭଳି କେଇଟି କବିତା ପଢ଼ିଲେ ଛାତି ଭିତରେ ଏକ ଚିରନ୍ତନ କବିତାର ଝଙ୍କାର ସୃଷ୍ଟି ହୁଏ । ତାହା ହେଲା -

ଜୀବନ ଜଳୁଛି ଏନ୍ତୁଡ଼ିଶାଳରୁ ଶମଶାନ ଭୂଇଁ ଯାଏଁ

ତେବେ ବି ଜୀବନ କାହାକୁ କହନ୍ତି ବୁଝି ବି ବୁଝି ନ ହୁଏ

ପୁଣି ମନେ ପଡ଼ିଯାଆନ୍ତି କବି ପୀତାମ୍ବର -

"ହେ ମହାଜୀବନ ତୁମ ସହ ଜମା ଜୀଇଲି ଯେତକ ଦିନ

ଅଧେ ଓଦା ହୋଇ ଅଧେ ମୁଁ ଜଳିଲି ସାରା ଆୟୁଷରେ ଜାଣ

ଯେତିକି ପାଇଛି ଫଗୁଣର ହସ ସେତିକି ଶ୍ରାବଣ ଲୁହ

ଏଇ ହିସାବରୁ ଶେଷରେ ଜାଣିଲି ମରଣ ନିହାତି ପ୍ରିୟ"

ମରଣକୁ ବି ଜନମ ଓ ଜୀବନ ଭଳି ଗୁଣୁଗୁଣୁ ଗୀତ ବୋଲି ଅନୁଭବ କରୁଥିବା ଏବଂ ଏକ ଚିରନ୍ତନ ପ୍ରବାହର ନିଶ୍ଚିତ ଅଂଶ ବୋଲି ଜାଣି ଶାନ୍ତି ଓ ସନ୍ତୋଷର ସହ ଆବାହନ ଓ ଆଲିଙ୍ଗନ କରିପାରୁଥିବା କବି କେଇଜଣ ଅଛନ୍ତି ?

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ତିର୍ତ୍ତୋଲ ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

**ଜଗତସିଂହପୁର,(ଜ୍ୟୋତିରଞ୍ଜନ ପଟ୍ଟନାୟକ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ତିର୍ତୋଲ ପଂଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇ ମୋଟ ୮୬ଅଭିଯୋଗର ଶୁଣାଣି ହୋଇଥିଲା। ଏହି

## ସରକାରୀ ବାବୁମାନଙ୍କ ଅନୁପସ୍ଥିତି ବର୍ଷିଲେ ଜିଲ୍ଲାପାଳ



ଶିବିରରେ ଜନସାଧାରଣଙ୍କ ଭିଡ ଦେଖିବାକୁ ମିଳିଥିବା ବେଳେ ବହୁ ସରକାରୀ ବାବୁମାନଙ୍କୁ ଦେଖିବାକୁ ମିଳିନଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲପାଳ ପାରୁଲ ପଟୱାରୀ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ତ ଆପତି ଅଭିଯୋଗ ଶୁଣାଣି କରି ଆବଶ୍ୟକ କାର୍ଯ୍ୟାନୁଷ୍ଠା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ କେତେକ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ଦେଖିବାକୁ ମିଳିନଥିଲା। ଏପରିକି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଘୋଟଲା କରାଯାଉଥିବାକୁ ନେଇ ରଘୁନାଥପୁର ବ୍ଲକ ଅଂଚଳର ପୂର୍ବତନ ସମିତିସଭ୍ୟ ଅଭୟ ସାମନ୍ତରାୟ ଏ ପ୍ରସଙ୍ଗରେ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଥିବା ବେଳେ ଜିଲ୍ଲାପାଳ ଡାକବାଜି ଯନ୍ତ୍ର ଦ୍ୱାରା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ଡାକୁଥିବା ବେଳେ ତାଙ୍କର ଅନୁପସ୍ଥିତିକୁ ନେଇ ବର୍ଷିବା ଆରମ୍ଭ କରିଥିଲେ। ସେହି ଡାକବାଜି ଯନ୍ତ୍ରଦ୍ୱାରା ତାଙ୍କ ଅଭିଯୋଗ ଶୁଣାଣି ଦିନ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳଙ୍କ ଜନଶୁଣାଣି ଦିନ ବିଭାଗୀୟ ଉପରିସ୍ଥ ଅଧିକାରୀମାନେ ଅନୁପସ୍ଥିତ ରହି ତଳିଆ କର୍ମଚାରୀମାନଙ୍କୁ ପଠାଇ ଦେବାକୁ ନେଇ ସାଧାରଣରେ ବି ଅସନ୍ତୋଷ ଦେଖାଦେଇଥିଲା। ଏହି ଶୁଣାଣି ଶିବିରରେ ଶ୍ରୀ ସାମନ୍ତରାୟଙ୍କ ଅଭିଯୋଗ ପତ୍ରର କ୍ରମିକ ସଂଖ୍ୟା ୩୪ ର ବିଚାର କରି ମୁଖ୍ୟଜିଲ୍ଲା କୃଷି ଅଧିକାରୀ ଯଥାଶୀଘ୍ର ବିଚାର କରିବାକୁ ଆଦେଶ ପତ୍ରରେ ଉଲ୍ଲେଖ କରିଛନ୍ତି। ସେହିପରି ତିର୍ତୋଲ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରା.ପ.ର କାର୍ଯ୍ୟନିର୍ବାହୀ ଅଧିକାରୀ ସଚିନ୍ ରାଉତଙ୍କ ଦୁର୍ନୀତିମୂଳକ କାର୍ଯ୍ୟ ସବୁର ଏକ ଉଚ୍ଚସ୍ତରୀୟ ତଦନ୍ତ ମୂଳକ ଅଭିଯୋଗକାରି ଦେବବ୍ରତ ମହାନ୍ତି ଓ ନିରଞ୍ଜନ ଦାସ ଅଭିଯୋଗ କରି ସ୍ୱଚ୍ଛ ଭାରତ ଯୋଜନା ଅନ୍ତର୍ଗତ ପାଇଖାନା ନିର୍ମାଣ ନ କରି ଅର୍ଥ ଆତ୍ମସାତ୍ କରିବା, ପଦ୍ମପୋଖରୀ ଖନନରେ ଆମ ଗାଁ ଆମ ବିକାଶରେ ୨ଲକ୍ଷ ଟଙ୍କା ଆତ୍ମସାତ୍ କରିବା ଓ ନଳକୂପ ମରାମତିରେ ବ୍ୟାପକ ଭାବେ ଅର୍ଥ ତୋଷାରପାତ ହେଉଥିବା ଘଟଣାକୁ ନେଇ ଜିଲ୍ଲାପାଳଙ୍କୁ କହିଥିବା ବେଳେ ଏହାର ତଦନ୍ତ କରି ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଡିଓଙ୍କୁ ଡରାମର୍ଶ ଦେଇଥିଲେ। ଜିଲ୍ଲାପାଳଙ୍କ ସମସ୍ତ ଅଭିଯୋଗ ପ୍ରକୋଷ୍ଠ ମାନଙ୍କରେ ବସୁଥିବା ସମସ୍ତ ସରକାରୀ ବାବୁମାନେ ନିଜ ନିଜ ମାନଙ୍କ ମଧ୍ୟରେ କଥାବାର୍ତା ହେବା ସହିତ ହାତରେ ପୋନ ଧରି କଥା କିମ୍ବା ଇଅର ଫୋନ୍ ମାଧ୍ୟମରେ ଫୋନ କରିବା ଘଟଣା ଅଭିଯୋଗ ଶୁଣାଣି ଏକପ୍ରକାର ଲୋକହସା କରିଗଲାଣି। ଏହି ଜନଶୁଣାଣି ଶିବିରରେ ଜିଲ୍ଲାପାଳ, ପୋଲିସ ଆରକ୍ଷୀ ଅଧୀକ୍ଷକ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକ ମାନେ ଉପସ୍ଥିତ ରହି ଶୁଣାଣି କରୁଥିବା ବେଳେ ଉପସ୍ଥିତ କର୍ମଚାରୀ ଏକପ୍ରକାର ବାଟବଣା ହେବାପରି ମନେହେଉଛି। ଏଦିଗରେ ଜିଲ୍ଲାପାଳ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବି ମାନଙ୍କ ପକ୍ଷରୁ ଦାବି ହେଉଛି। ଏହି ଅଭିଯୋଗ ଶିବିରରେ ପ୍ରକଳ୍ପ ନିର୍ଦ୍ଦେଶକ ଡ.ରୁଦ୍ରନାରାୟଣ ଦାସ, ଉପଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ, ତିର୍ତୋଲ ଦିପକ କୁମାର ଜେନା, ବିଡିଓ ଅଟଳ ବିହାରୀ ସ୍ୱାଇଁ, ତହସିଲଦାର ସୁଜାତା ପାତ୍ର ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ୧୭.୫୯ ଲକ୍ଷ କୋଟି ଟଙ୍କାର ନିବେଶକୁ ମିଳିଛି ସିଙ୍ଗଲଓ୍ୱିଣ୍ଡୋ କ୍ଲିଅରାନ୍ସ

**ଭୁବନେଶ୍ୱର :** ରାଜ୍ୟରେ ପୁଞ୍ଜିନିବେଶକୁ ନେଇ ରାଜ୍ୟ ସରକାର ସୁଚିନ୍ତିତ ଢଙ୍ଗରେ ଗୋଲାପୀ ଚିତ୍ର ଆଙ୍କୁଛନ୍ତି ସତ, କିନ୍ତୁ ଏପର୍ଯ୍ୟନ୍ତ ସେହି ପୁଞ୍ଜିନିବେଶର ସୁଫଳ ରାଜ୍ୟବାସୀ ବା ରାଜ୍ୟର ବେକାର ଯୁବବର୍ଗଙ୍କୁ ମିଳିପାରିନି। ଓଡ଼ିଶା ଏବେ ପୁଞ୍ଜିନିବେଶକଙ୍କ ପ୍ରଥମ ପସନ୍ଦ ବୋଲି କହି ଆତ୍ମ ପ୍ରଚାର କରୁଥିବା ବିଜେଡି ସରକାର ରାଜ୍ୟରେ ଅଧିକ ପରିମାଣର ନିଯୁକ୍ତି ସୁଯୋଗ ସୃଷ୍ଟି କରି ବେକାରୀ ସମସ୍ୟାକୁ ଦୂର କରିବାରେ ବିଫଳ ଥିବାବେଳେ ଏପର୍ଯ୍ୟନ୍ତ ୧୭ଲକ୍ଷ ୫୯ହଜାର ୮୬୭ କୋଟି ଟଙ୍କାର ପୁଞ୍ଜିନିବେଶକୁ ସିଙ୍ଗଲଓ୍ୱିଣ୍ଡୋ କ୍ଲିଅରାନ୍ସ ଦେଇଥିବା ଜଣାପଡ଼ିଛି। ଆଉ ଏହା ଦ୍ୱାରା ୬.୯୪ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆକଳନ କରିଛନ୍ତି। ଯଦି ଏହା ବାସ୍ତବତାର ରୂପ ନିଅନ୍ତା, ଓଡ଼ିଶାରେ ବେକାରୀ ସମସ୍ୟା ଅନେକାଂଶରେ ଦୂର ହେବା ସହ ଓଡ଼ିଶା ଦେଶର ପ୍ରମୁଖ ବିକଶିତ ରାଜ୍ୟ ଭାବେ ପରିଗଣିତ ହୋଇପାରନ୍ତା। ରାଜ୍ୟ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ କହିଛନ୍ତି ଯେ, ରାଜ୍ୟରେ ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ କରିବାକୁ ଆନ୍ତର୍ଜାତିକ ଓ ସର୍ବଭାରତୀୟସ୍ତର କମ୍ପାନୀମାନଙ୍କ ଦ୍ୱାରା ଶିଳ୍ପ ସ୍ଥାପନ ପାଇଁ ଦାଖଲ ପ୍ରସ୍ତାବ ମଧ୍ୟରୁ ରାଜ୍ୟ ସରକାର ସିଙ୍ଗଲଓ୍ୱିଣ୍ଡୋ ପ୍ରଣାଳୀ ମାଧ୍ୟମରେ ଚଳିତବର୍ଷ ଜୁନ୍ ମାସ ସୁଦ୍ଧା ୬୪୯ଟି ବୃହତ୍ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ୧୭ଲକ୍ଷ ୫୯ହଜାର ୮୬୭.୧୧ କୋଟି ଟଙ୍କାର ପୁଞ୍ଜିନିବେଶ ସହିତ ୬ଲକ୍ଷ ୯୪ହଜାର ୪୪୫ଟି ନିଯୁକ୍ତିର ଆକଳନ କରାଯାଇଛି। ସିଙ୍ଗଲଓ୍ୱିଣ୍ଡୋ କ୍ଲିଅରାନ୍ସ ପାଇଥିବା ପ୍ରକଳ୍ପ ମଧ୍ୟରେ ସର୍ବାଧିକ ୮ଲକ୍ଷ ୪ହଜାର ୮୧୭କୋଟି ଟଙ୍କାର ପୁଞ୍ଜିନିବେଶ ଷ୍ଟିଲ ଓ ପେଲେଟାଇଜେସ୍ କ୍ଷେତ୍ରରେ ୧୮୩ଟି ପ୍ରକଳ୍ପରେ ବିନିଯୋଗ ହେବ। ଏହା ଦ୍ୱାରା ୩ଲକ୍ଷ ୨୫ହଜାର ୯୩୪ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ୨ଲକ୍ଷ ୮୮ହଜାର ୪୧୩ କୋଟି ଟଙ୍କାର ପୁଞ୍ଜିନିବେଶ ଶକ୍ତି କ୍ଷେତ୍ରରେ ୬୫ଟି ପ୍ରକଳ୍ପରେ ବିନିଯୋଗ ହେବ ଓ ୨୪୩୬୨ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସେହିପରି ୨ଲକ୍ଷ ୪ହଜାର ୩୨୫କୋଟି ଟଙ୍କାର ଆଲୁମିନା ଓ ଆଲୁମିନିୟମ କ୍ଷେତ୍ରରେ ୧୫ଟି ପ୍ରକଳ୍ପରେ ବିନିଯୋଗ ହେବ। ଏହା ଦ୍ୱାରା ୬୭୧୮୨ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ୧ଲକ୍ଷ ୩୮ହଜାର ୫୪୯କୋଟି ଟଙ୍କା ମିନେରାଲସ, କୋଲ, ଗ୍ୟାସଫିକେସନ୍, ହେଲଥକେୟାର, କେମିକାଲସ୍ , ଭିତ୍ତିଭୂମି ବିକାଶ କ୍ଷେତ୍ରରେ ୧୦୭ଟି ପ୍ରକଳ୍ପରେ ବିନିଯୋଗ ହେବ ଓ ଏଥିରେ ୮୭୬୭୨ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୀମା ଭିତରେ ...

ଜଷ୍ଟିସ ଡିଓ୍ୱାଇ ଚନ୍ଦ୍ରଚୂଡ଼ ଓ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ବଡ଼ କଥା କହିଛନ୍ତି। ଜଷ୍ଟିସ ଚନ୍ଦ୍ରଚୂଡ଼ କହିଛନ୍ତି, ଗତଥର ଏହି ଆବେଦନର ଶୁଣାଣି ହୋଇ ପାରି ନଥିଲା। କାରଣ ମୁଁ କୋଭିଡରେ ଆକ୍ରାନ୍ତ ଥିଲି। ହେଲେ ଖବରକାଗଜରେ ରିପୋର୍ଟ ପ୍ରକାଶ ପାଇଥିଲେ ଯେ ସୁପ୍ରିମକୋର୍ଟ ଶୁଣାଣିରେ ବିଳମ୍ବ କରୁଛନ୍ତି। କିନ୍ତୁ ମନେ ରଖନ୍ତୁ, ବିଚାରପତିଙ୍କୁ ଟାର୍ଗେଟ କରିବା ପାଇଁ ଆପଣମାନଙ୍କ ପାଖରେ ନିର୍ଦ୍ଦିଷ୍ଟ ସୀମା ରହିଛି। କିଏ ଏହି ନ୍ୟୁଜ ସବୁ ଏଠାରୁ ବାହାରକୁ ଦେଉଛି? ଅନଲାଇନରେ ମୁଁ ନ୍ୟୁଜ ଦେଖିଲା ବେଳକୁ ବିଚାରପତି ଶୁଣାଣିକୁ ବିଳମ୍ବିତ କରୁଥିବା ଲେଖାଯାଇଛି। ଗତଥର ଜଣେ ବିଚାରପତି କୋଭିଡରେ ଆକ୍ରାନ୍ତ ଥିବାରୁ ମାମଲାର ଶୁଣାଣି କରାଯାଇ ପାରି ନଥିଲା। ସେ ଯାହା ବି ହେଉ, ଆମେ ଶୁଣାଣି ପାଇଁ ଏହାକୁ ତାଲିକାଭୁକ୍ତ କରୁଛୁ। ନ ହେଲେ ପୁଣି ଗୋଟିଏ ନ୍ୟୁଜ ରିପୋର୍ଟ ପ୍ରକାଶ ପାଇବ। ବରିଷ୍ଠ ଆଇନଜୀବୀ କୋଲିନ ଗୋନସାଲଭେସ ଜୁନ୍ ମାସରେ ସୁପ୍ରିମକୋର୍ଟରେ ଅବକାଶକାଳୀନ ବେଞ୍ଚ ନିକଟରେ ଗୋଟିଏ ଆବେଦନ ଦାଖଲ କରିଥିଲେ। ଏଥିରେ ସେ କହିଥିଲେ ଯେ ଖ୍ରୀଷ୍ଟିଆନ ଅନୁଷ୍ଠାନଗୁଡ଼ିକ ଉପରେ ପ୍ରତି ମାସରେ ୪୫ରୁ ୫୦ ଥର ଆକ୍ରମଣ କରାଯାଉଛି। ଏହି ସଂଖ୍ୟା ଏବେ ବଢ଼ିଲାଣି। ତେଣୁ ଖ୍ରୀଷ୍ଟିଆନମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସେ ଦାବି କରିଥିଲେ।

### ପୁଣି ଉଠିଲା ...

ଶ୍ରୀ ବେରୀ ଓ ସଦସ୍ୟ ଡଃ ବି କେ ପଲଙ୍କ ସହ ନିତି ଆୟୋଗର ବରିଷ୍ଠ ଅଧିକାରୀମାନେ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରସ୍ଥିତ ଓ୍ୱାର୍ଲ୍ଡ ସ୍କିଲ ସେଣ୍ଟର, ମହିଳା ଏସଏଚଜିଙ୍କ ଦ୍ୱାରା ପରିଚାଳିତ ଉଦ୍ୟୋଗ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପିପିଲିଠାରେ ଥିବା ଓ୍ୱେଲନେସ୍ ସେଣ୍ଟର, ଫାଇଭ-ଟିରେ ରୂପାନ୍ତରିତ ହାଇସ୍କୁଲ ଓ ଓଡ଼ିଶା କ୍ରାଫ୍ଟ ମ୍ୟୁଜିୟମ 'କଳାଭୂମି' ବୁଲି ଦେଖିଥିଲେ। ଏହାସହିତ ଲୋକସେବା ଭବନର କନଭେନସନ ସେଣ୍ଟରରେ ମୁଖ୍ୟ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ ଜେନା ଓ ବିଭିନ୍ନ ବିଭାଗର ସଚିବମାନଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ବୈଠକରେ ଉନ୍ନୟନ କମିଶନର ଶ୍ରୀ ଜେନା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ପାଓ୍ୱାର ପଏଣ୍ଟ ପ୍ରେଜେଣ୍ଟେସନ ଦିଆଯାଇଥିଲା। ପଞ୍ଚାୟତିରାଜ, ପାନୀୟ ଜଳ ସଚିବ ଏ କେ ମୀନା ଓ ଅର୍ଥ ବିଭାଗର ସଚିବ ବିଶାଳ ଦେବ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଯୋଜନାର ସଫଳତା ଉପରେ ଆଲୋକପାତ କରିଥିଲେ। ନିତି ଆୟୋଗ ଉପାଧ୍ୟକ୍ଷ ଓ ସଦସ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟର ସଫଳତାକୁ ମଧ୍ୟ ପ୍ରଶଂସା କରିଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ପ୍ରେସ୍ ରିଲିଜରେ ଦର୍ଶାଯାଇଛି। ନିତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀ ଓ ସଦସ୍ୟ ଶ୍ରୀ ପଲ୍ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଆସନ୍ତା ୭ତାରିଖରେ ଦିଲ୍ଲୀରେ ହେବାକୁ ଥିବା ନିତି ଆୟୋଗ ପରିଚାଳନା ପରିଷଦ ବୈଠକକୁ ଆମନ୍ତ୍ରଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ରାଜ୍ୟରେ ରେଳବାଇ, ଟେଲିକମ୍ ଓ ବ୍ୟାଙ୍କିଂ ଭିତ୍ତିଭୂମିକୁ ନେଇ ଦୀର୍ଘଦିନର ଦାବି ସମ୍ପର୍କରେ ସମ୍ୟକ ଦାବି ଉପସ୍ଥାପନ କରିଥିଲେ। ଖୁବଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ ବିସ୍ତୃତ ଦାବି ରଖାଯିବ ବୋଲି ସେ କହିଥିଲେ। ଏହାସହିତ ଓଡ଼ିଶା ବାରମ୍ୱାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଓଡ଼ିଶାକୁ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଦାବି ଉପସ୍ଥାପନ କରିଥିଲେ।

### ଏଣିକି ଆବେଦନ ...

ଜଣେ ଯୁବକ ଭୋଟର ଆଇଡି ପାଇଁ ଆବେଦନ କରିପାରୁଥିଲେ। କିନ୍ତୁ ଗୋଟିଏ ନିର୍ଦ୍ଦିଷ୍ଟ ବର୍ଷର ଜାନୁଆରୀ ୧ ପରେ ୧୮ ବର୍ଷରେ ପାଦ ଦେଉଥିବା ଯୁବକଙ୍କୁ ପୂରା ଗୋଟିଏ ବର୍ଷ ନିଜ ନାଁ ପଞ୍ଜୀକରଣ ପାଇଁ ଅପେକ୍ଷା କରିବାକୁ ପଡୁଥିଲା। ହେଲେ ଏବେ ୧୭ ବର୍ଷ ବୟସରୁ ଭୋଟର ଆଇଡି ପାଇଁ ଆବେଦନ କରିହେବ। ଆବେଦନକାରୀଙ୍କୁ ୧୮ ବର୍ଷ ପୂରିବା ମାତ୍ରେ ତାଙ୍କ ନାଁ ଆପେଆପେ ଭୋଟର ତାଲିକାରେ ପଞ୍ଜୀକରଣ ହୋଇଯିବ। ନୂଆ ନିୟମ ଅନୁସାରେ ଏଣିକି ବର୍ଷକୁ ୪ ଥର ଭୋଟର ତାଲିକା ଅପଡେଟ କରାଯାଇ ପାରିବ। ଜାନୁଆରୀ ପହିଲା, ଏପ୍ରିଲ ପହିଲା, ଜୁଲାଇ ପହିଲା ଓ ଅକ୍ଟୋବର ପହିଲାରେ ଜଣେ ବ୍ୟକ୍ତି ନିଜର ଭୋଟର ପରିଚୟପତ୍ର ଅପଡେଟ କରିପାରିବେ। ପ୍ରତି ୩ ମାସରେ ଭୋଟର କାର୍ଡ ଅପଡେଟ କରିବାକୁ ସୁଯୋଗ ମିଳିବ। ଯେଉଁ ଦିନ ଜଣକର ବୟସ ୧୮ ହେଉଥିବ, ସେହି ତ୍ରୈମାସିକରେ ୧୭ ବର୍ଷ ପାର କରି ସାରିଥିବା ପିଲାମାନେ ନିଜ ନାଁ ଆଗୁଆ ପଂଜୀକରଣ କରାଇପାରିବେ। ପ୍ରାଥମିକ ଯାଞ୍ଚ ପ୍ରକ୍ରିୟା ପରେ ଆବେଦନକାରୀଙ୍କୁ ଇଲେକ୍ଟୋରାଲ ଫଟୋ ଆଇଡେଣ୍ଟୀ କାର୍ଡ(ଇପିଆଇସି) ଯୋଗାଇ ଦିଆଯିବ।

### ଘାରିଲା ଆଦିବାସୀ ...

ଜଙ୍ଗଲ ଭିତରେ ଜୀବନ ଜୀବିକା ପାଇଁ ବସବାସ କରୁଥିବା ଆଦିବାସୀ ଓ ବନବାସୀମାନଙ୍କ ପାଇଁ ଜଙ୍ଗଲ ଅଧିକାର ଆଇନ-୨୦୦୬ ଦେଇଥିବା ଆଇନଗତ କ୍ଷମତା ଆଉ ରହିବନାହିଁ। କେନ୍ଦ୍ର ସରକାରଙ୍କ ଦ୍ୱାରା ସଂଶୋଧନ ହେବାକୁ ଯାଉଥିବା ଜଙ୍ଗଲ ସଂରକ୍ଷଣ ନିୟମାବଳୀ- ୨୦୨୨ରେ ଗ୍ରାମସଭାର ଏ ସମସ୍ତ କ୍ଷମତାକୁ ଉଚ୍ଛେଦ କରିଦିଆଯାଇଛି। ଏହି ନିୟମ ଆସିଲେ ଦେଶୀ ବିଦେଶୀ ପୁଞ୍ଜିପତିଙ୍କୁ ଜଙ୍ଗଲ ଜମିକୁ ହସ୍ତାନ୍ତର ପାଇଁ ଆଉ କୌଣସି ପ୍ରତିବନ୍ଧକରହିବ ନାହିଁ। ସରକାରଙ୍କ ପାଖରେ ଅସୀମିତ କ୍ଷମତା ରହିବ। ଏଣିକି ଆଉ ଜଙ୍ଗଲ ଜମି ହସ୍ତାନ୍ତର ପୂର୍ବରୁ ସ୍ଥାନୀୟ ଗ୍ରାମସଭାର ସମ୍ମତିର ଆବଶ୍ୟକତା ପଡ଼ିବନାହିଁ। ସଂଶୋଧନ ହେବାକୁ ଯାଉଥିବା ଏହି ନିୟମ ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କର ଜଙ୍ଗଲ ଅଧିକାର (ସ୍ୱୀକୃତି) ଆଇନ-୨୦୦୬କୁ ସମ୍ପୂର୍ଣ୍ଣ ଭାବରେ ଉଲଙ୍ଘନ କରୁଥିବାବେଳେ ଏହା ସମ୍ବିଧାନର ଧାରା୨୪୪(୧) ଅନୁଯାୟୀ ଅନୁସୂଚିତ ଅଞ୍ଚଳକୁ ଦେଇଥିବା ସ୍ୱତନ୍ତ୍ର କ୍ଷମତା ଅନୁଯାୟୀ କାର୍ଯ୍ୟକାରୀ ହେଉଥିବା 'ପେସାଆଇନ ୧୯୯୬'କୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଉଲଙ୍ଘନ କରୁଛି। କାରଣ ପେସା ଆଇନର ଧାରା୪(୫) ଅନୁଯାୟୀ ଅନୁସୂଚିତ ଅଞ୍ଚଳରେ ଯେ କୌଣସି ପ୍ରକାରର ଜମି ଅଧିଗ୍ରହଣ ପୂର୍ବରୁ ଗ୍ରାମ ସଭାର ସମ୍ମତି ଦରକାର। ଏହି ପ୍ରତିବାଦ ବିକ୍ଷୋଭରେ ସଂଗଠନର ରାଜ୍ୟ ଆବାହକ ଗୋପୀନାଥ ମାଝୀ, ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ଆବାହକ ମଣ୍ଡଳୀ ସଦସ୍ୟ ପ୍ରଦୀପ ସାହୁ, ନରେନ୍ଦ୍ର ମହାନ୍ତି, ଶ୍ରୀଚରଣ ବେହେରା ଆଦିବାସୀ ଅଧିକାର ମଞ୍ଚର ସାଲ ମାରାଣ୍ଡି, ମଦନ ମାରାଣ୍ଡି, ଆଦିବାସୀ ଭାରତ ମହାସଭାର ପୂର୍ଣ୍ଣ ମଲ୍ଲିକ, ଜିନ୍ଦାବାଦ ସଂଗଠନର ତ୍ରିଲୋଚନ ପୁଞ୍ଜି, ବନବାସୀ ସୁରକ୍ଷା ପରିଷଦର ବଳଭଦ୍ର ମଲ୍ଲିକ, କାର୍ମି ବେସ୍ରା, ସିଏସଡିର ବିଭିନ୍ନ ଜିଲ୍ଲା ଆବାହକମାନଙ୍କ ସହିତ ଏବଂ ଆଦିବାସୀ ନେତା ବିରଞ୍ଚି ବରିହା, ବିଜୟ ସ୍ୱାଇଁ, ଫୁଲସନ ପୂର୍ତ୍ତି, ମଙ୍ଗଳ ମୁଣ୍ଡା, ଜିଶାୟ ଶବର, ରୂପଧର ବିଷୋଇ, ଦିଲ୍ଲୀପ ଭୋଇ, ବଳରାମ ମାଝୀ, ଗୌତମ ପାତ୍ର, ସଂଜୀବ କୋଣ୍ଡାଗିରୀ, ଲୋଚନ ବରିହାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳ ଓ ଗଣ ସଂଗଠନର ନେତୃବୃନ୍ଦ ଯଥା ସୁଦର୍ଶନ ପ୍ରଧାନ, ଅରୁଣ ଜେନା,ରଘୁ ସୋରେନ, ଶଙ୍କରସାହୁ, ଶ୍ରୀକାନ୍ତ ମହାନ୍ତି, ମହମ୍ମଦ ସୁକୁର, ଅର୍ଣ୍ଣପୂର୍ଣ୍ଣା ମହାଲିଙ୍ଗୀ, ମଣିରାମ ପାଣ୍ଡେ ଓ ଅନ୍ୟମାନେ ଯୋଗଦେଇ ଉଦବୋଧନ ଦେଇଥିଲେ।

### ଓଡିଶାରେ ...

ପାୟାର୍ ଆଲର୍ଟ ରିପୋର୍ଟ ହୋଇଛି ବୋଲି ଜିଏଫ୍ଡବ୍ଲୁ ତାର ରିପୋର୍ଟରେ ଦର୍ଶାଇଛି। ପ୍ରକୃତରେ ଜିଏଫ୍ଡବ୍ଲୁ ଦର୍ଶାଇଥିଲା ଭାରତର ଉତ୍ତର-ପୂର୍ବ ଅଞ୍ଚଳରେ ଦିଲ୍ଲୀ ଠାରୁ ୩ ଗୁଣ ଅଧିକ ଜଙ୍ଗଲ ପଦା ହୋଇଯାଇଛି। ଯାହାକୁ ନେଇ ଜାତୀୟ ଗଣମାଧ୍ୟମଗୁଡିକରେ  ଖବର ପ୍ରକାଶ ପାଇଛି। ଉତ୍ତର-ପୂର୍ବ ରାଜ୍ୟଗୁଡିକରେ ୨୦ ବର୍ଷ ମଧ୍ୟରେ ପ୍ରାୟ ୪,୩୫୦ ବର୍ଗ କିଲୋମିଟର ଜଙ୍ଗଲ ନଷ୍ଟ ହୋଇଯାଇଛି। ଏହା ଦିଲ୍ଲୀର ୩ ଗୁଣ ହେବ। ଦିଲ୍ଲୀର କ୍ଷେତ୍ର ୧,୪୮୪ ବର୍ଗ କିମି। ଗ୍ଲୋବାଲ ଫରେଷ୍ଟ ଓ୍ୱାଚ ସଂଗଠନ ଦ୍ୱାରା ଏହି ପରିସଂଖ୍ୟାନ ପ୍ରକାଶ ପାଇଛି। ଜିଏଫ୍ଡବ୍ଲୁ ସମଗ୍ର ବିଶ୍ୱରେ ଜଙ୍ଗଲର ପ୍ରକୃତ ସମୟ ମନିଟରିଂ କରୁଥିବା ଏକ ସଂଗଠନ। ତଥ୍ୟ ଅନୁଯାୟୀ, ଅରୁଣାଚଳ ପ୍ରଦେଶର ଜଙ୍ଗଲ ଆବରଣ ୧,୨୫୦ ବର୍ଗ କିଲୋମିଟରରେ ସର୍ବାଧିକ ହ୍ରାସ ପାଇଛି। ଏହା ପରେ ତ୍ରିପୁରାରେ ୧୧୦୦ ବର୍ଗ କିମି ଏବଂ ଆସାମରେ ୬୩୦ ବର୍ଗ କିଲୋମିଟର ଜଙ୍ଗଲ ଆବରଣ ହ୍ରାସ ପାଇଛି। କମ ଜଙ୍ଗଲ ଆବରଣ ହେତୁ ଏହି ରାଜ୍ୟଗୁଡିକ ଗତ ୨୦ ବର୍ଷ ମଧ୍ୟରେ ଦ୍ରୁତ ଜଳବାୟୁ ପରିବର୍ତ୍ତନ ଅନୁଭବ କରାଯାଏ। ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ମଧ୍ୟ ବନ୍ୟ ଳରେ ତୀବ୍ର ହ୍ରାସ ଘଟିଛି। ଏହି ସମୟ ମଧ୍ୟରେ ମଣିପୁରରେ ପ୍ରାୟ ୪୬୦ ବର୍ଗ କିଲୋମିଟର ପ୍ରାଥମିକ ଜଙ୍ଗଲ କ୍ଷେତ୍ର ହ୍ରାସ ପାଇଥିବାବେଳେ ମେଘାଳୟରେ ୪୫୦ ବର୍ଗ କିମି, ନାଗାଲାଣ୍ଡରେ ୩୧୦ ବର୍ଗ କିମି ଏବଂ ମିଜୋରାମରେ ୧୫୦ ବର୍ଗ କିଲୋମିଟର ହ୍ରାସ ପାଇଛି। ଜଙ୍ଗଲ କ୍ଷେତ୍ରର ମୋଟ ହ୍ରାସ ଆସାମ ଅଞ୍ଚଳର ପ୍ରାୟ ୫.୫୪% ଅଟେ। ଆସାମର ମୋଟ କ୍ଷେତ୍ର ହେଉଛି ୭୮,୪୩୮ ବର୍ଗ କିମି।

### ମନ୍ଦିର ନାଁରେ ...

ଗୁରୁ ଚଣ୍ଡାଳ ଭୁଲ ହେଲା କେମିତି ? ସବୁଠାରୁ ବଡ କଥା ମନ୍ଦିର ପାଇଁ ଆସିଥିବା ଅନୁଦାନ ପୂଜକ ନାମରେ ଯନ୍ତ୍ରୀ ଦେବା କଥା ତାଙ୍କ ନାମରେ ନ ଦେଇ ବଡ ଭୁଲ କରିଛନ୍ତି। ସୂଚନା ଫଳକ କାର୍ଯ୍ୟ ଆରମ୍ଭରୁ କାର୍ଯ୍ୟ ଶେଷ ସମ୍ମୁଖରେ ସାଧାରଣ ଅବଗତ ନିମନ୍ତେ ଦର୍ଶାଇବା ସରକାର ନିୟମ ଓ ସୂଚନା ଫଳକ ବାବଦରେ ସରକାର ଏଷ୍ଟିମେଣ୍ଟ ଥିବା ସମସ୍ତ ବିଭାଗର ଅଗୋଚରରେ ମନ୍ଦିର ପଛପଟରେ ଫଳକ ଲେଖାଯାଇଛି। କାର୍ଯ୍ୟ ଆରମ୍ଭ ୮/୧/୨୦୨୨ଥିବା ବେଳେ କାର୍ଯ୍ୟ ଶେଷ ତାରିଖ ଫଳକରେ ଦର୍ଶା ଯାଇନାହିଁ। ସବୁଠାରୁ ବଡ ରହସ୍ୟ ହେଉଛି ମନ୍ଦିର ପୂଜକ ଯେତେ ବେଳେ ନାମ ଫଳକ ଲେଖାଗଲା ସେତେବେଳେ ଜାଣି ପାରିଲେ ନାହିଁ କାହିଁକି? ଯଦି ଜାଣିଲେ ନାହି ମନ୍ଦିର କମିଟିର ବୈଠକ କରି ବିଧାୟକଙ୍କୁ ଅବଗତ କଲେ ନାହି କାହିଁକି? ମନ୍ଦିର କମିଟି ଓ ସମ୍ପାଦକ ଖାତିଗୁଡାର ବରିଷ୍ଠ ନଗରିକ ଜଣେ ଅବସର ପ୍ରାପ୍ତ ଅଧିକାରୀ ବୋଲି ଶୁଣିବାକୁ ମିଳୁଛି। ସେ ମୁହଁ ଖୋଲୁ ନାହାନ୍ତି କାହିଁକି। ଏହାର ତଦନ୍ତ କଲେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବେ ବୋଲି ଆଲୋଚନା ଚାଲିଛି। ନିଜେ ମନ୍ଦିର ର ପୂଜକ ସମେତ ସୋନାଇ ସାନ୍ତା, ବିଭୁପଦାର ବିନ୍ଦ ରଥ ସ୍ଲୋଖ୍ରମି ଚନ୍ଦ୍ର ଗୌଡ଼, ଅଭି ଗୌଡ଼, ପ୍ରଭୁତି ସ୍ୱାଇଁ, ରଘୁ ପାଙ୍ଗି, ବିଭୁତି ସ୍ୱାଇଁ, ପ୍ରତାପ ନାୟକ, ହଳଧର ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସରୋଜ ପଟ୍ଟନାୟକ ଆମ ନବରଙ୍ଗପୁର ଜିଲ୍ଲା ପ୍ରତିନିଧିଙ୍କୁ ମନ୍ଦିର କାମ ହୋଇଛି କମିଟି କର୍ମକର୍ତ୍ତା ସବୁ ମିଶି କାମ କରୁଛନ୍ତି ବୋଲି କହିଛନ୍ତି। କିଏ ସତ କିଏ ମିଛ ଏହାର ତଦନ୍ତ କଲେ ସତ୍ୟ ଉନ୍ମଚନ ହେବ ଏବଂ ଜିଲ୍ଲାପାଳ ଏହି ବିଷୟରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

### କାଗଜ କଲମରେ ...

ଏବେ ସମୁଦ୍ର ତଟବର୍ତୀ ଅଞ୍ଚଳରେ କୁଢ଼ କୁଢ଼ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇରହିଛି। ସୁସ୍ଥ ପରିବେଶ ସୃଷ୍ଟି କରିବା ଦିଗରେ କେହି ପଦକ୍ଷେପ ନେଉନଥିବା ଦେଖିବାକୁ ମିଳୁଛି। ବହୁ ସମୟରେ ବ୍ଲକ ପ୍ରଶାସନ, ସ୍ଥାନୀୟ ପଞ୍ଚାୟତ ଓ ସ୍ଥାନୀୟ ମହିଳା ସଂଗଠନ ପକ୍ଷରୁ ପୂର୍ବତନ ବ୍ଲକ ଅଧକ୍ଷ ତଥା ବର୍ତ୍ତମାନର ପୁରୀ ଜିଲ୍ଲା ପରିଷଦ ଉପାଦକ୍ଷ ସ୍ୱାଧୀନ କୁମାର ନାୟକ,ଶୋଭାକର ବେହେରାଙ୍କ ନେତୃତ୍ୱରେ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲି ହୋଇ ପରିବେଶ ସୁରକ୍ଷା ପାଇଁ ସଫେଇ କାର୍ଯ୍ୟକ୍ରମ କରାଯାଇଥାଏ। ଏବେବି ସ୍ୱାଧୀନ ନାୟକ ଓ ବ୍ଲକର ସରପଞ୍ଚ ସମିତି ସଭ୍ୟ ସଭ୍ୟା ମାନେ ଜାହାନିଆ ଉପକୂଳ ଅଞ୍ଚଳ ସେଫଇ କରିବା ସହିତ ପ୍ଲାଷ୍ଟିକ ବ୍ୟବହାର ଉପରେ ଜନସାଧାରଣ ମାନଙ୍କୁ ସଚେତନ କରାଇଥିଲେ। ଅପରପକ୍ଷରେ ପ୍ଲାଷ୍ଟିକ ବ୍ୟବହାର ଓ ସମୁଦ୍ର କୂଳରେ କୁଢ଼ କୁଢ଼ ହୋଇ ପଡୁଥିବା ବେଳେ ଏଥି ପ୍ରତି କାହାର ନଜର ପଡୁ ନାହିଁ କି ବ୍ୟବହାର ଉପରେ କଟକଣା ଲାଗୁ ହେଉନଥିବାରୁ ଏହାର ବହୁଳ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଥାଏ। ବରିଷ୍ଠ ପରିବେଶବିତ୍ ମାନେ ମଧ ଏଥି ପ୍ରତି ଦୃଷ୍ଟି ଦେଉ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଛି। ସ୍ଥାନୀୟ ଅଞ୍ଚଳର କିଛି ଯୁବକ ନିଜକୁ ପରିବେଶବିତର ପରିଚିତ ଦେଉଥିଲେ ମଧ ପରିବେଶ ସୁରକ୍ଷା ପ୍ରତି ସେମିତି କିଛି କାର୍ଯ୍ୟକ୍ରମ କରୁ ନାହାନ୍ତି। ଛୁରିଅନା, ସହନ, କେଉଟଜଙ୍ଗା,ବେଳଙ୍ଗ, କରାଳ, ନଟରା ଆଦି ନଦୀ ସଲଗ୍ନ ଗ୍ରାମ ଗୁଡିକରେ ପ୍ରାକୃତିକ ଜଙ୍ଗଲ ଏବେ ଧ୍ୱଂସ ହେବାରେ ଲାଗିଛି। ଆଗାମୀ ଦିନରେ ପରିବେଶ,ଲୁଣା ଓ ହେନ୍ତାଳ ଜଙ୍ଗଲ ସୃଷ୍ଟି କରିବା ଦିଗରେ ସ୍ଥାନୀୟ ବନ ବିଭାଗ ପ୍ରଶାସନ ଅଧିକାରୀ ମାନେ ଯତ୍ନବାନ ନ ହେଲେ ଉପକୂଳ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏଥିପ୍ରତି ବିଭାଗୀୟ ମନ୍ତ୍ରୀ, ସଚିବ, ସ୍ଥାନୀୟ ବିଧାୟକ ତଥା କ୍ରୀଡା ଓ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାର କାନ୍ତି ବେହେରା, ପୁରୀ ଜିଲ୍ଲାପାଳ, ପୁରୀ ଜିଲ୍ଲା ପରିଷଦ ଉପାଦକ୍ଷ ସ୍ୱାଧୀନ କୁମାର ନାୟକ ଓ ବନ ବିଭାଗର ଉଚ୍ଚ ପଦାଧିକାରୀ ମାନେ ଦୃଷ୍ଟି ଦେବା ସହିତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିବା ସହ ଦାବୀ କରିଛନ୍ତି।

### ଭୁଲ ମାଷ୍ଟର ପ୍ଲାନ ...

ରାସ୍ତା ନିର୍ମାଣ ସଂଖ୍ୟା, ଜନ ବସତି ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଥିବା ବେଳେ, ମାଷ୍ଟରପ୍ଲାନ ଏରିଆ ବୃଦ୍ଧି ପାଇ ନଥିବାରୁ ତାହା ବିଭଳି ସହରକୁ ସୁବ୍ୟବସ୍ଥିତ କରିପାରିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିଭଳି ବହୁପୂର୍ବରୁ ହାଉସ ବିଲ୍ଡିଂ ପ୍ଲାନ ଏପ୍ରୁଭ ହୋଇ ଗୃହ ନିର୍ମାଣ ହୋଇଥିବା ଏପରିକି ପୁରୁଣା ମାଷ୍ଟରପ୍ଲାନରେ ରେସିଡେନ୍ସିଆଲ ଏରିଆକୁ ନୂତନ ମାଷ୍ଟର ପ୍ଲାନରେ ଓ୍ୱେଷ୍ଟ ଏରିଆ, ସେନସିଟିଭ ଜୋନ, ଗ୍ରୀନ ଜୋନ, ଏଗ୍ରିକଲଚର ଜୋନ, କମରସିଆଲ ଜୋନ ଭାବରେ ଦର୍ଶା ଯାଇଛି। ତେବେ ବର୍ତ୍ତମାନ ସେହି ସବୁ ଏରିଆର ଘରଡିହ ପଟ୍ଟାଧାରୀ ନାଗରୀକ ମାନେ ସେମାନଙ୍କର ଥିବା ଘରଡିହ କିସମ ଜମୀରେ ଘର କରିବାକୁ ଚାହିଁଲେ ମଧ୍ୟ ନୂତନ ମାଷ୍ଟରପ୍ଲାନ ଅନୁଯାୟୀ ସେମାନଙ୍କର ଗୃହ ନିର୍ମାଣ ପାଇଁ ପ୍ଲାନ ଏପ୍ରୁଭ ହୋଇପାରୁନାହିଁ। ଫଳରେ ପ୍ଲାନ ଏପ୍ରୁଭ ନହେବାରୁ ପଟ୍ଟାଧାରୀ ବ୍ୟାଙ୍କଲୋନରୁ ବଂଚିତ ହେବା ସହ କେହିକେହି ନିଜସ୍ୱ ସମ୍ବଳ ଥିଲେ ନନପ୍ଲାନରେ ବେଆଇନ ଭାବରେ ଗୃହ ନିର୍ମାଣ କରିବାକୁ ବାଧ ହେଉଛନ୍ତି। ଏହାଦ୍ୱାରା ସରକାରଙ୍କ ବ୍ୟାପକ ରାଜସ୍ୱ ହାନୀ ହେବା ସହ ବାରିପଦା ସହର ଦିନକୁ ଦିନ ଅବ୍ୟବସ୍ଥିତ ହେବାରେ ଲାଗିଛି। ଏପରିକି କିଛି ଲୋକଙ୍କର ଜମୀରେ ଗ୍ରାଉଣ୍ଡ ଫ୍ଲୋର ଘରର ପ୍ଲାନ ପୁରୁଣା ମାଷ୍ଟର ପ୍ଲାନ ହିସାବରେ ଏପ୍ରୁଭ ହୋଇ ଗୃହ ନିର୍ମାଣ ହୋଇଥିଲେ ମଧ ଉପରମହଲାର ପ୍ଲାନ ପାସ ହୋଇ ପାରୁନାହିଁ। ସେହିପରି ସହର ମଧ୍ୟଦେଇ ଯାଇଥିବା ଜରାଳି ଓ ସରାଳି ନାଳର ଉଭୟ ପାର୍ଶ୍ୱ ଜମୀରେ ଲୋକେ ଦୀର୍ଘବର୍ଷ ଧରି ରେସିଡେନସିଆଲ ଘର କରି ରହି ଆସୁଥିବା ବେଳେ, ନୂତନ ମାଷ୍ଟରପ୍ଲାନ ଅନୁଯାୟୀ ଜରାଳି ଓ ସରାଳି ନାଳର ଉଭୟ ପାର୍ଶ୍ୱ ଜମୀସବୁକୁ ସେନସିଟିଭ ଜୋନ ଭାବରେ ଦର୍ଶାଯାଇଛି। ଛୋଟ ନାଳ ଜରାଳି, ସରାଳି କଡରେ ଦୀର୍ଘ ବର୍ଷଧରି ବାସଗୃହ ଥିବା ଜମୀକୁ ସେନସିଟିଭ ଜୋନ କରାଯାଇଥିଲେ ମଧ ବାରିପଦା ସହର ଦେଇ ଯାଇଥିବା ସର୍ବ ବୃହତ ବୁଢାବଳଙ୍ଗ ନଦୀ ଅବବାହିକାର ଅନେକ ସ୍ଥାନରେ ରହିଥିବା ଫାଙ୍କା ଜମୀକୁ ନୂତନ ମାଷ୍ଟର ପ୍ଲାନରେ ରେସିଡେନସିଆଲ ଜୋନ ଭାବରେ ଦର୍ଶାଯାଇଛି। ନୂତନ ମାଷ୍ଟରପ୍ଲାନରେ ଆନୁମାନିକ ଭାବରେ ବିନା ସରଜମିନ ସର୍ଭେରେ ରେସିଡେନସିଆଲ ଜୋନ ଉପରେ ପ୍ରୋପଜ ରୋଡ ଦର୍ଶା ଯାଇଛି।  ବାସ୍ତବରେ ସେହି ସ୍ଥାନରେ କେବେବି ବହୁସଂଖ୍ୟାରେ ଅବସ୍ଥିତ ଥିବା ଲୋକଙ୍କ ଘର ଭାଙ୍ଗି ରାସ୍ତା ନିର୍ମାଣ ହେବା ସମ୍ଭବ ହେବ ନାହିଁ। ସେହିପରି ସହର ଭିତରେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ଘରବାଡି କିସମ ଜମୀ କିଣିଥିବା ବ୍ୟକ୍ତି ଏବେ ନିଜ ଜମୀରେ ଘର କରିବାକୁ ହାଉସ ବିଲ୍ଡିଂ ପ୍ଲାନ କରିବାକୁ ଆବେଦନ କଲା ବେଳକୁ ନୂତନ ମାଷ୍ଟର ପ୍ଲାନ ଅନୁଯାୟୀ ପ୍ଲାନ ପାସ ହେଉନାହିଁ। ତେବେ ଯେକୌଣଷି ବ୍ୟକ୍ତି ସହର ଭିତରେ ବା ଟାଉନ ପ୍ଲାନିଂ ଏରିଆରେ ଅଣବାସଗୃହ ଜମୀ କ୍ରୟ କରି ଓ.ଏଲ.ଆର. ୮(କ) ଧାରାରେ ଉକ୍ତ ଜମୀର କିସମ ପରିବର୍ତନ କରି ଘରବାଡି କିସମ କଲାବେଳେ, ଭେରିଫିକେସନ ପାଇଁ ଟାଉନ ପ୍ଲାନିଂ ଅଥରିଟିଙ୍କ ନିକଟକୁ ଯାଇଥାଏ। ଟାଉନ ପ୍ଲାନିଂ ଅଥରିଟି ନୋଅବଜେକସନ ଦେବାପରେ ତହସିଲଦାର ସରକାରୀ ପ୍ରିମିୟମ ଅର୍ଥ ଗ୍ରହଣ କରି ଉକ୍ତ ଜମୀର କିସମ ପରିବର୍ତନ କରିଥାନ୍ତି। ତେବେ ଟାଉନପ୍ଲାନିଂ ଅଥରିଟି ସମାନ ଜମୀ ଉପରେ କନଭରସନ ବେଳେ ନୋଅବଜେକସନ ଦେଇଥିବା ସତ୍ୱେ ସେହି ଜମୀ ଉପରେ ହାଉସ ବିଲଡିଂ ପ୍ଲାନ ଏପ୍ରୁଭ ପାଇଁ ନୂତନ ମାଷ୍ଟରପ୍ଲାନ ମୁତାବକ ହାତ ଟେକି ଦେଉଛନ୍ତି। ଏଣୁ ମାଷ୍ଟର ପ୍ଲାନ ପ୍ରସ୍ତୁତି ସମୟରେ ରାଜସ୍ୱ ବିଭାଗ ଓ ଟାଉନ ପ୍ଲାନିଂ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ରହିଥିବା କଥା ସ୍ପଷ୍ଟ ଜଣାଯାଉଛି। ସେହିପରି ସହରରେ ଘରବାଡି ଜମୀକ୍ରୟ କଲାପୂର୍ବରୁ ପ୍ଲାନିଂ ଅଥରିରିଟିଙ୍କର ପରାମର୍ଶ ଲୋଡା ଯାଉ ନଥିବାରୁ ସବରେଜିଷ୍ଟାର ରେଭିନ୍ୟୁ ନଥିମୋତେ ଜମୀ ରେଜିଷ୍ଟ୍ରିସନ କରିଦେଉଛନ୍ତି କିନ୍ତୁ ସେହି ଜମୀରେ ଘରକଲା ବେଳକୁ କ୍ରେତାଙ୍କର ହାଉସବିଲଡିଂ ପ୍ଲାନ ଏପ୍ରୁଭ ହେଉନାହିଁ। ତେବେ ଏ ବାବଦରେ ବାରିପଦା ପ୍ଲାନିଂ ଅଥରିଟିଙ୍କୁ ପଚାରିବାରୁ ନୂତନ ମାଷ୍ଟରପ୍ଲାନରେ କିଛି ତ୍ରୁଟି ଥିବା ସହିତ ଏଥିପାଇଁ ଜନସାଧାରଣ ସମସ୍ୟାରେ ପଡୁଥିବା କଥା ସ୍ୱୀକାର କରିବା ସହିତ ସମସ୍ୟାରେ ପଡୁଥିବା ଲୋକଙ୍କୁ ଅପିଲିଏଟ ଅଥରିଟିଙ୍କ ନିକଟରେ ଆବେଦନ କରିବାକୁ ପରାମର୍ଶ ଦେଉଥିବାର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ତେବେ ଏହି ତୃଟିଥିବା ମାଷ୍ଟରପ୍ଲାନର ସାନି ତର୍ଜମା କରାଯାଇ ସଂଶୋଧିତ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯିବା ପାଇଁ ରାଜ୍ୟସରକାରଙ୍କ ଠାରେ ବାରିପଦାର ବୁଦ୍ଧିଜିବୀ ମହଲରୁ ଦାବୀ କରାଯାଇଛି।

# ଧଳାଜହର ବେପାର ଆକାଶ ଛୁଆଁ



**ଜଗତସିଂହପୁର :** ଜିଲ୍ଲାରେ ଦିନକୁ ଦିନ ଚୋରାମଦ, ଚରସ ଓ ବ୍ରାଉନସୁଗାର ବେପାର ଏପରି ବ୍ୟାପିଲାଣି ଯେ ଯୁବପିଢି ମାନେ ପଥଭ୍ରଷ୍ଟ ହେବାକୁ ବସିଲେଣି। ଅବକାରୀ ବିଭାଗ ପାଇଁ ଆବଶ୍ୟକ କର୍ମଚାରୀ ନଥିବାରୁ ଏମାନଙ୍କ ପାଇଁ ଗଳି କନ୍ଦି ରାସ୍ତା, କ୍ଲବ ଘର, ନିଛାଟିଆ ସ୍ଥାନ ଓ ଚା ପାନ ଦୋକାନ ଗୁଡିକ ପାଇଁ ଚରାଭୂଇଁ ପାଲଟି ଗଲାଣି। ଦିନକୁ ଦିନ ଚୋରାମଦ ବ୍ୟବସାୟ ଏପରି ବୃଦ୍ଧି ହେଲାଣି ଯେ ମାଫିଆ ମାନଙ୍କ ପାଇଁ ଏହାଏକ ରୋଜଗାର ପନ୍ଥା ପାଲଟି ଗଲାଣି। ଏହି ନିଶା ବେପାରୀ ମାନଙ୍କ ବ୍ୟବସାୟ କେଉଁଠି ଚାଲିଛି ଓ କେଉଁ ସ୍ଥାନରେ ମିଳୁଛି ତାହା ନେଇ ସ୍ଥାନୀୟ ପୋଲିସ ପାଖରେ ଖବର ଥିଲେ ବି ମାସିକିଆ ବଟି ସେମାନଙ୍କ ପାଇଁ ଦରମା ସଦୃଶ ହୋଇଯାଉଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ପୁରୀ ଜିଲ୍ଲାର ଜଣେ ଅବକାରୀ ବିଭାଗ ଇନିସ୍ପେକ୍ଟର ସଂଜୟ ପଣ୍ଡା ନିଶା ଜହର ବେପାରୀଙ୍କ କାର୍ଯ୍ୟକ୍ରମକୁ ପୋଲିସ ବିଭାଗର ସହାୟତା ଘଟଣାକୁ ନେଇ ମୁହଁ ଖୋଲି ଦେଇଥିବା ବେଳେ ପୋଲିସ ବିଭାଗ ପାଇଁ ଏହା ମୁଣ୍ଡ ବ୍ୟଥାର କାରଣ ହୋଇଥିଲା। ଜିଲ୍ଲାର ସମସ୍ତ ପୋଲିସ ଅଧିକାରୀମାନେ ଏଥିରେ ସମ୍ପୃକ୍ତ ନଥିଲେ ବି ଅବକାରୀ ବିଭାଗ ସହିତ ତାଳମେଳ ରହୁନାହିଁ, ଫଳରେ ଜଗତସିଂହପୁର ଅବକାରୀ ଥାନା ଅଧିକାରୀ ରଞ୍ଜୁଲତା ବାରିକ ନାଉଗାଁ ବସ୍ଷ୍ଟାଣ୍ଡ ଅଂଚଳରେ ହଠାତ୍ ଚଢାଉ କରି ଜଣେ ନିଶା ବେପାରୀ ମାଫିଆକୁ ଗିରଫ କରି ୧୧୦ ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରିବାରେ ସଫଳ ହୋଇଛନ୍ତି। ଏହି ବ୍ରାଉନସୁଗାର ମୂଲ୍ୟ ଆନୁମାନିକ ୧୧ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ଅଭିଯୁକ୍ତ ଜଣକ ନାଉଗାଁ ଅଂଚଳର ବିଦ୍ୟାଧର ପରିଜା ବୋଲି ଅବକାରୀ ଅଧୀକ୍ଷକ ବୈଜୟନ୍ତୀ ପଣ୍ଡା ସୂଚନା ପ୍ରଦାନ କରି କହିଥିଲେ ଯେ ଏହା କାରବାର କରୁଥିବା ସମ୍ପର୍କରେ ଖବର ପାଇବା ପରେ ଜିଲ୍ଲା ଅବକାରୀ ବିଭାଗ ଏକ ଟିମ୍ ଗଠନ କରି ତାହାର ଗତିବିଧି ଉପରେ ନଜର ରଖି ବସ୍ଷ୍ଟାଣ୍ଡ ଅଂଚଳରୁ ଶ୍ରୀ ପରିଜାକୁ ଗିରଫ କରିଥିବା ବେଳେ ଆଉ କେତେ ତା ସହିତ ଭାଗିଦାର ଅଛନ୍ତି ତାହାର ବି ତଦନ୍ତ ଚାଲିଛି। ବର୍ତମାନ ବ୍ରାଉନସୁଗାର କାରବାରରେ ଚେର କେଉଁଯାଏ ଲମ୍ବିଛି ତାହା ସ୍ଥାନୀୟ ଥାନା ଅଧିକାରୀ ବା ଅବକାରୀ ଅଧିକାରୀଙ୍କ ବିଭାଗ ପାଖରେ ବି ହିସାବ ରହୁନାହିଁ। ଏହି ଚଢାଉ ସମୟରେ ଅବକାରୀ ବିଭାଗ ପ୍ରକାଶ ଚନ୍ଦ୍ର ରାଉତ ଓ ଜୟଦେବ ପାତ୍ର ପ୍ରମୁଖ ଅଂଶଗ୍ରହଣ କରି ଆସାମୀକୁ ଧରି ଜେଲକୁ ପଠାଇଥିଲେ। ଏହାର ମାମଲା କେସ ନଂ ୩୯/୨୨।

# ଜିଲ୍ଲାସ୍ତରୀୟ ସ୍ୱାଧିନତା ଦିବସ ପାଳନ ପ୍ରସ୍ତୁତି ବୈଠକ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲାସ୍ତରୀୟ ୭୬ ତମ ସ୍ୱାଧିନତା ଦିବସ ପାଳନ ନିମନ୍ତେ ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ଙ୍କ ଅଧକ୍ଷତା ରେ ମିଶନ ଶକ୍ତି ସଭା ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଜାଇଛି। ଜିଲ୍ଲାପାଳ ଡକ୍ଟର ମିଶ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ ଜାତୀୟ ଦିବସ ଉତ୍ସବ ପାଳନ ରେ ସମସ୍ତ ଙ୍କ ସହଯୋଗ କାମନା କରି ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କୋଭିଡ୍-୧୯ କଟକଣା ଅନୁଯାୟୀ ସୀମିତ ଅଧିକାରୀ, ଗଣ ମାଧ୍ୟମର ପ୍ରତିନିଧି,ବ୍ୟକ୍ତି ବିଶେଷ ଙ୍କ ଉପସ୍ଥିତିରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଚଳିତ ବର୍ଷ ରିଜର୍ଭ ପୋଲିସ ପଡିଆ ଠାରେ ପାଳନ କରାଯିବ ବୋଲି କହିଥିଲେ। ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ ମାନଙ୍କରେ ସମ୍ମାନର ସହ ଜାତୀୟ ପତାକା ସଂଯୁକ୍ତ କରଣ ଓ ଉତ୍ତୋଳନ କରାଯିବ ଏଥିରେ ଯେମିତି କୌଣସି ତ୍ରୁଟି ନ ରହେ ସେଥି ପ୍ରତି ସଂପୃକ୍ତ କର୍ମ କର୍ତ୍ତା ଧ୍ୟାନ ଦେବା ପାଇଁ ମଧ୍ୟ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ନିଷ୍ପତି ଅନୁଯାୟୀ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରାତଃ ସହରରେ ଡାକବାଜି ଯନ୍ତ୍ର ଯୋଗେ ରାମ୍ ଧୂନ୍ ପରିବେଷଣ କରାଯିବ ଏବଂ ସହର ସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯିବା। ପୂର୍ବାହ୍ନ ଘ ୯.୧୫ ମି ସମୟରେ ଦିବସର ମୁଖ୍ୟ ଅତିଥି ଙ୍କ ଦ୍ୱାରା ରିଜର୍ଭ ପୋଲିସ ପଡିଆ ଠାରେ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରାଯିବ। କରୋନା କଟକଣା ହେତୁ ସମ୍ମିଳିତ ପ୍ୟାରେଡ, ସାଂସ୍କୃତିକ କାର୍ଯ୍ୟକ୍ରମ ନ କରାଯିବା ପାଇଁ ସ୍ଥିର କରାଯାଇଛି। କେବଳ ପୋଲିସ ବାହିନୀ ପକ୍ଷରୁ ମୁଖ୍ୟ ଅତିଥି ଙ୍କୁ ଗାର୍ଡ ଅଫ୍ ଅନର ଦିଆଯିବ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାର ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା, ପ୍ରବନ୍ଧ, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର, ପୁରସ୍କାର ପ୍ରଦାନ କରାଯିବ।ଏହି ପ୍ରସ୍ତୁତି ବୈଠକ ରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜୟକୃଷ୍ଣ ବେହେରା, ଉପ ଜିଲ୍ଲାପାଳ ପ୍ରଶାନ୍ତ ରାଉତ,ପି ଏ ଆଇ ଟି ଡି ଏ, ଅଭିମନ୍ୟୁ ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣ ଲତା ବିଶ୍ୱାସ, ତହସିଲଦାର ରବୀନ୍ଦ୍ର କୁମାର ରାଉତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ବରିଷ୍ଠ ନାଗରିକ, ବିଦ୍ୟାଳୟ ମହାବିଦ୍ୟାଳୟ ର ଶିକ୍ଷକ, ଶିକ୍ଷୟତ୍ରୀ, ଅଧ୍ୟକ୍ଷ,ଗଣ ମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇ ଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ହଳଧର ନୀଆଲ୍ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ରାଜା ରାଜୁଡା ଅମଳର 'ନବରଙ୍ଗପୁର'

**ପ୍ରତାପ ଚନ୍ଦ୍ର ସାହୁ**

୧୮୪୩ ମସିହାରେ ଶ୍ରୀକୃଷ୍ଣ ଦେଓଙ୍କ ଦେହାନ୍ତ ପରେ ଭାଇ ନରସିଂହ ଦେଓଙ୍କ ପୁତ୍ର ରାଜା ଚୈତନ୍ୟ ଦେଓ ନବରଙ୍ଗପୁର ଓ ଗୁଡାରୀ ଜମିଦାରୀ ଶାସନ ଭାର ବିନା ପେସ୍ କସ୍‌ରେ



ଗ୍ରହଣ କରିଥିଲେ। ଚୈତନ ଦେଓ ଜଣେ ଧର୍ମ ପରାୟଣ ଓ ଆଦର୍ଶସ୍ଥାନିୟ ପ୍ରଜାବତ୍ସଳ ଶାସକ ଭାବରେ ପରିଚିତ ଥିଲେ। ସେ ଥିଲେ ଜଣେ ଶେଷ ଥାଟ ରାଜା। ଏ ସମ୍ବନ୍ଧରେ ଶ୍ରୀ କୃଷ୍ଣ ଦେଓ ଓ ଶ୍ରୀ ନରସିଂହ ଦେଓଙ୍କ ସ୍ୱହସ୍ତ ଲିଖିତ ତମ୍ବା ପାତରେ ଲିଖିତ ସନନ୍ଦରୁ ସ୍ପଷ୍ଟ ଅନୁମେୟ। ତତ୍କାଳୀନ ଇଂରେଜ ସରକାରଙ୍କର ପଦସ୍ଥ ଅଧିକାରି ମାନେ ହାତୀ ପିଠିରେ ବସି ନବରଙ୍ଗପୁର ଓ ଗୁଡାରି ଅଂଚଳ ଗସ୍ତ କରି ରାଜା ଚୈତନ୍ୟ ଦେଓଙ୍କ ସପଖ୍ୟରେ ଅନୁକୂଳ ମନ୍ତବ୍ୟ ଦେଇଥିଲେ। ରାଜା ଚୈତନ୍ୟ ଦେଓ ଥିଲେ ଜଣେ ସର୍ବ ଗୁଣ ସମ୍ପନ୍ନ ବ୍ୟକ୍ତି। ସେ ରାଜକିୟ ଧର୍ମ ବି ଠିକ୍ ଭାବେ ପାଳନ କରୁଥିଲେ। ତାଙ୍କରି ଶାସନ କାଳରେ ପ୍ରଜାମାନେ ଶାନ୍ତିପୂର୍ଣ୍ଣ ସହବସ୍ଥାନ କରୁଥିବାର ସୂଚନା ମିଳେ। ପ୍ରବାଦ ଅଛି ତାଙ୍କ ସମୟରେ 'ଛ କୋଡି ବନ୍ଧ - ନ କୋଡି ତୋଟା'। ଅର୍ଥାତ୍ ନବରଙ୍ଗପୁର ସହରର ଉତ୍ତରରେ ଧର୍ମଶାଳା ତୋଟା, ତୋଟାର ପ୍ରତି ଧାଡିର ଚାରୋଟି କରି ୨୭୯ ଟି ଧାଡି ବା ୧୧୧୬ ଟି ଆମ୍ବ ଗଛ, ପୂର୍ବକୁ ମା ଗୋସେଇଂ, ଦକ୍ଷିଣ କୁ ଚାଙ୍ଗରିଆ ଦେବୀ, ଓ ଉତ୍ତର ପୂର୍ବକୁ ଦଶହରା ପଡିଆ ଥିଲା ବୋଲି ସୂଚାଉ ଥିଲା। ନବରଙ୍ଗପୁର ତାଲୁକାର ପ୍ରତି ଗ୍ରାମରେ ଏଇ ଆମ୍ବ ତୋଟା, ପୁଷ୍କରଣି ଥିଲା। ତାହା ଏବେ ବି ରାଜା ଚୈତନ୍ୟ ଦେଓଙ୍କର ସ୍ମୃତି ବହନ କରୁଛି। ନବରଙ୍ଗପୁର ନିକଟ ସ୍ଥ ପାପଡାହାଣ୍ଡିର ଉତ୍ତର ଦିଗରେ ଭୈରବ ନାମକ ଏକ ପୋଖରୀ ଖନନ କରୁଥିଲା ବେଳେ ଏକ କଳା ରଙ୍ଗର ମୁଗୁନି ପଥରର ଲିଙ୍ଗ ପାଇଥିଲେ। ନିକଟରେ ଏକ ମନ୍ଦିର ନିର୍ମାଣ କରାଇ ସେଇଠି ସେଇ ଲିଙ୍ଗକୁ ସ୍ଥାପନ କରାଇ ପୂଜାର୍ଚ୍ଚନା କରାଇବାର ବ୍ୟବସ୍ଥା କରିଥିଲେ। ତାହା ଆଜି ଏକ ପର୍ଯ୍ୟଟନ ସ୍ଥଳର ମାନ୍ୟତା ବହନ କରି ଭକ୍ତଙ୍କର ମନ ସ୍କାମନା ପୂରଣ କରୁଛି। ରାଜା ଚୈତନ୍ୟ ଦେଓ ଜନସାଧାରଣଙ୍କର ଧନ ଜୀବନ ରକ୍ଷା କରିବା ସହ ରାଜ ଧର୍ମ ବି ପାଳନ କରୁଥିଲେ। ଏଇଥି ପାଇଂତ ପଡୋଶୀ ରାଜ୍ୟରୁ ଲୋକେ ଆସି ନବରଙ୍ଗପୁର ରାଜ୍ୟର ବିଭିନ୍ନ ସ୍ଥାନରେ ଶାନ୍ତିରେ ବସତି ସ୍ଥାପନ କରି ରହୁଥିଲେ। ଦେଢ ଶହ ବର୍ଷ ବିତିଯାଇ ଥିଲେ ବି ଏମାନଙ୍କର ସାମାଜିକ ସମ୍ପର୍କ ପଡୋଶି ରାଜ୍ୟର ଲୋକ ମାନଙ୍କ ସହ ରହିଛି। ଏହା ରାଜା ଚୈତନ୍ୟ ଦେଓଙ୍କର ଶ୍ରେଷ୍ଠ ରାଜ ଧର୍ମର ପରିଚୟ ଦିଏ। ୧୮୭୬ ଖ୍ରୀଷ୍ଟାବ୍ଦରେ ରାଜା ଚୈତନ୍ୟ ଦେଓଙ୍କର ଦେହାନ୍ତ ପରେ ତାଙ୍କର ତିନି ବିଧବା ସ୍ତ୍ରୀ ସୁଲୋଚନା ପାଟ ମହାଦେଇ ,ପାପୟାମ୍ମା ,ଓଶ୍ରୀ କୃଷ୍ଣ ଦେଓ ଙ୍କ ବିଧବା ପତ୍ନି ଜାନକୀ ଦେବୀ ୧୮୯୬ ମସିହା ପର୍ଯ୍ୟନ୍ତ ଜମିଦାରୀ ମାଲିକାନା ଉପଭୋଗ କଲେ। ଏମାନଙ୍କ ଦାୟୀତ୍ୱରେ ମାଲିକାନା ରହିଲା।

ସମସ୍ତେ ଜାଣନ୍ତି ଯେ ରାଜା ଚୈତନ୍ୟ ଦେଓଙ୍କର କୌଣସି ପୁତ୍ର ସନ୍ତାନ ନ ଥିଲା ବୋଲି। କିନ୍ତୁ କିଛି ଐତିହାସିକଙ୍କ ମତରେ ତାଙ୍କର ଦୁଇଟି ଅବୈଧ ପୁତ୍ର ସନ୍ତାନ ଥିଲା। ସେଇ ପୁତ୍ର ବଧୁ ମାନେ ସୁଲୋଚନା ପାଟଦେଇଙ୍କ ଦେହାନ୍ତ ପରେ ନବରଙ୍ଗପୁର ରାଜ୍ୟ ପ୍ରାପ୍ତି ନିମନ୍ତେ କୋର୍ଟରେ ଆଶ୍ରୟ ନେଇଥିଲେ। କିନ୍ତୁ କିଛି ଲାଭ ହୋଇ ନ ଥିଲା। ନବରଙ୍ଗପୁର ରାଜ୍ୟ ଜୟପୁର ରାଜାଙ୍କ ଅଧିନକୁ ଚାଲିଯାଇଥିଲା।

ରାଜା ବିକ୍ରମ ଦେଓଙ୍କର ତିନି ପୁତ୍ର ଥିଲେ। ଯଥା : ରାମ ଚନ୍ଦ୍ର ଦେଓ, ଜଗନ୍ନାଥ ଦେଓ ଓ ନରସିଂହ ଦେଓ। ରାମ ଚନ୍ଦ୍ର ଦେଓ ଅପୁତ୍ରିକ ଥିଲେ। ଜଗନ୍ନାଥ ଦେଓଙ୍କର ପୁତ୍ର ଥିଲେ ଶ୍ରୀ କୃଷ୍ଣ ଦେଓ। ନରସିଂହ ଦେଓଙ୍କର ପୁତ୍ର ଚୈତନ୍ୟ ଦେଓ। ନବରଙ୍ଗପୁର ଓ ଗୁଡାରୀକୁ ନେଇ ନବରଙ୍ଗପୁର ରାଜ୍ୟ ଗଠିତ ହୋଇଥିଲା। ପ୍ରଥମଟି ନବରଙ୍ଗପୁର ତାଲୁକାରେ ଥିବା ବେଳେ ଅପରଟି ଗୁଡାରି ତାଲୁକାରେ ରହିଛି। ଦୁଇଟି ଯାକ ତାଲୁକା ବିଶାଖାପାଟଣାମ୍ ଜିଲ୍ଲା ଜୟପୁର ରାଜ୍ୟର ଅନ୍ତର୍ଭୁକ୍ତ ଥିଲା। ପ୍ରଥମ ଅଂଚଳ ନବରଙ୍ଗପୁରରେ ୧୪୫ ଗ୍ରାମ ରହିଥିବା ବେଳେ ଏହାର ରାଜସ୍ୱ ୧୧୮୨୪ ଟଙ୍କା ଥିଲା ବୋଲି କୁହାଯାଏ। ପରବର୍ତ୍ତୀ ତାଲୁକା ଥିଲା ଗୁଡାରୀ ଓ ସେହି ତାଲୁକା ରେ ୧୦୪ ଟି ଗ୍ରାମ ଥିଲା। ସେଥିରୁ ରାଜସ୍ୱ ଆଦାୟ ହେଉଥିଲା ୩୦୦୦ ଟଙ୍କା ବୋଲି କୁହାଯାଏ। ଏହି ରାଜ୍ୟ ପୃଥକ ଭାବେ ସ୍ଥାୟୀ ବନ୍ଦୋବସ୍ତ ହୋଇ ରହି ନ ଥିଲା। କିନ୍ତୁ ଗୋଟିଏ ଗ୍ରାଣ୍ଟ୍ ଦ୍ୱାରା ବନ୍ଦୋବସ୍ତ ପରେ ଗଠିତ ହୋଇଥିଲା ଓ ଜୟପୁର ରାଜାଙ୍କ ଜମିଦାରୀ ରୂପେ ସନନ୍ଦ ଇମିଲାକି ୟାଲମ୍ ଇସିମ୍ ଦ୍ୱାରା ଅଧିକୃତ ହୋଇଥିଲା। ଏପରି ଭାବେ ନବରଙ୍ଗପୁର ଓ ଗୁଡାରି ତାଲୁକ ପାଚୀନ ଜୟପୁର ଜମିଦାରିରେ ସ୍ଥାୟୀ ବନ୍ଦୋବସ୍ତ ହୋଇ ରହିଲା। ଜୟପୁର ମହାରାଜା ବଂଶାନୁକ୍ରମିକ ଭାବେ ଅଧିକାର ଭୋଗ କରିବାରେ ଲାଗିଲେ।

୧୮୨୦ ଖ୍ରୀଷ୍ଟାବ୍ଦରେ ଜୟପୁରର ରାଜା ଶ୍ରୀ ରାମଚନ୍ଦ୍ର ଦେଓ – ୨ୟ ନବରଙ୍ଗପୁର ରାଜ୍ୟକୁ ଗ୍ରାଣ୍ଟ୍ ସ୍ୱରୁପ ତାଙ୍କ ପୁତୁରା କୃଷ୍ଣ ଦେଓ ଓ ଭାଇ ନରସିଂହ ଦେଓଙ୍କୁ ତମ୍ବା ପଟାରେ ଲିଖିତ ଭାବେ ଜଣାଇଥିଲେ। କୃଷ୍ଣ ଦେଓ ଓ ନରସିଂହ ଦେଓଙ୍କ ଦେହାନ୍ତ ପରେ ନରସିଂହ ଦେଓଙ୍କ ପୁତ୍ର ଚୈତନ୍ୟ ଦେଓ ନବରଙ୍ଗପୁର ରାଜ୍ୟର ଭାର ଗ୍ରହଣ କଲେ। ସେ ରାଜ୍ୟ ବାସୀଙ୍କୁ ଉତ୍ତମ ଶାସନ ପ୍ରଦାନ କରିଥିଲେ। ସେ ଥିଲେ ଜଣେ ଜନହିତୈଷି ଓ ଦକ୍ଷ ପ୍ରଶାସକ। ସେ ଥିଲେ ସରଳ ହୃଦୟବାନ୍ ଓ ଦୟାଳୁ। ତାଙ୍କରି ମତରେ ଶାସନର ଲକ୍ଷ ହେଉଛି ପ୍ରଜା ମାନଙ୍କର ମଙ୍ଗଳ ସକାଶେ କାର୍ଯ୍ୟ କରିବା। ନବରଙ୍ଗପୁରର ପ୍ରତି ଗ୍ରାମରେ ସେ ଜଳାଶୟ, କୂପ, ତୋଟା ଆଦି ସ୍ଥାପନ କରିଥିଲେ। ଚୈତନ୍ୟ ଦେଓଙ୍କ ମୃତ୍ୟୁ ପରେ ତିନି ସ୍ତ୍ରୀ ୧୮୯୬ ପର୍ଯ୍ୟନ୍ତ ଭୋଗ କଲେ। ତାପରେ ଜୟପୁର ରାଜାଙ୍କ ହାତକୁ କ୍ଷମତା ଚାଲିଗଲା। ରାଜା ବିକ୍ରମ ଦେଓ ୨ୟ ନବରଙ୍ଗପୁର ରାଜ୍ୟକୁ ନିଜ ଅକ୍ତିଆରକୁ ନେଇଥିଲେ। ଚୈତନ୍ୟ ଦେଓଙ୍କ ଜୀବିତା ଦୁଇ ସ୍ତ୍ରୀ ପାପୟାମା ଓ ସୁଲୋଚନା ଆଇନର ଆଶ୍ରୟ ନେଲେ। ଗତି ମଧ୍ୟରେ ପାପୟାମାଙ୍କର ଦେହାନ୍ତ ହୋଇଯାଇଥିଲା। ଗଭର୍ଣ୍ଣରଙ୍କ ଏଜେଣ୍ଟ୍ ସୁଲୋଚନା ସପକ୍ଷରେ ରାୟ ଶୁଣାଇ ମାଲିକାନା ପ୍ରଦାନ କରିଥିଲେ। ଜୟପୁର ରାଜା ଏହା ବିରୋଧରେ ଉପର କୋର୍ଟକୁ ଯାଇଥିଲେ ବି ବିଫଳ ହୋଇଥିଲେ।



ଚୈତନ୍ୟ ଦେଓଙ୍କର ଭଣ୍ଡାର ଘରର ସୁରକ୍ଷା ନିମନ୍ତେ ସେ ଏକ ଦେବୀ ମନ୍ଦିର ପ୍ରତିଷ୍ଠା କରିଥିଲେ। ସେହି ମନ୍ଦିରର ନାମ ମା' ଭଣ୍ଡାର ଘରଣୀ। ବହୁତ ପ୍ରତ୍ୟେକ୍ଷ ମା' ଭଣ୍ଡାର ଘରଣୀ। ସେଇ ସମୟରେ ଯେତିକି ପୁରୁଣା ମନ୍ଦିର ସବୁ ତାଙ୍କରି ଦ୍ୱାରା ନିର୍ମିତ ହୋଇଥିଲା। କିଛିଦିନ ଅନ୍ତେ ସୁଲୋଚନା ପାଟଦେଇଙ୍କର ଦେହାନ୍ତ ହେଲା। ରାଣୀଙ୍କ ଦେହାନ୍ତ ପରେ ପାଞ୍ଚ ଜଣ ଦାବିଦାର ବାହାରିଲେ : ଜୟପୁର ରାଜା, ବିକ୍ରମ ଦେଓ (ବିଶାଖାପାଟଣାମ୍) ଚୈତନ୍ୟ ଦେଓଙ୍କ ଭାଇର ପୁଅ, ଚନ୍ଦ୍ର ଶେଖର ଦେଓ, ଗୋପିନାଥ ଦେଓ, ନାରାୟଣ ସିଂ ଲାଲଙ୍କ ପୁଅ, କୁମାର ସୂର୍ଯ୍ୟ ଭାନୁ ସିଂ ଲାଲ୍, ହୀରା ଦେବୀ ନିନି ଦେବୀଙ୍କ ପୁତ୍ର ଗୋବିନ୍ଦ ଚନ୍ଦ୍ର ଭଞ୍ଜ ସାମନ୍ତ। ନବରଙ୍ଗପୁର ରାଜା ଚୈତନ୍ୟ ଦେଓଙ୍କର ନିରଙ୍କୁଶ ସମ୍ପତ୍ତି ନ ଥିଲା। କିନ୍ତୁ ଗୋଟିଏ ଭରଣ ପୋଷଣ ଗ୍ରାଣ୍ଟ୍ ତାଙ୍କ ଦାବି ଅନୁସାରେ ନିରଙ୍କୁଶ ଅଟେ ବୋଲି ପ୍ରମାଣ କରିବାକୁ ତାଙ୍କ ଉପରେ ଛାଡି ଦିଆଗଲା। ତାଙ୍କ ଉତ୍ତରାଧିକାରୀ ଦାବା ଜୟପୁର ରାଜାଙ୍କ ସପକ୍ଷରେ ଯାଇଥିଲା।

ଶେଷରେ ଏହା ଜୟପୁରରେ ମିଶିଯାଇଥିଲା। ପୁରୁଣା ବଂଶର ଘର ଦ୍ୱାର ଧ୍ୱଂସାବଶେଷ ନବରଙ୍ଗପୁର ଓ ପାପଡାହାଣ୍ଡିରେ ରହିଛି। ରାଜ ନଅର ପ୍ରାଚୀର କିଛି ଭଗ୍ନାବଂଶେଷ ବର୍ତ୍ତମାନ ବି ମୁକ ସାକ୍ଷି ରୂପେ ଦଣ୍ଡାୟମାନ। ବର୍ତ୍ତମାନର ସବ୍‌ଡିଭିଜନ ଅଫିସ୍, ଏଲଆଇସି କଲୋନୀ, ଧର୍ମ ଶାଳା ତୋଟା, ଦୈନିକ ବଜାର ସ୍ଥଳରେ ଥିବା ଗାଦିଆ ଘର, ରାଣୀ ତୋଟା, ଦଶହରା ପଦା ତୋଟା ଆଦି ଚୈତନ୍ୟ ଦେଓଙ୍କର ସ୍ମୃତି ବହନ କରୁଛି। ରେଭିନ୍ୟୁ କଲୋନୀ, ଇଞ୍ଜିନିୟରି କ୍ୱାର୍ଟର୍‌ସ୍ ଏସବୁ ରାଜାଙ୍କର ଉଆସ ଅନ୍ତର୍ଭୁକ୍ତ ଥିଲା। ସ୍ଥାନୀୟ ଉଚ୍ଚ ବିଦ୍ୟାଳୟକୁ ରାଜା ଚୈତନ୍ୟ ଦେଓ ଉଚ୍ଚ ବିଦ୍ୟାଳୟ ଭାବରେ ୩୦-୬-୧୯୫୦ରେ ସରକାର ସ୍ୱୀକୃତି ପ୍ରଦାନ କରିଥିଲେ। ପୁରୁଣା ଭଣ୍ଡାର ଘରଣୀ ମନ୍ଦିର ଉପରେ ରାଜା ଚୈତନ୍ୟ ଦେଓଙ୍କର ପ୍ରତିମୂର୍ତ୍ତୀ ଥିଲା। ରାଜ ପ୍ରାସାଦର ଜରାଜୀର୍ଣ୍ଣ ଅବସ୍ଥାରେ ଥିବା କିଛି କୋଠାର ଭଗ୍ନାଂବଶେଷ ରାଜ ପ୍ରାସାଦର ମୁଖଶାଳା ସେଇ ସମୟର ସଙ୍କେତ ବହନ କରିଥାଏ।



*ନବରଙ୍ଗପୁର*

*ଦୂରଭାଷ : ୯୪୩୭୭୮୮୮୬୦*

# ଚା' ଖଟିରେ ଚର୍ଚ୍ଚା



**ସିତାଂଶୁ ଶେଖର ମିଶ୍ର**

ଆଜି ରବିବାର ଯୋଗୁଁ ମନ ଟିକିଏ ଅଲଗା ଅଲଗା ଲାଗୁଥାଏ ।ତରତର ହୋଇ ସମସ୍ତ କାର୍ଯ୍ୟ ସାରିବାକୁ ହେବ। ଚା ଖଟିର ମଜା ନେବାର ଅଛି ।ଆମର ଖଟି ସମୟ ଦିନ ୧୧ ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ। ଟିକିଏ ଯାହାର ଡେରି ହୋଇଥାଏ ଦାସ ବାବୁ ତା ଉପରେ ବଡ଼ ବଡ଼ ଆଖି କରି ଦେଖି ବହୁ କଟୁ ଭାଷା ବର୍ଷିଥାନ୍ତି ।ସେଥିପାଇଁ ପ୍ରାୟ ଠିକ୍ ସମୟରେ ପହଞ୍ଚି ଯାଇଥାଉ। ସମସ୍ତେ ପହଂଚିଲା ପରେ ଚା ବରାଦ ହୁଏ ।ତାପରେ ଚାଲେ ନିଜ ନିଜ ପରିବାର କଥାରୁ ଆରମ୍ଭ କରି ଦେଶ ବିଦେଶ କଥା ପର୍ଯ୍ୟନ୍ତ। ବହୁତ ମଜା ଲାଗେ। ବେଳେ ବେଳେ ଏମିତି କିଛି ବିଷୟ ଆଲୋଚନାକୁ ଆସେ ଯାହାକି କିଛି ସମୟ ପାଇଁ ନିରବତା ଛାଇଯାଏ। ଏହିଭଳିଆ ନିରବତା ଛାଇଦେଖିବା ଦେଖି ଆମ ଭିତରେ ପଣ୍ଡା ବାବୁ ତାଙ୍କର ଚିରାଚରିତ ଢଙ୍ଗରେ ଆରମ୍ଭ କରିଦେଇଥାନ୍ତି କୋଉ ପୁରୁଣା ଦିନର ମଜାଳିଆ ସ୍ମୃତି। ସ୍ୱାଭାବିକ ହୋଇଉଠିଥାଏ ଖଟି। ଏହି ସମୟ ଭିତରେ କେତେବେଳେ ଯେ ଚା ,ାଲା ଚା ଦେଇଯାଇଅଛି ଆଉ କାହାର ମନେ ପଡ଼େ ନାହିଁ। ପୁଣିଥରେ ଚଟାପଟ ବରାଦ ରହେ ଚା ଦେବା ପାଇଁ।

ଏତିକିବେଳେ ମୁଁ ପଚାରିଲି ଆଜି କଣ କେହି ଡେରିରେ ଆସି ନଥିଲେ କାଇଁ ଆଜି ଦାସବାବୁଙ୍କ ରୂପତ କାହିଁ ଆଜି ସ୍ୱାଭାବିକ ରହିଥିଲା। ଆରେ କଣ କହିବେ ଆଜି ପରା ଦାସ ବାବୁ ନିଜେ ଡେରିରେ। ଦାସ ବାବୁ କହିଲେ କଣ କରାଯିବ ଯେତେ କହିଲେ ପୁଅ ମାନିଲା ନାହିଁ କଣ ଯାଇ ବିଦେଶରେ ଚାକିରୀ କରିବ। ବିଦେଶରେ ରହିଥିଲା ।କାଲି ଆସିବାର ଥିଲା ସନ୍ଧ୍ୟା ୬ଟା ସୁଦ୍ଧା ପହଞ୍ଚି ଯିବାକଥା। ହେଲେ ତମେ ମାନେ ତ ଜାଣିଛ ଆମେ କୋଉ ଅଞ୍ଚଳରେ ଓ କୋଉ ରାଜ୍ୟରେ ରହିଛେ ।ଆମ ସହରକୁ ଆଜି ପର୍ଯ୍ୟନ୍ତ ରେଲ ଯୋଗାଯୋଗ ହୋଇପାରିଲା ନାହିଁ ଉଡାଣ ଯୋଜନା ତ ସ୍ୱପ୍ନ ଅଟେ। ସନ୍ଧ୍ୟା ୬ଟା ସୁଦ୍ଧା ପହଁଚିବା କଥା ପହଂଚିଲା ତା ପର ଦିନ ଭୋର ସକାଳ୬ ଟାରେ। କଣପ୍ଲେନ ସମୟରେ ବିଳମ୍ବ ।କଣ ବାତିଲ ହେବାକୁ ବସିଥିଲା ପୁଣି ଛଅ ସାତ ଘଣ୍ଟା ବିଳମ୍ବରେ ଯାତ୍ରା ଆରମ୍ଭ କଲା।

ଆମ ପାଖ ଅଞ୍ଚଳ ଝାରସୁଗୁଡା। ଏହି ବିମାନପଥ ବିଷୟରେ ନ କହିବା ଭଲ କହି ତାଙ୍କର ବିଳମ୍ବର କାରଣ ବଖାଣିଥିଲେ। ଏହା ସତକଥା କହି ସମସ୍ତେ ଏକସ୍ୱରରେ ନିଜକୁ ନିଜେ ସମସ୍ତେ ଲଜ୍ଜିତବୋଧକରି ମୁଣ୍ଡକୁ ଆପେ ଆପେ ତଳକୁ କରିଦେଇଥିଲେ। ଆମେ ଯେମିତି ଆମର ନେତାମାନେ ସେମିତି ନ ହେଲେ ଆଜି ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଆମ ସହରକୁ ରେଲ ଯୋଗାଯୋଗ ହୋଇପାରିନଥାନ୍ତା।

ଜଣେ ବନ୍ଧୁ କହିଲେ କଣ କରାଯିବ ଏଠାରେ ଚାକିରୀ ନାହିଁ ବୋଲି ଦେଶ ବିଦେଶ ଘୁରିବୁଲିଲେ ।ପାଠ ପଢିବା ବେଳେ ଭଲ ବିଦ୍ୟାଳୟ ନାହିଁ ବୋଲି ବାହାରକୁ ପଢିବାକୁ ଗଲେ। ଭାଇ ସେତିକିନୁହେଁ ଦେହ ଟିକେ ବଥା ହେଲେ ଚିକିତ୍ସା ଏଠାରେ ନାହିଁ ବାହାରକୁ ଯିବା। ସତେ ଆମ ଏଠାରେ କିଛି କରୁନାହାନ୍ତି। ସବୁ କାର୍ଯ୍ୟ ସକାଶେ ବାହାର ଜିଲ୍ଲା ରାଜ୍ୟ ଉପରେ ନିର୍ଭର କରିବାକୁ ହେଉଛି। ଖାଲି ସେତିକି ନୁହଁ ଯୋଉ ମନ୍ଦିରକୁ ନେଇ ଆମ ସହରର ପରିଚୟ ଓ ଗର୍ବ ଅନୁଭବ କରିଥାଉ ତାହା ମଧ୍ୟ ଆଜି ହଜିହଜି ଯିବାକୁ ଓ ଧ୍ୱଂସ ହେବାକୁ ବସିଲାଣି। ଇତିହାସ ପୃଷ୍ଠାରେ ଆଉ କିଛିଦିନ ପରେ ସ୍ଥାନିତ ହେବାର ଦେଖିବାକୁ ମିଳିପାରେ। ପୁରୁଣା କୀର୍ତ୍ତିରାଜି ସବୁ ଆଜି ଧ୍ୱଂସ ହୋଇଗଲାଣି ।ଏବେ ଏହିଭଳିଆ ସ୍ଥିତି ସବୁ କିଛି ମନ୍ଦିରକୁ ନେଇ ମଧ୍ୟ ଦେଖାଗଲାଣି।

ଏବେ ଶ୍ରାବଣ ମାସ ଚାଲିଛି ସୋମବାର ଦିନ କାଉଡ଼ିଆଙ୍କର ଶିବାଳୟରେ କରିବେ ଜଳଲାଗି।

ସେଥିପାଇଁ ସେମାନଙ୍କର ରବିବାର ଦିନ ଠାରୁ ଆସିବାର ଦେଖିବାକୁ ମିଳିଥାଏ। ପୁଣି ଆମ ସହର ଛୋଟ ସହର କିନ୍ତୁ ଏଠାରେ ବିରାଜମାନ କରିରହିଛନ୍ତି ଅଷ୍ଟଶମ୍ଭୁ ।ପୁଣି ସହରଟି ଖ୍ୟାତି ଲାଭ କରିଛି ତ୍ରିବେଣୀ ସଙ୍ଗମ୍ ଓ ଦ୍ୱିତୀୟ ବାରଣାସୀ ଭାବରେ। ସେଥିପାଇଁ କାଉଡ଼ିଆଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ। ସେଥିପାଇଁ ଆଜି ଶ୍ରାବଣ ମାସର ଦ୍ୱିତୀୟ ରବିବାର କାଲି ସୋମବାର ରହିଥିବାରୁ କାଉଡ଼ିଆଙ୍କର ଆଗମନର ସୂଚନା ପ୍ରଦାନ କରୁଥାଏ।

ଏହାକୁ ଦେଖି ଆଉ ଜଣେ ବନ୍ଧୁ ମନ ଦୁଃଖରେ କହିଲେ କଣ କହିବା ଆମେ ଖାଲି ମନକୁ ମନ ପ୍ୱିତ୍ରଦେବଭୂମି ଓ ଏହା ଅଷ୍ଟ ଶମ୍ଭୁ ପୀଠ ବୋଲି କହିଥାଉ। ଜାଣିଛି ଏହି ପବିତ୍ର ଶ୍ରାବଣ ମାସରେ ମଧ୍ୟ ବାବା ରୁଦ୍ରନାଥଙ୍କ ଦର୍ଶନ ଶ୍ରଦ୍ଧାଳୁ ମାନେ ପାଇପାରୁନାହାନ୍ତି। ବାବା ରୁଦ୍ରନାଥଙ୍କୁ ଦର୍ଶନ କରିବା ପାଇଁ ରାସ୍ତା ନାହିଁ। ଯାହାକି ଆଶ୍ଚର୍ଯ୍ୟ ଜନକଅଟେ। ଏହିଭଳିଆ ବୋଧହୁଏ ଆମ ରାଜ୍ୟ କାହିଁକି ଦେଶ ବିଦେଶରେ କାହିଁ ମଧ୍ୟ ଏହିଭଳିଆ ଘଟଣା ଦେଖିବାକୁ ମିଳିବ ନାହିଁ। ସତେ ଧନ୍ୟ ଆମ ରାଜନେତା ଧନ୍ୟ ଆମ ପ୍ରଶାସନ ଓ ଧନ୍ୟ ଆମେ ବୁଦ୍ଧିଜୀବୀ।



*ସୋନପୁର*

*ଦୂରଭାଷ : ୮୧୪୪୮୭୦୭୨୯*

# ଶାଗୁଣା

**ମୂଳହିନ୍ଦୀ– ରୁବି ଭୂଷଣ**

**ଅନୁସୃଜନ– ବିନୟ କୁମାର ଦାସ**



ହଁ...ସେ ଏବେ ଶବ।

ସେ ସବୁ ଦେଖି ପାରୁଛି...ଅନୁଭବ କରି ପାରୁଛି...ଶୁଣି ପାରୁଛି ଅନ୍ୟମାନଙ୍କ କଥା।

ତାକୁ କାନ୍ଧରୁ ଓହ୍ଲାଇ ସେମାନେ ଭୂଇଁ ରେ ରଖିଦେଲେ।

' ତୁ ଟିକେ ଏଇଠି ବାପାଙ୍କ ଶବ ପାଖରେ ଥା...ମୁଁ ରସିଦ କାଟି ସାରି ଚାଲି ଆସୁଛି ସାଂଗେସାଂଗେ। ଯେତେ ଡେରି ହବ, ସେତେ ଝାମେଲା ଏଠି। ଏବେ ତ ଅପରାହ୍ନ ଚାରିଟା ହେଲାଣି। ଶବ ପରେ ଶବ ଆସୁଛି...କମିବାର ନାମ ଗନ୍ଧ ନାହିଁ। କରୋନା ତ କାହାକୁ ଛାଡୁ ନାହିଁ।' ଏତକ କହିଦେଇ ତା ବନ୍ଧୁ ଚାଲିଗଲା ରସିଦ କାଟିବା ପାଇଁ ।

ବାପାଙ୍କ ଶବକୁ ମନ ଭରି ଦେଖୁଥିଲା ବିବେକ୍। ଖରା ବର୍ଷା ଶୀତ କାକର କୁ ଖାତିର ନ କରି ଏଇ ତା ଜନ୍ମଦାତା ଦିନ ରାତିକୁ ଏକ କରି ସଦା ସତ୍ ପଥରେ ଚାଲି ତାକୁ ମଣିଷ କରିଥିଲେ....ଆଜି ନିଃସହାୟ ନିର୍ଜୀବ ଶବଟିଏ ...ଚିର ନିଦ୍ରାରେ ଶାୟିତ। କାନ୍ଦିବା ପାଇଁ ତା ଆଖିରେ ଆଉ ଲୁହ ନଥିଲା। ସବୁ ଲୁହ ତ ସେହିଦିନ ହିଁ ସରିଯାଇଥିଲା...ଯେଉଁଦିନ ସେ ତାକୁ ପଚାଶ ହଜାର ଟଙ୍କା ଦେବାକୁ ମନା କରିଦେଇଥିଲେ ଆଉ ସେଇଥିପାଇଁ ସେ ଚପରାଶି ଟିଏ ବି ହୋଇ ପାରିଲା ନାହିଁ। ପିଲାଟି ବେଳରୁ ସେ ଏଇ ବାପାଙ୍କୁ ଦେଖି ଆସୁଛି...ସେ କୌଣସି କାମ ପାଇଁ କାହାରିକୁ ପଇସାଟିଏ ରିସପତ୍ ଦେଇନାହାନ୍ତି...ବିନା ରିସପତ୍ ରେ ଅନେକ ଦରକାରୀ କାମ ବି ହୋଇପାରି ନାହିଁ। ସେଇଥିପାଇଁ ତ ରାସନ କାର୍ଡ ହୋଇପାରିଲା ନାହିଁ। ଦୁନିଆର ସବୁଠାରୁ ମାରାତ୍ମକ ରୋଗ ହେଉଛି ରିସପତ୍...ଏଇ ନାରା ସେ ଆଜୀବନ ଶୁଣାଇ ଆସି ଆଜି ଆଖି ବୁଜିଦେଇଛନ୍ତି।

'ବିବେକ୍ ଦୁଇ ହଜାର ଟଙ୍କା ଦେଲୁ...ବିଦ୍ୟୁତ ଶବଦାହ ଗୃହବାଲାକୁ ଦେବାକୁ ହେବ...ନହିଲେ ସେମିତି ଅପେକ୍ଷା କରି ରହିଲେ କେବେ ଯେ ଆମ ପାଳି ପଡିବ ; ତାର କିଛି ଠିକ



ଠିକଣା ନାହିଁ। ଟଙ୍କା ପାଇଗଲେ ସେମାନେ ଶୀଘ୍ର କାମ ସାରିଦେବେ।'

'ନା ପୁଅ ନା....ରିସପତ୍ ଦେ ନା। ନିୟମ ଅନୁସାରେ ସେମାନେ ଯେତେବେଳେ କରିବେ କରନ୍ତୁ। ଜୀବନ ସାରା ମୁଁ ଯାହା କରିନାହିଁ ...ସେ କାମ ମୋର ଏ ଅନ୍ତିମ ସମୟରେ କରିବାକୁ ମୁଁ କଦାପି ଦେବି ନାହିଁ ତୋତେ...।' ହେଲେ ତାଙ୍କ କଥା କିଏ ଶୁଣି ପାରିବ? ସେ ତ ନିର୍ଜୀବ....ଶବଟିଏ ମାତ୍ର। ସେ କିନ୍ତୁ ଦେଖି ପାରୁଥିଲେ ବିବେକ ନିଜ ପକେଟରୁ ଦୁଇ ହଜାର ଟଙ୍କା କାଢି ତା ସାଂଗ ହାତକୁ ବଢାଇ ଦେଲା।। ବିବେକ ଅନାଇଲା ତା ବାପାଙ୍କୁ.....ତାକୁ ଜଣାଗଲା ସତେ ଯେମିତି ତାଙ୍କ ଆଖିରୁ ଦୁଇଟୋପା ଲୁହ ଗଡି ପଡୁଚି। ଆଉ ତାକୁ ବିକଳ ହୋଇ କହୁଛନ୍ତି...ବଞ୍ଚିଥିବା ବେଳେ ମୁଁ କାହାରିକୁ ରିସପତ୍ ଦେଇ ନାହିଁ....ଆଜି ମୋ ମୃତ ଶରୀରକୁ ସେଇ ରିସପତ୍‌ର ଶାଗୁଣା ମାନେଖୁମ୍ପି ଖୁମ୍ପି ଖାଇବେରେ।

*ଅଙ୍ଗାରଗଡିଆ, ବାଲେଶ୍ୱର*

*ଦୂରଭାଷ : ୭୯୭୮୮୬୦୩୬୩*

# ମେକ-ଇନ୍-ଓଡ଼ିଶା ସମ୍ମିଳନୀ ପାଇଁ ଇପିକଲ-ଫିକି ବୁଝାମଣା




**ଭୁବନେଶ୍ୱର :** ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ମେକ୍ ଓଡ଼ିଶା କନକ୍ଲେଭ୍ ୨୦୨୨ ପାଇଁ ଫେଡେରେସନ୍ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି (ଫିକି) ଓ ଓଡ଼ିଶା ଶିଳ୍ପ ପ୍ରସାର ଓ ନିବେଶ ନିଗମ (ଇପିକଲ୍) ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଫିକିର ଡିଜି ଅରୁଣ ଚାୱଲା ଓ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମାଙ୍କ ଉପସ୍ଥିତିରେ ଇପିକଲ୍ର ଏମ୍‌ଡି ଭୁପିନ୍ଦର ସିଂହ ପୁନିଆ ଓ ଫିକିର ଆସିଷ୍ଟାଣ୍ଟ୍ ସେକ୍ରେଟାରି ଜେନେରାଲ୍ ଓ ହେଡ୍ ଅଫ୍ ଷ୍ଟେଟ୍ ମୌସୁମୀ ଘୋଷ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଫିକିକୁ ଜାତୀୟ ଶିଳ୍ପ ସହଯୋଗୀ ଭାବେ ଗ୍ରହଣ କରାଯାଇଛି। ଏହି ଅବସରରେ ଶିଳ୍ପ ମନ୍ତ୍ରୀ ଶ୍ରୀ ଦେବ କହିଛନ୍ତି ଯେ ମେକ୍ ଇନ୍ ଓଡ଼ିଶାର ପ୍ରଥମ ସଂସ୍କରଣ (୨୦୧୬)ରେ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ଓ ଦ୍ୱିତୀୟ ସଂସ୍କରଣ(୨୦୧୮)ରେ ୪ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିଥିଲା। ସେଥି ମଧ୍ୟରୁ ୫୩% ପ୍ରସ୍ତାବ କାର୍ଯ୍ୟକାରୀ ହୋଇଛି। ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରିତାର ବିଭିନ୍ନ ପର୍ଯ୍ୟାୟରେ ରହିଛି। ଚଳିତ ବର୍ଷ ଆୟୋଜିତ ହେବାକୁ ଥିବା କନ୍‌କ୍ଲେଭ୍‌ର ତୃତୀୟ ସଂସ୍କରଣରେ ସରକାର ଅଧିକ ନିବେଶ ପ୍ରସ୍ତାବ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥରର କନ୍‌କ୍ଲେଭ୍ ଓଡ଼ିଶାକୁ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଫିକିର ଡାଇରେକ୍ଟର ଜେନେରାଲ୍ ଶ୍ରୀ ଚାୱଲା ଓଡ଼ିଶାର ନିବେଶ ବାତାବରଣ ଓ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ରହିଥିବା ସମ୍ଭାବନା ବିଷୟରେ ଆଲୋଚନା କରିଥିଲେ।

# ପକ୍କାଘରରୁ ବଞ୍ଚିତ ୧୨.୨୪ଲକ୍ଷ ଲୋକ

**ଭୁବନେଶ୍ୱର :** ରାଜ୍ୟରେ ଏବେବି ୧୨ଲକ୍ଷ ୨୪ହଜାର ୭୨୫ଟି ପରିବାର କଚ୍ଚା ଘରେ ରହୁଛନ୍ତି। ଗତ ୨୦୨୧ ମସିହାରେ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ହୋଇଥିବା ସର୍ଭେରୁ ଏହା ଜଣାପଡ଼ିଛି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ କହିଛନ୍ତି। ତେବେ ରାଜ୍ୟରେ ଭୂମିହୀନ ପରିବାରକୁ ଘର ଆବଣ୍ଟନକୁ ନେଇ ସରକାରଙ୍କ ଆନ୍ତରିକତା ପଦାରେ ପଡ଼ିଛି ତଥା ଭୂମିହୀନ ପରିବାରର ଯେଉଁ ତାଲିକା ସରକାର ଦେଇଛନ୍ତି ତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ର ୱେଟିଂ ଲିଷ୍ଟରେ ଅଦ୍ୟାବଧି ୨୧୨୩୯ଜଣ ଭୂମିହୀନ ପରିବାର ନିଜର ଘର ଖଣ୍ଡେ ପାଇବାକୁ ଅପେକ୍ଷା କରି ରହିଥିବାବେଳେ ମାତ୍ର ୪୬୩୧ଟି ଭୂମିହୀନ ପରିବାରକୁ ଗ୍ରାମାଞ୍ଚଳ ଗୃହ ନିର୍ମାଣ ଯୋଜନାରେ ଘର ଆବଣ୍ଟିତ ହୋଇଛି। ତେବେ ପୁରୀ, କନ୍ଧମାଳ, ଗଜପତି, ସୁନ୍ଦରଗଡ଼, ମାଲକାନଗିରି ଓ କୋରାପୁଟରେ ଜଣେ ବି ଭୂମିହୀନ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ହିତାଧିକାରୀ ତାଲିକାରେ ସାମିଲ କରାଯାଇନି। ଏପରିକି ଜଗତସିଂହପୁର ଜିଲ୍ଲାରୁ ମାତ୍ର ଜଣେ ହିତାଧିକାରୀ ଏହି ପ୍ରଧାନମନ୍ତ୍ରୀ ଆବାସ(ଗ୍ରାମୀଣ) ୱେଟିଂ ଲିଷ୍ଟରେ ରହିଛନ୍ତି। ଯାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ରାଜ୍ୟରେ ମୋଟ ୨୧୨୩୯ଟି ଭୂମିହୀନ ପରିବାର ମୁଣ୍ଡରେ ଘରଟିଏ ନଥିବାବେଳେ ସେମାନେ ପ୍ରଧାନମନ୍ତ୍ରୀ ଆବାସ(ଗ୍ରାମୀଣ)ର ୱେଟିଂ ଲିଷ୍ଟରେ ପକ୍କାଘର ପାଇଁ ଅପେକ୍ଷା କରିଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ରାଜ୍ୟର ୭ଟି ଜିଲ୍ଲାରେ ହଜାର ହଜାର ସଂଖ୍ୟକ ଭୂମିହୀନ ପରିବାର ଥିବା ସତ୍ତ୍ୱେ ସେମାନଙ୍କୁ କାହିଁକି ଏହି ୱେଟିଂ ଲିଷ୍ଟରେ ସାମିଲ କରାଗଲାନି ତାକୁ ନେଇ ପ୍ରଶ୍ନ ଉଠିଛି। କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଆସିବା ପରଠୁ ୨୦୧୫-୧୬ ଆର୍ଥିକ ବର୍ଷରୁ ଗ୍ରାମାଂଚଳ ଗୃହ ନିର୍ମାଣ ଯୋଜନାକୁ ବ୍ୟାପକ କରାଯାଉଥିବାବେଳେ ଭୂମିହୀନ ପରିବାରକୁ ଆବଶ୍ୟକ ଜମି ଦେଇ ଘରଟିଏ ଯୋଗାଇବାରେ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରିଥିବା ପ୍ରମାଣିତ ହୋଇଛି। ଯେଉଁଥି ପାଇଁ ମାତ୍ର



୪୬୩୧ଟି ଭୂମିହୀନ ପରିବାରକୁ ଘର ଆବଣ୍ଟିତ ହୋଇପାରିଛି। ଯଦିଓ ଏହି ଅବଧି ମଧ୍ୟରେ କେନ୍ଦ୍ର ସରକାର ୨୦୨୨ ଜୁଲାଇ ୨୧ତାରିଖ ସୁଦ୍ଧା ପ୍ରଧାନମନ୍ତ୍ରୀ ଆବାସ(ଗ୍ରାମୀଣ) ଓ ଇନ୍ଦିରା ଆବାସ ଯୋଜନାରେ ମୋଟ ୨୭ଲକ୍ଷ ୬୧ହଜାର ୪୩୪ଜଣ ହିତାଧିକାରୀଙ୍କୁ ଘର ଯୋଗାଇ ଦେଇଛନ୍ତି। ସେହିପରି ୨୦୧୪-୧୫ରୁ ୨୦୨୨ ଜୁଲାଇ ମଧ୍ୟରେ ରାଜ୍ୟ ସରକାର ନିଜସ୍ୱ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ମାତ୍ର ୩ଲକ୍ଷ ୬୭ହଜର ୯୩୦ଟି ଘର ଯୋଗାଇ ଥିବା ମନ୍ତ୍ରୀ ଶ୍ରୀ ଅମାତ୍ ସୂଚନା ଦେଇଛନ୍ତି। ତେବେ ଉଦବେଗର କଥା ହେଲା ରାଜ୍ୟରେ ଏତେ ପରିମାଣରେ ଭୂମିହୀନ ରହିଥିଲେ ମଧ୍ୟ ସେମାନଙ୍କୁ ସରକାରୀ ଜମି ଆବଂଟିତ କରିବାରେ ସରକାର ବିଫଳ ରହିଛନ୍ତି। ଏପରିକି ସେମାନଙ୍କୁ ଗ୍ରାମୀଣ ଆବାସ ଯୋଜନାରେ ସାମିଲ କରିବାକୁ ମଧ୍ୟ ଆନ୍ତରିକତା ଦେଖାଇ ନାହାନ୍ତି। ଯଦିଓ ଏସଇସିସି ସର୍ଭେ ଅନୁସାରେ ରାଜ୍ୟର ଗ୍ରାମାଞ୍ଚଳରେ ୪୪ଲକ୍ଷ ୧୨ହଜାର ୮୭୩ଟି ପରିବାର ପାଖରେ ଦୁଇ ଅବା ଦୁଇରୁ କମ୍ କୋଠରୀ ବିଶିଷ୍ଟ ଘର ରହିଛି। କେବଳ ସେତିକି ନୁହେଁ ରାଜ୍ୟ ସରକାର ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ମୋଟ ୨୩ଲକ୍ଷ ୮୨ହଜାର ୮୮୪ଜଣ ହିତାଧିକାରୀଙ୍କୁ ୭୧୪କୋଟି ୮୬ଲକ୍ଷ ୫୨ହଜାର ଟଙ୍କାର ଗୃହ ମରାମତି ସହାୟତା ରାଶି ପ୍ରଦାନ କରାଯାଇଛି। ୨୦୨୧-୨୨ରେ ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ) ଓ ବିଜୁ ପକ୍କାଘର ଯୋଜନାରେ ୫୫୬୪ କୋଟି ଟଙ୍କାର ବ୍ୟୟ ଅଟକଳ ମଞ୍ଜୁର କରାଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ବିଜୁ ପକ୍କାଘର ଯୋଜନାରେ ୪୦୦କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ସେଥିରୁ ଗୃହ ମରାମତି ଖର୍ଚ୍ଚ ବହନ କରାଯିବ।

## ମଙ୍କିପକ୍ସ ମୁକାବିଲା ପାଇଁ ଏସସିବି ପ୍ରସ୍ତୁତ

# ସବୁ ରୋଗୀଙ୍କ ଉପରେ ରହିବ ନଜର

**କଟକ :** ମଙ୍କିପକ୍ସ ଏବେ ବିଶ୍ୱବ୍ୟାପୀ ସ୍ୱାସ୍ଥ୍ୟ ସଙ୍କଟରେ ପରିଣତ ହେଲାଣି। ସମଗ୍ର ବିଶ୍ୱରେ ୧୬ ହଜାର ମଙ୍କିପକ୍ସ ମାମଲା ଚିହ୍ନଟ ହୋଇଥିବା ବେଳେ ସମଗ୍ର ଦେଶରେ ଏଯାବତ ୪ଟି ମାମଲା ଚିହ୍ନଟ ହୋଇଛି। କେନ୍ଦ୍ର ସରକାର ଏହାକୁ ନିୟନ୍ତ୍ରଣକୁ ଆଣିବାକୁ ଗାଇଡଲାଇନ୍ ଜାରି କରିଥିବା ବେଳେ ରାଜ୍ୟ ସରକାର ବି ମୁକାବିଲା ପାଇଁ ଅଣ୍ଟା ଭିଡ଼ିଲେଣି। ଏଥିନିମନ୍ତେ ଏସସିବି ମେଡିକାଲକୁ ମଙ୍କିପକ୍ସର ନୋଡାଲ ସେଣ୍ଟର କରାଯାଇଛି। ଏସସିବି ମେଡିକାଲ ତରଫରୁ ମେଡିସିନ, ପେଡିଆଟ୍ରିକ,ମାଇକ୍ରୋ ବାୟୋଲୋଜି,ଗାଇନିକ ଓ ସ୍କିନ୍ ବିଭାଗର ଡାକ୍ତରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଆଉଟଡୋର ଓ ଇନଡୋରକୁ ଆସୁଥିବା ସମସ୍ତ ରୋଗୀଙ୍କ ଉପରେ ନଜର ରଖିବା ପାଇଁ ସବୁ ବିଭାଗକୁ ସଜାଗ କରି ଦିଆଯାଇଛି। କୌଣସି ବ୍ୟକ୍ତିଙ୍କଠାରେ ଯଦି ଏହି ରୋଗର କିଛି ଲକ୍ଷଣ ଦେଖାଯାଏ ତେବେ ତୁରନ୍ତ ଟିମ୍‌କୁ ଅବଗତ




କରିବାକୁ କୁହାଯାଇଛି। ସେହିପରି ସ୍ୱତନ୍ତ୍ର ଆଇସୋଲେସନ ୱାର୍ଡରେ ଦୁଇଟି ଏବଂ ଆଇସିୟୁ ବେଡ୍ ୪ଟି ପ୍ରସ୍ତୁତ କରି ରଖାଯାଇଛି। ଯଦି କୌଣସି ରୋଗୀ ଆସନ୍ତି ତେବେ ଏସସିବି ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି କହିଛନ୍ତି ମଙ୍କିପକ୍ସର ନୋଡାଲ ଅଧିକାରୀ ଡ଼ାକ୍ତର ଜୟନ୍ତ ପଣ୍ଡା। ଏନେଇ ସେ କହିଛନ୍ତି, ଏବେ ବିଭିନ୍ନ ଦେଶକୁ ଯାତାୟତ ଖୋଲା ଅଛି। ଆଫ୍ରିକା, ଆମେରିକାରୁ ଓଡ଼ିଶା ଆସୁଥିବା ଲୋକେ ଭୁତାଣୁବାହକ ହେବା ଅସମ୍ଭବ ନୁହେଁ। କେରଳରେ ୩ ଓ ଦିଲ୍ଲୀରେ ଜଣେ ରୋଗୀ ଚିହ୍ନଟ ହୋଇ ସାରିଛନ୍ତି। ଦିଲ୍ଲୀ ରୋଗୀଙ୍କର କୌଣସି ବିଦେଶ ଭ୍ରମଣ ରେକର୍ଡ ନ ଥିବାରୁ ଉକ୍ତ ରୋଗୀଙ୍କୁ ସ୍ଥାନୀୟ ସଂକ୍ରମଣ ବୋଲି ଧରା ଯାଉଛି। ଏହାକୁ ଆଖି ଆଗରେ ରଖି ଏବେଠୁ ପ୍ରସ୍ତୁତି ଆରମ୍ଭ କରିଛୁ। ସୂଚନାଯୋଗ୍ୟ, ଦେଶରେ ମଙ୍କିପକ୍ସର ମାମଲା ଧୀରେ ଧୀରେ ମୁଣ୍ଡ ଟେକୁଥିବା ବେଳେ କେନ୍ଦ୍ର ସରକାର ଏହାର ନିୟନ୍ତ୍ରଣ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ମଙ୍କିପକ୍ସ ରୋଗୀ ଏବଂ ସେମାନଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି ସେମାନଙ୍କ ପାଇଁ ନିର୍ଦ୍ଦେଶାବଳି ଜାରି ହୋଇଛି। ସମ୍ପୂର୍ଣ୍ଣ ସୁସ୍ଥ ହେବା ସହ ସମସ୍ତ ଘା ଶୁଖିବା ପର୍ଯ୍ୟନ୍ତ ସଂକ୍ରମିତ ରୋଗୀ ସଙ୍ଗରୋଧରେ ରହିବେ ରୋଗୀ। ତିନି ଥାକିଆ ମାସ୍କ ପିନ୍ଧିବେ। ଶରୀରରେ ହୋଇଥିବା ଘା ଓ ବଥ ଗୁଡିକୁ ଯଥା ସମ୍ଭବ ଘୋଡାଇ ରଖିବା ଉଚିତ। ସଂକ୍ରମିତ ମଙ୍କିପକ୍ସ ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ୨୧ ଦିନ ଆଇସୋଲେସନରେ ରହିବେ ବୋଲି ନିର୍ଦ୍ଦେଶାବଳୀ ଜାରି ହୋଇଛି।

# କାରଖାନାରେ ଦୁର୍ଘଟଣା; ସାଢ଼େ ୩ ବର୍ଷରେ ୧୫୧ ଶ୍ରମିକଙ୍କ ମୃତ୍ୟୁ

**ଭୁବନେଶ୍ୱର :** ରାଜ୍ୟରେ ଅସୁରକ୍ଷିତ ପରିବେଶରେ କାର୍ଯ୍ୟ କରି ଶ୍ରମିକମାନେ ପୋକମାଛି ପରି ପ୍ରାଣ ହରାଉଛନ୍ତି। ଆଉ କମ୍ପାନୀ ବା କାରଖାନାଗୁଡ଼ିକର ପ୍ରଭାବରେଏସବୁ ଖବର ଲୋକଲୋଚନ ଆଢୁଆଳରେ ରହିଯାଉଛି। ରାଜ୍ୟ ସରକାରଙ୍କ ଦ୍ୱାରା ଉପଯୁକ୍ତ ତଦାରଖ ଅଭାବ ତଥା କାରଖାନା କର୍ତ୍ତୃପକ୍ଷଙ୍କ ମନମୁଖୀ କାରବାର ଯୋଗୁ ନିରୀହ ଶ୍ରମିକଙ୍କୁ ଜୀବନ ହରାଇବାକୁ ପଡ଼ିଛି। ଗତ ସାଢ଼େ ୩ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ କାରଖାନାରେ ଦୁର୍ଘଟଣା ଘଟି ମୋଟ ୧୫୧ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୪୯ଜଣ ଆହତ ହୋଇଛନ୍ତି। ରାଜ୍ୟ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଦର୍ଶାଇଛନ୍ତି ଯେ, ରାଜ୍ୟର ବିଭିନ୍ନ କାରଖାନାରେ ଦୁର୍ଘଟଣା ଘଟି ୨୦୧୯ ମସିହାରେ ମୋଟ ୩୨ଜଣ ଶ୍ରମିକଙ୍କ ମୃତ୍ୟୁ ଓ ୪୨ଜଣ ଆହତ ହୋଇଥିବାବେଳେ ୨୦୨୦ ମସିହାରେ ୪୭ଜଣଙ୍କ ମୃତ୍ୟୁ ଓ ୫୪ଜଣ



ଆହତ, ୨୦୨୧ରେ ୩୬ଜଣଙ୍କ ମୃତ୍ୟୁ ଓ ୩୫ଜଣ ଆହତ, ୨୦୨୨ ମସିହା ଅଦ୍ୟାବଧି ୩୬ଜଣଙ୍କ ମୃତ୍ୟୁ ଓ ୧୮ଜଣ ଆହତ ହୋଇଛନ୍ତି। ଏହି ସାଢ଼େ ୩ବର୍ଷ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୪ଜଣ ଶ୍ରମିକ, ସମ୍ବଲପୁର ଜିଲ୍ଲାରେ ୨୧ଜଣ, ଅନୁଗୁଳ ଜିଲ୍ଲାରେ ୧୫ଜଣ, ସମ୍ବଲପୁର ଜିଲ୍ଲାରେ ଯାଜପୁର ଜିଲ୍ଲାରେ ୯ଜଣଙ୍କର, ଝାରସୁଗୁଡ଼ା ଜିଲ୍ଲାରେ ୯ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସେହିପରି ଗତ ୨୦୧୯-୨୦ରୁ ୨୦୨୧-୨୨ ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଓ ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ପଞ୍ଜିକୃତ ହୋଇଥିବା ଶ୍ରମିକଙ୍କ ମଧ୍ୟରୁ ୧୭୩୬୫ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେମାନଙ୍କର ମନୋନୀତ ବ୍ୟକ୍ତି ବା ଉତ୍ତରାଧିକାରୀଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦରେ ମୋଟ ୨୭୨.୧୮କୋଟି ଟଙ୍କା ପ୍ରଦାନ କରାଯାଇଛି। କଟକ ଜିଲ୍ଲାରେ ସର୍ବାଧିକ ୧୪୨୯ଜଣଙ୍କୁ ୧୮.୩୧ କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଢେଙ୍କାନାଳ ଜିଲ୍ଲାରେ ୬୯୭ଜଣଙ୍କୁ ୧୦.୭୪କୋଟି ଟଙ୍କା, ବରଗଡ଼ ଜିଲ୍ଲାରେ ୬୧୩ଜଣଙ୍କୁ ୧୦.୪୬ କୋଟି ଟଙ୍କା, ନୂଆପଡ଼ାରେ ୬୭୪ଜଣଙ୍କୁ ୧୧.୧୨କୋଟି ଟଙ୍କା, ଖୋର୍ଦ୍ଧା ଜିଲ୍ଲାରେ ୬୬୬ଜଣଙ୍କୁ ୧୩.୨୯କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସାହୁ ବିଧାୟକ ପ୍ରଶାନ୍ତ ବେହେରାଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ଏହା କହିଛନ୍ତି।

# ଓଡ଼ିଶାର ଜଙ୍ଗଲ ଜମିରେ ଆନ୍ଧ୍ରର କାଜୁ ଚାଷ

**ଭୁବନେଶ୍ୱର :** କୋଟିଆ ପରେ କୋରାପୁଟ ସୀମାନ୍ତ ଉପରେ ଆନ୍ଧ୍ରପ୍ରଦେଶ ସରକାର ପାକାଇଛନ୍ତି ଲୋଲୁପ ଦୃଷ୍ଟି। ଓଡ଼ିଶାର ପାହାଡ଼ରେ କାଜୁ ଚାଷ କରୁଛି ଆନ୍ଧ୍ର। ଜଙ୍ଗଲ ଜମି ହାତେଇବାକୁ ବନ୍ଧୁଗାଁ ବ୍ଲକ୍ କାପାଲୋଡ଼ା ପଞ୍ଚାୟତର ରେବତୀଗୁଡ଼ାରେ ଏଭଳି ଚକ୍ରାନ୍ତ ଚଳାଇଛି ଆନ୍ଧ୍ର। ଜଙ୍ଗଲ ଜମିରେ ବେଆଇନ ଭାବେ ଆନ୍ଧ୍ର କରୁଛି କାଜୁ ଚାଷ। ପଞ୍ଚାୟତର ରେବତୀଗୁଡ଼ା ଗାଁରେ ୮୪ ଏକର ଘରୋଇ ଜମିଥିବା ବେଳେ ୩୧୮ଏକର ସରକାରୀ ଜମି ରହିଛି। ତେବେ ରାଜସ୍ୱ ବିଭାଗର ଜମି ସୁରକ୍ଷିତ ଥିବା ବେଳେ ଜଙ୍ଗଲ ବିଭାଗର ଜମିକୁ ଅକ୍ତିଆର କରି ରଖିଛି ଆନ୍ଧ୍ର। ସେଠାରେ ଏବେ କାଜୁ ଚାଷ କରାଯାଉଛି। ସେପଟେ ଜଙ୍ଗଲ ଜମି ପଟ୍ଟା ନଥିବାରୁ ନିଜେ ଚାଷବାସ କରିପାରୁ ନାହାନ୍ତି ଗାଁ ଲୋକେ।






# ବିଦ୍ୟୁତ ସଂଯୋଗରୁ ବଞ୍ଚିତ ୨.୭୯ ଲକ୍ଷ ପରିବାର

**ଭୁବନେଶ୍ୱର :** ରାଜ୍ୟର ୨.୭୯ଲକ୍ଷ ପରିବାର ଏବେ ବି ବିଦ୍ୟୁତ ସଂଯୋଗରୁ ବଞ୍ଚିତ। ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ଏହି ପରିବାର ପାଖରେ ବିଦ୍ୟୁତ ଆଲୋକ ପହଞ୍ଚି ପାରୁନି। ଯଦିଓ ୨୦୧୮ ଅକ୍ଟୋବର ୨ ଗାନ୍ଧି ଜୟନ୍ତୀ ସୁଦ୍ଧା ରାଜ୍ୟର ସମସ୍ତ ପରିବାରକୁ ବିଦ୍ୟୁତ ସଂଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଘୋଷଣା କରିଥିଲେ। ମାତ୍ର ୪ବର୍ଷ ପରେ ବି ରାଜ୍ୟର ଏତେ ସଂଖ୍ୟକ ପରିବାର ପାଖରେ ବିଦ୍ୟୁତ ନପହଂଚିବା ରାଜ୍ୟ ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି। ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ୨୦୧୮ ଜାନୁୟାରୀ ମାସରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ରାଜ୍ୟରେ ବିଦ୍ୟୁତ ସଂଯୋଗ ସ୍ଥିତିର ସମୀକ୍ଷା କରିଥିଲେ। ସେତେବେଳେ ରାଜ୍ୟର ମୋଟ ୪୭୬୭୭ଟି ଗାଁ ବା ଜନବସତିରୁ ୪୭୬୫୫ଟି ଗାଁକୁ ବିଦ୍ୟୁତିକରଣ ହୋଇଥିବା ଓ ବାକି ୨୨ଟି ଗାଁକୁ ସେହିବର୍ଷ ମାର୍ଚ୍ଚ ସୁଦ୍ଧା ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଆଉ ସବୁ ପରିବାରକୁ ବିଦ୍ୟୁତ ସଂଯୋଗ ନିମନ୍ତେ ବିଭାଗକୁ ଟାର୍ଗେଟ୍ ଦେଇଥିଲେ। ୨୦୧୮ ଗାନ୍ଧି ଜୟନ୍ତୀ ସୁଦ୍ଧା ସବୁ ପରିବାର ପାଖରେ ବିଦ୍ୟୁତ ସଂଯୋଗ ପହଂଚାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ୪ବର୍ଷ ବିତିବାକୁ ବସିଲାଣି, ଏବେବି ରାଜ୍ୟର ୨ଲକ୍ଷ ୭୮ହଜାର ୭୭୮ଟି ପରିବାର ପାଖରେ ବିଦ୍ୟୁତ ପହଂଚି ପାରିନି। ରାଜ୍ୟ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ବିଧାନସଭାରେ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ, ରାଜ୍ୟରେ



ସମସ୍ତ ରାଜସ୍ୱ ଗାଁକୁ ବିଦ୍ୟୁତକରଣ କରାଯାଇଛି। ମାତ୍ର କେତେକ ପଡ଼ା ଗାଁ, ପରିବାର ବିଦ୍ୟୁତିକରଣରୁ ବଞ୍ଚିତ ହୋଇଛନ୍ତି। ଜିଲ୍ଲାପାଳମାନଙ୍କ ତତ୍ତ୍ୱାବଧାନରେ ଏ ସମସ୍ତ ବିଦ୍ୟୁତ ସଂଯୋଗ ନହୋଇଥିବା ଗାଁ ବା ପରିବାରର ସର୍ଭେ କରାଯାଇଛି। ଏସବୁ ପଡ଼ା ଓ ପରିବାରକୁ ରାଜ୍ୟ ସରକାରଙ୍କ ବିଜୁ ଗ୍ରାମଜ୍ୟୋତି ଯୋଜନାରେ ବିଦ୍ୟୁତିକରଣ କରାଯିବ ବୋଲି ଶ୍ରୀ ଦେବ କହିଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୪୪୯୯୫ଟି ପରିବାର, ବାଲେଶ୍ୱରରେ ୩୧୧୩୮ଟି ପରିବାର, ରାୟଗଡ଼ାରେ ୧୫୫୬୯ଟି ପରିବାର, ସୁନ୍ଦରଗଡ଼ରେ ୧୬୬୦୯ଟି ପରିବାର, ବରଗଡ଼ରେ ୧୧୧୯୯ଟି ପରିବାର ବିଦ୍ୟୁତ ସଂଯୋଗରୁ ବଂଚିତ ଅଛନ୍ତି। ରାଜ୍ୟର ସବୁ ଜିଲ୍ଲାରେ ବିଦ୍ୟୁତ ସଂଯୋଗ ନଥିବା ପରିବାର ରହିଛି। ପ୍ରତି ଜିଲ୍ଲାରେ ୨ହଜାରୁ ୪୫ହଜାର ପର୍ଯ୍ୟନ୍ତ ପରିବାର ପାଖରେ ବିଦ୍ୟୁତ ସଂଯୋଗ ନଥିବା ମନ୍ତ୍ରୀ ଶ୍ରୀ ଦେବଙ୍କ ଉତ୍ତରରୁ ଜଣାପଡ଼ିଛି।






# ସସ୍ମିତ ପାତ୍ର ରାଜ୍ୟସଭାରେ ବିଜେଡି ନେତା

**ଭୁବନେଶ୍ୱର :** ରାଜ୍ୟସଭାରେ ବିଜେଡି ନେତା ନେତା ଭାବେ ସସ୍ମିତ ପାତ୍ରଙ୍କୁ ନିଯୁକ୍ତି ମିଳିଛି। ଶ୍ରୀ ପାତ୍ର ଏବେ ରାଜ୍ୟସଭା ଉପାଧ୍ୟକ୍ଷଙ୍କ ୮ଜଣିଆ ପ୍ୟାନେଲରେ ସଦସ୍ୟ ଅଛନ୍ତି। ବିଜେଡି ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ ଶ୍ରୀ ପାତ୍ରଙ୍କୁ ରାଜ୍ୟସଭାରେ ଦଳର ନେତା ଭାବେ ନିଯୁକ୍ତି ମିଳିଥିବାବେଳେ ଚଳିତମାସରେ ରାଜ୍ୟସଭା ସାଂସଦ ଭାବେ ଶପଥ ନେଇଥିବା ସୁଲତା ଦେଓଙ୍କୁ ଦଳର ମୁଖ୍ୟ ସଚେତକ ଦାୟିତ୍ୱ ମିଳିଛି। ଶ୍ରୀମତୀ ଦେଓ ପ୍ରଥମଥର ପାଇଁ ସାଂସଦ ହୋଇଥିବାବେଳେ ପୂର୍ବରୁ ତାଙ୍କର ବିଧାୟକ କିମ୍ବା ସାଂସଦ ଭାବେ କୌଣସି ଅଭିଜ୍ଞତା ନାହିଁ। ତଥାପି ବିଜେଡି ତାଙ୍କୁ ରାଜ୍ୟସଭାରେ ଦଳର



ମୁଖ୍ୟ ସଚେତକ ଭାବେ ନିଯୁକ୍ତି ଦେଇଛି। ସେହିପରି ସସ୍ମିତଙ୍କ ପ୍ରଥମ ଦଫାରେ ୩ବର୍ଷିଆ କାର୍ଯ୍ୟକାଳ ଶେଷ ହେବାପରେ ଜୁଲାଇ ୧୮ରୁ ତାଙ୍କର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକାଳ ଆରମ୍ଭ ହୋଇଛି। ତେବେ ରାଜ୍ୟସଭାରେ ବିଜେଡି ନେତା ପଦବୀ ପାଇଁ ସାଂସଦ ଅମର ପଟ୍ଟନାୟକ ଜୋରଦାର ଲବି କରୁଥିଲେ ମଧ୍ୟ ତାଙ୍କୁ ଶେଷରେ ନିରାଶ ହେବାକୁ ପଡ଼ିଛି। ସୂଚନାଯୋଗ୍ୟ, ରାଜ୍ୟସଭାରେ ବିଜେଡିର ୯ଜଣ ସାଂସଦ ଅଛନ୍ତି। ସେମାନଙ୍କ ମଧ୍ୟରେ ପ୍ରଶାନ୍ତ ନନ୍ଦ ଓ ମୁନ୍ନା ଖାନଙ୍କ ଭଳି ଅଭିଜ୍ଞ ରାଜନେତାଙ୍କୁ ଦଳ ଅଣଦେଖା କରିଛି। ପୂର୍ବରୁ ରାଜ୍ୟସଭାରେ ପ୍ରସନ୍ନ ଆଚାର୍ଯ୍ୟ ବିଜେଡି ନେତା ଥିଲେ। ତାଙ୍କ କାର୍ଯ୍ୟକାଳ ସରିବା ପରେ ଏହି ଦାୟିତ୍ୱ ଖାଲି ପଡ଼ିଥିଲା।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି